


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୧ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 01 MAY 2025

Vol.No. 36 ■ No.114 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ଜାତିଭିତ୍ତିକ ଜନଗଣନା କରିବେ କେନ୍ଦ୍ର ସରକାର:

# ୨୦୨୫ ଜନଗଣନାରେ ହେବ କାର୍ଯ୍ୟକାରୀ

ନୂଆଦିଲ୍ଲୀ, ୩୦।୪: କେନ୍ଦ୍ର ସରକାର ଏକ ଐତିହାସିକ ନିଷ୍ପତ୍ତି ନେଇ ଆସନ୍ତା ଜନଗଣନାରେ ଜାତିଭିତ୍ତିକ ଜନଗଣନା କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳର ରାଜନୈତିକ ବ୍ୟାପାର ସମିତି ଏହି ନିଷ୍ପତ୍ତିକୁ ଅନୁମୋଦନ ଦେଇଛି। ୨୦୨୫ରୁ ୨୦୨୬ ମଧ୍ୟରେ ଆରମ୍ଭ ହେବାକୁ ଥିବା ଜନଗଣନାରେ ଜାତି ଆଧାରିତ ତଥ୍ୟ ସଂଗ୍ରହ କରାଯିବ। କେନ୍ଦ୍ରୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସମ୍ବୋଧନ କରିବା ସମୟରେ ଏହା ସ୍ପଷ୍ଟ କରିଛନ୍ତି ଯେ, ଏହି ଜାତିଭିତ୍ତିକ ଜନଗଣନା ଦେଶରେ ସାମାଜିକ ନ୍ୟାୟ ଓ ସମାନତା ପାଇଁ ନୀତି ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେ ଆହୁରି କହିଛନ୍ତି ଯେ, କଂଗ୍ରେସ ପୂର୍ବରୁ ଏହାର ବିରୋଧ କରୁଥିଲା, କିନ୍ତୁ ମୋଦୀ ସରକାର ଏହି ପଦକ୍ଷେପ ନେଇ ଦେଶବାସୀଙ୍କୁ ଏକ ନୂଆ ଦିଗ ଦେବାକୁ ପ୍ରତିବଦ୍ଧ। ଜାତିଭିତ୍ତିକ ଜନଗଣନା ଦୀର୍ଘ ଦିନର ଏକ ଦାବି ରହି ଆସିଛି, ଯାହା ସାମାଜିକ ଓ ଅର୍ଥନୈତିକ ପଛୁଆବର୍ଗଙ୍କ ପାଇଁ ନୀତି ପ୍ରଣୟନରେ ସହାୟକ ହେବ ବୋଲି ବିଶ୍ୱାସ କରାଯାଉଛି। ଏହା ଦ୍ୱାରା ସରକାରୀ ଯୋଜନା ଓ ସୁବିଧାଗୁଡ଼ିକ ଅଧିକ ଯଥାର୍ଥ ଓ ଲକ୍ଷ୍ୟଭିତ୍ତିକ ଭାବେ ପହଞ୍ଚାଯାଇ ପାରିବ। ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ତେବେ, ଏହାର କାର୍ଯ୍ୟକାରୀତା ଓ ତଥ୍ୟ ସଂଗ୍ରହ ପ୍ରକ୍ରିୟାକୁ ନେଇ ମଧ୍ୟ ଆଲୋଚନା ଜାରି ରହିଛି। ସରକାର ଏହି ଜନଗଣନାକୁ ସଫଳ କରିବା ପାଇଁ ସମସ୍ତ ରାଜ୍ୟ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି। ଏହି ପଦକ୍ଷେପ ଦେଶରେ ସାମାଜିକ ଗତିଶୀଳତା ଓ ନ୍ୟାୟ ବଣ୍ଟନକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।




# ଅକ୍ଷୟ ତୃତୀୟାରେ ଚାଷୀଙ୍କୁ ମୋହନଙ୍କ ଭେଟି:

# ୫୧ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ଗଲା ଟଙ୍କା

ଭୁବନେଶ୍ୱର, ୩୦/୪ (ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟାରେ ରାଜ୍ୟର ଚାଷୀମାନେ ପାଇଛନ୍ତି ସିଏମ କିଷାନ ଟଙ୍କା। ୫୧ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ଯାଇଛି ୧୦୨୫ କୋଟି ଟଙ୍କା। ଏଥିପାଇଁ ଭୁବନେଶ୍ୱରରେ ଆୟୋଜିତ ସମାରୋହରେ ଯୋଗ ଦେଇ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଅକ୍ଷୟ ତୃତୀୟାରେ ମୋଟ ୫୧ ଲକ୍ଷ ଚାଷୀ ୧୦୨୫ କୋଟି ଟଙ୍କାର ସିଏମ୍ କିଷାନ ସହାୟତା ରାଶି ପାଇଛନ୍ତି। ମୁଖ୍ୟମନ୍ତ୍ରୀ ସି.ଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୪୯,୪୮୨ ସଂଖ୍ୟକ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ସହରାଞ୍ଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ପାଇଛନ୍ତି ସିଏମ କିଷାନ ଟଙ୍କା। ଭୁବନେଶ୍ୱର ବରମୁଣ୍ଡାରେ ଆୟୋଜିତ ଜାତୀୟ କୃଷକ ଦିବସରେ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

▶▶ପୃଷ୍ଠା ୭



# ପ୍ରକାଶ ପାଇଲା ଆଇସିଏସଇ ଓ ଆଇଏସସି ରେଜଲ୍ଟ

ନୂଆଦିଲ୍ଲୀ, ୩୦/୪ : ପ୍ରକାଶ ପାଇଲା ଆଇଏସସି, ଆଇସିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ। ଆଇଏସସିରେ ୯୯. ୦୯ ପ୍ରତିଶତ ପାସ୍। ଆଇସିଏସଇ ୯୯. ୦୨ ପ୍ରତିଶତ ଛାତ୍ରଛାତ୍ରୀ ପାସ ହୋଇଛନ୍ତି। ପୁଣି ଥରେ ପୁଅଙ୍କୁ ପଛରେ ପକାଇ ଆଗରେ ଝିଅ। ଆଇସିଏସଇରେ ଛାତ୍ରୀଙ୍କ ପାସ ହାର ୯୯ ଦଶମିକ ୩୭ ପ୍ରତିଶତ ଥିବା ବେଳେ ଛାତ୍ରଙ୍କ ପାସ ହାର ୯୮. ୮୪ ପ୍ରତିଶତ ରହିଛି। ଆଇଏସସିରେ ଝିଅଙ୍କ ପାସ ହାର



▶▶ପୃଷ୍ଠା ୭

# ସୁରକ୍ଷା ବାହିନୀଙ୍କୁ ବଡ ସଫଳତା:

# ମାଓମୁକ୍ତ ହେଲା କାରେଗୁଟ୍ଟା ପାହାଡ

ଛତିଶଗଡ଼ , ୩୦/୪ (ନି.ପ୍ର): ମାଓମୁକ୍ତ ହେଲା କାରେଗୁଟ୍ଟା ପାହାଡ। ସୁରକ୍ଷାବାହୀନିଙ୍କ କବଜାକୁ ଆସିଲା ଛତିଶଗଡ଼ ଓ ତେଲେଙ୍ଗାନା ସୀମାରେ ଥିବା ଏହି ପାହାଡ। ସୁରକ୍ଷାବାହୀନି ଏହି ପାହାଡକୁ ନିଜ କବଜାକୁ ନେଇଛି। ଜଣେ ଜବାନ ସେଠାରେ ତ୍ରୀରଙ୍ଗା ପତାକା ଉଡାଉଥିବା ଦେଖିବାକୁ ମିଳିଥିଲା। ଛତିଶଗଡ଼ ଓ ତେଲଙ୍ଗାନା ସୀମାରେ ଅବସ୍ଥିତ କାରେଗୁଟ୍ଟା ପାହାଡ଼, ଯାହା ଗତକାଲି ପର୍ଯ୍ୟନ୍ତ ନକ୍ସଲମାନଙ୍କର ଗୁପ୍ତ ଆଡ୍ଡା ଥିଲା, ତାହା ଏବେ ସୁରକ୍ଷା ବାହିନୀଙ୍କ ନିୟନ୍ତ୍ରଣରେ ଆସିଛି। ଏହି ଅଭିଯାନରେ ନକ୍ସଲମାନଙ୍କୁ ସେହି ଅଞ୍ଚଳରୁ ବାହାର କରାଯାଇଛି।

▶▶ପୃଷ୍ଠା ୭

# ଓସିଏସ୍-୨୦୨୩: ଆଉଥରେ ପରୀକ୍ଷା ଦେବେ ଆନ୍ଥ୍ରୋପୋଲୋଜି ପରୀକ୍ଷାର୍ଥୀ

ଭୁବନେଶ୍ୱର, ୩୦/୪ (ନି.ପ୍ର): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ୍ ସେବା ମେନ୍-୨୦୨୩ର ଆନଥ୍ରୋପୋଲୋଜି ପରୀକ୍ଷା ପୁଣି ଥରେ ଆୟୋଜନ ହେବ। ଏହି ପରୀକ୍ଷା ଆସନ୍ତା ୧୪ ତାରିଖରେ କରାଯିବ ବୋଲି ଓପିଏସ୍‌ସି କର୍ତ୍ତୃପକ୍ଷ ତରଫରୁ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଓପିଏସ୍‌ସି ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ୧୪ ତାରିଖ ଦିନ ଆନଥ୍ରୋପୋଲୋଜି ପାଇଁ ୨ଟି ପେପର ହେବ। ପ୍ରଥମ ପେପର ପୂର୍ବାହ୍ଣ ୯ଟାରୁ ମଧ୍ୟାହ୍ଣ ୧୨ଟା ଏବଂ ଦ୍ୱିତୀୟ ପେପର ଅପରାହ୍ଣ ୨ଟାରୁ ୫ଟା ଯାଏଁ ହେବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୭ ତାରିଖ ଦିନ ସିଭିଲ ସର୍ଭିସ୍ ସେବା ମେନ୍-୨୦୨୩ର ଆନଥ୍ରୋପୋଲୋଜିର ୨ଟି ପେପର ଥିଲା। ପୂର୍ବାହ୍ନ ୯ରୁ ୧୨ଟା ଆନଥ୍ରୋପୋଲୋଜି ପ୍ରଥମ ପେପର ପରୀକ୍ଷା ଥିଲା। ଅପରାହ୍ନ ୨ଟାରୁ ୫ଟା ଆନଥ୍ରୋପୋଲୋଜି ଦ୍ୱିତୀୟ ପେପର୍ ପରୀକ୍ଷା ଥିଲା। ମାତ୍ର ପ୍ରଥମ ପେପର ପରୀକ୍ଷାରେ କିଛି ପ୍ରଶ୍ନ ଦ୍ୱିତୀୟ ପେପରରୁ ଆସିଥିଲା। ଦ୍ୱିତୀୟ ପେପର ପରୀକ୍ଷାରେ ପ୍ରଥମ ପେପର କିଛି ପ୍ରଶ୍ନ ଆସିଥିବା ନେଇ ପରୀକ୍ଷାର୍ଥୀ ଅଭିଯୋଗ କରିଥିଲେ। ପ୍ରଥମ ସିଟିଂ ପରୀକ୍ଷା ପରେ ପରୀକ୍ଷାର୍ଥୀ ଅସନ୍ତୋଷ ଝାଡ଼ିଥିଲେ।

▶▶ପୃଷ୍ଠା ୭




## ମଇ ଦିବସ-୨୦୨୫ ଅବସରରେ
## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ ବିକଶିତ ଓଡ଼ିଶା-ବିକଶିତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମ୍ପାଟି)

OIPR: 15001/13/0622/2526

DADLS-19

## ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି। ଶ୍ରମ ହିଁ ସମୃଦ୍ଧିର ମୂଳଭିତ୍ତି। ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଆସନ୍ତୁ, ସମସ୍ତ ବର୍ଗର ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଆମର ଉଦ୍ୟମ ଜାରି ରଖିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0622/2526

# ବିଧାୟକଙ୍କ ଉପସ୍ଥିତିରେ ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ସଂପର୍କିତ ପଲ୍ଲୀସଭା

ଖୋର୍ଦ୍ଧା,୩୦/୪(ନି. ପ୍ର): ପ୍ରଧାନମନ୍ତ୍ରୀ ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନାରେ ଖୋର୍ଦ୍ଧା ବ୍ଲକର ୩ଟି ଗ୍ରାମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୨୫ଟି ସରକାରୀ ଯୋଜନା ତୁରନ୍ତ କାର୍ଯ୍ୟକାରୀ କରାଯିବ । ଏନେଇ ଆଜି ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମରେ ଏକ ଜରୁରୀ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରାବ୍ଧୀ ତନୟା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ କେନ୍ଦ୍ର ସରକାରଙ୍କ ଆଦିବାସୀ ଜନଜାତିମାନଙ୍କ ବିକାଶ ପାଇଁ ହୋଇଥିବା ଯୋଜନା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ବିଶେଷ କରି ସାମାଜିକ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବିଜୁଳୀ, ସାମାଜିକ ଓ ଆର୍ଥକ ସ୍ତରରେ ବିକାଶ ଦିଗରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନାରେ ଦେଶର ୬୩ହଜାର ଗ୍ରାମରେ ପ୍ରାୟ ୮୦ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବା ପାଇଁ ସ୍ଥିର କରାଯାଉଥିବା ବେଳେ, ସରକାରଙ୍କ ୧୭ବିଭାଗ ଏହି କାର୍ଯ୍ୟକ୍ରମର ତଦାରଖ କରିବ । ଆଜିର ଏହି କାର୍ଯ୍ୟକ୍ରମ ବ୍ରହ୍ମପୁରା ଓ ଶିଆଳିଆ ଗ୍ରାମର ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭ କରି ଖୋର୍ଦ୍ଧା ବ୍ଲକ ଅଧକ୍ଷ, ଉପାଧକ୍ଷ, ସ୍ଥାନୀୟ ସରପଂଚ, ସମିତି ସଭ୍ୟ ଓ ୱାର୍ଡ଼ ମେମ୍ବର ମାନେ ଯୋଗଦେଇଥିଲେ । ବିଶେଷ କରି ଗ୍ରାମରେ ଭିତିଭୂମିର ବିକାଶ କିଭଳି ଗ୍ରାମସଭାରେ ଗ୍ରାମ ଲୋକଙ୍କ ମତାମତକୁ ପ୍ରାଧାନ୍ୟ ଦେଇ କରାଯିବ ସେ ଦିନରେ ଅଧିକାରୀମାନେ ଯତ୍ନବାନ ହେବାକୁ ବିଧାୟକ ଶ୍ରୀ ଜଗଦେବ ପରାମର୍ଶ ଦେଇଥିଲେ । ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା କିଭଳି ତଳସ୍ତରରେ କାର୍ଯ୍ୟକାରି ହେବ ସେନେଇ ଆଲୋଚନା କରାଯାଇଥିଲା । ଏହି ଅବସରରେ ବ୍ରହ୍ମପୁରା ଆଖପାଖ ଗ୍ରାମର ଲୋକାମାନେ ଉପସ୍ଥିତ ରହି ସେମାନଙ୍କର ସାମୁହିକ ଓ ବ୍ୟକ୍ତିଗତ ସମସ୍ୟା ବିଧାୟକଙ୍କୁ ଦରଖାସ୍ତ ମାଧମରେ ଅଭିଯୋଗ କରିଥିବା ବେଳେ, ଏସବୁ ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ଶ୍ରୀ ଜଗଦେବ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଗ୍ରୀଷ୍ମକାଳୀନ ଭାରୋତ୍ତଳନ ଶିବିର ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୩୦/୪(ନି. ପ୍ର): ରାଜ୍ୟ ସରକାରଙ୍କ କ୍ରୀଡା ଯୁବ ସେବା ବିଭାଗ ତରଫରୁ ଓ ଜିଲ୍ଲା ପ୍ରଶାସନ(କ୍ରୀଡା ବିଭାଗ) ସହାୟତାରେ କେନ୍ଦ୍ରାପଡାସ୍ଥିତ ଶ୍ୟାମଗୁଡିଆଠାରେ ଥିବା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଚଳିତ ମାସ ଏପ୍ରିଲ୍ ୧୫ ତାରିଖରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ଭାରୋତଳନ ଶିବିର ୨୯ ତାରିଖରେ ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରର ଉଦ୍‌ଯାପନ ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ବାଳକ ଓ ବାଳିକା ଯୋଗ ଦେଇଥିଲେ । ଏହି ଶିବିରରେ ପ୍ରଶିକ୍ଷକ ଭାବେ ସ୍ୱୟଂପ୍ରଭା ମହାନ୍ତି ଯୋଗଦେଇ ବାଳକ ଓ ବାଳିକାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ୧୨ତମ ଅଲ୍ ଓଡ଼ିଶା ସୋନି ସାଗର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ : ଆଳି ଏକାଦଶ ଚମ୍ପିୟନ

କେନ୍ଦ୍ରାପଡ଼ା,୩୦/୪(ନି. ପ୍ର): କେନ୍ଦ୍ରାପଡା ସହରସ୍ଥ ସାନମଙ୍ଗଳା ଗ୍ରୀସ୍ ପିଲ୍ଡ ଠାରେ ରାଜ୍ୟସ୍ତରୀୟ ୧୨ତମ ସୋନି ସାଗର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଆଳି ଏକାଦଶ ମଢିଆଳର ନ୍ୟାସନାଲ କ୍ରିକେଟ୍ କ୍ଲବକୁ ହରାଇ ଅଲ୍ ଓଡିଶା ସୋନି ସାଗର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ଟ୍ରଫି ହାସଲ କରିଛି । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଫାଇନାଲ ମ୍ୟାଚରେ ଆଳି ଏକାଦଶ ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୧୦୦ରନ କରିଥିଲା । ଜବାବରେ ନ୍ୟାସନାଲ କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୭ ଓଭରରେ ୯୬ ରନ କରିଥିଲା । ଫଳରେ ଆଳି ଏକାଦଶ ୧୪ରନରେ ବିଜୟୀ ହୋଇଥିଲା । ଦେବାଶିଷ ପାଟଶାଣୀ ମ୍ୟାନ ଅଫ ମ୍ୟାଚ ହୋଇଥିଲେ । ସେହିପରି ଆକାଶଦିପ ପୃଷ୍ଟି ମ୍ୟାନ ଅଫ ଦି ସିରିଜ ହୋଇଛନ୍ତି । ଏହି ଟୁର୍ଣ୍ଣାମେଂଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୬ଟି ଟିମ୍ ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ଦୀପୁ ଏକାଦଶ କ୍ରିକେଟ୍ କ୍ଲବ, ମା’ ତାରିଣୀ ସ୍ପୋଟିଂ, ପିପିଲିର ହିନ୍ଦ ସ୍ପୋଟିଂ, ଦକ୍ଷିଣ ଏକାଦଶ, ବାବା ଏକାଦଶ, ଗୋରଖନାଥ ଏକାଦଶ, କଟକର ଟିସିସି, ଆଳି ଏକାଦଶ ମଧରେ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମ ସେମିଫାଇନାଲରେ ଗଣାମହଲ ବାଲାବାବା କ୍ରିକେଟ୍ କ୍ଲବକୁ ମଢିଆଳ ନ୍ୟାସନାଲ କ୍ରିକେଟ୍ କ୍ଲବ ହରାଇ ଫାଇନାଲକୁ ଉନ୍ନିତ ହୋଇଛି । ସେହିପରି ଦ୍ୱିତୀୟ ସେମିଫାଇନାଲରେ ମା’ ତାରିଣୀ ସ୍ପୋଟିଂକୁ ହରାଇ ଆଳି ଏକାଦଶ ଫାଇନାଲକୁ ଉନ୍ନିତ ହୋଇଥିଲା । ଫାଇନାଲ ମ୍ୟାଚରେ ମୁରଲୀଧର ସେଠୀ ଓ ସତ୍ୟମ ମହାପାତ୍ର ଅମ୍ପାୟାର ଖେଳ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧରେ ଏହି ଟୁର୍ଣ୍ଣାମେଂଟ ବରଦାକାନ୍ତ ବରାଳଙ୍କ ନେତୃତ୍ୱରେ ଜ୍ଞାନରଞ୍ଜନ ଜେନା, ରାକେଶ କୁମାର ବେହେରା ଧାରା ବିବରଣୀ ପ୍ରଦାନ କରିଥିବାବେଳେ ଶୁଭେନ୍ଦୁ ଦାସ ସ୍କୋରର ଭାବେ କାର୍ଯ୍ୟ କରିଥିଲେ ।

# ଅସ୍ପଷ୍ଟରେ ଆଇନ ବିଭାଗରେ ପଡିରହିଛି ରାମେଶ୍ୱର ରାମଚଣ୍ଡୀ ପୀଠର ଟ୍ରଷ୍ଟ ବୋର୍ଡ ଗଠନ ଫାଇଲ୍

ସମ୍ୱଲପୁର,୩୦/୪(ନି. ପ୍ର): ସରକାର ପ୍ରାଚୀନ ଆଧ୍ୟାତ୍ମିକ ପୀଠ ତଥା ଐତିହ ର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି ବୋଲି ଘୋଷଣା କରି ଏହାର ରକ୍ଷଣାବେକ୍ଷଣା କରୁଥିବା ନେଇ ପ୍ରଚାରପ୍ରସାର ହେଉଛି । ମାତ୍ର ବାସ୍ତବ କ୍ଷେତ୍ରରେ ଏଥିରେ ଘୋର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଘୋଷଣା ଓ ବାସ୍ତବ ଚିତ୍ର ରେ ଆକାଶ ପାତାଳ ଫରକ ଦେଖା ଯାଉଛି । ଅବିଭକ୍ତ ସମ୍ୱଲପୁର ଜିଲ୍ଲାର ଅନ୍ୟତମ ଆଦିପୀଠ କୁହାଯାଉଥିବା ଲପଙ୍ଗା ଗ୍ରାମରେ ଥିବା ୨ଶହ ବର୍ଷରୁ ଉର୍ଦ୍ଧ୍ୱ ରମେଶ୍ୱର ରାମଚଣ୍ଡି ପୀଠ ଏହାର ଜ୍ୱଳନ୍ତ ଉଦାହରଣ ଅଟେ । ଗତ ୮ମାସ ରୁ ଉର୍ଦ୍ଧ୍ୱ କାଳ ହେଲା ଏହି ପୀଠ ର ଟ୍ରଷ୍ଟ ବୋର୍ଡ ଗଠନ ଫାଇଲ୍ ରାଜ୍ୟ ଲ’ କମିଶନ ଦପ୍ତରରେ ଖତ ଖାଉଛି । ଫଳ ରେ ଏହି ଧର୍ମପୀଠ ର ରକ୍ଷଣାବେକ୍ଷଣ, ପରିଚାଳନା, ସେବାୟତ ମାନଙ୍କ ର ଦରମା ପ୍ରଦାନ, ପର୍ବପର୍ବାଣୀ ଆୟୋଜନ ଆଦି ରେ ସମସ୍ୟା ଦେଖାଦେଇଛି ବୋଲି ଟ୍ରଷ୍ଟବୋର୍ଡର ସଭାପତି , କର୍ମକର୍ତ୍ତା ଓ,ସଭ୍ୟ ମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଗତ ଅଗଷ୍ଟ ମାସ ରେ ଇନ୍ଟରିମ୍ ଟ୍ରଷ୍ଟ ବୋର୍ଡ ର କାର ?ୟକାଳ ଶେଷ ହେବା ପରେ ସମ୍ୱଲପୁର ର ଆସିଷ୍ଟାଂଟ ଦେବୋତର କମିଶନର ଙ୍କ ନିର୍ଦ୍ଦେଶ କ୍ରମେ ନୂତନ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇ ଦେବୋତର କମିଶନର ନବ ଗଠିତ ଟ୍ରଷ୍ଟ ବୋର୍ଡ କୁ ଅନୁମୋଦନ ପାଇଁ ସେପ୍ଟେମ୍ବର ମାସ ରୁ ରାଜ୍ୟ ଲ’ କମିଶନ ପାଖକୁ ଅନୁମୋଦନ ପାଇଁ ପଠାଇ ଛନ୍ତି । ଇତି ମଧ ରେ ୮ମାସ ବିତିବାକୁ ବସିଲାଣି କିନ୍ତୁ ସମ୍ୱଲପୁର ର ଆସିଷ୍ଟାଂଟ ଦେବୋତର କମିଶନର ରାଜ୍ୟ ଲ’ କମିଶନ ପାଖକୁ ଟ୍ରଷ୍ଟ ବୋର୍ଡ ଅନୁମୋଦନ ପାଇଁ ପଠାଇଥିବା ଲପଙ୍ଗା ରାମଚଣ୍ଡି ପୀଠ ର ଟ୍ରଷ୍ଟବୋର୍ଡ୍ ଗଠନ ଫାଇଲ ଅନୁମୋଦନ ନହୋଇ ଖତ ଖାଉଛି । ନବଗଠିତ ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତା ଏଥିପାଇଁ ଭୁବନେଶ୍ୱର କୁ ଅନେକଥର ଧାଁ ଦୌଡ କରି ଖର୍ଚ୍ଚାନ୍ତ ଓ ହଇରାଣ ହରକତ ହେଉଥିଲେ ବି କୌଣସି ସୁଫଳ ମିଳୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଧର୍ମ ପୀଠ ଗୁଡିକ ର ରକ୍ଷଣା ବେକ୍ଷଣ ଓ ପରିଚାଳନା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁ ଥିବାବେଳେ ବିଶାଶହେ କୁଳତା ସମାଜ ଆରାଧ ରଣେଶ୍ୱର ରାମଚଣ୍ଡି ପୀଠ ର ଟ୍ରଷ୍ଟ ବୋର୍ଡ ଫାଇଲ ଅନୁମୋଦନ ନହୋଇ ଫାଇଲ୍ ଶୀତଳଭଣ୍ଡାର ରେ ପଡି ରହିବା ସରକାର ଙ୍କ ତଥା କଥିତ ଘୋଷଣା ର ଅସଲ ସ୍ୱରୂପ କୁ ପଦା ରେ ପକାଇ ଦେଇଛି । ଉଲ୍ଲେଖ ଯୋଗ୍ୟ ଯେ ଅବିଭକ୍ତ ସମ୍ୱଲପୁର ଜିଲ୍ଲାରେ ଲପଙ୍ଗା,ମୁରା, କମଗାଁ ଓ ସରସରା ଆଦି ୪ଟି ଗ୍ରାମ ରେ ରଣେଶ୍ୱର ରାମଚଣ୍ଡି ଙ୍କ ପୀଠ ରହିଛି । ଏହି ଶକ୍ତିପୀଠ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ଆଧ୍ୟାତ୍ମିକ ଆସ୍ଥା,ଶ୍ରଦ୍ଧା, ବିଶ୍ୱାସ ର ପ୍ରତୀକ ଅଟେ । ଲପଙ୍ଗା ର ରାମଚଣ୍ଡି ପୀଠ ବ୍ୟତୀତ ସମ୍ୱଲପୁର ଜିଲ୍ଲାର ଲପଙ୍ଗାର ଜଗନ୍ନାଥ ମନ୍ଦିର ଓ ଶିବ ମନ୍ଦିରର ମଧ ଟ୍ରଷ୍ଟ ବୋର୍ଡ ଅନୁମୋଦନ ଫାଇଲ ଲ’ କମିଶନ ଦପ୍ତର ଗତ ୩ବର୍ଷ ହେଲା ଅନୁମୋଦନ ନହୋଇ ପଡିରହିଛି । ଏସବୁ ଧର୍ମପୀଠ ଗୁଡିକ ଫାଇଲ ବର୍ଷ ବର୍ଷ ଧରି କାହିଁକି ଅନୁମୋଦନ କରାଯାଉ ନାହିଁ । ଏହାର ପଛ ରେ କଣ ରହସ୍ୟ ଅଛି ବୋଲି ଜନସାଧାରଣ ପ୍ରଶ୍ନ ହେଉଛି । ଡବଲ୍ ଇଞ୍ଜିନ୍ ସରକାର ଏହାର ଶୀଘ୍ର ସମାଧାନ କରିବାକୁ ଦାବୀ ହେଉଛି ।

## ଆତଂକବାଦୀଙ୍କ ଗୁଳିରେ ନିହତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ,୩୦/୪(ନି. ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଆଲୋକ ଜ୍ୟୋତି ମହିଳା ମହାସଂଘ ପକ୍ଷରୁ ସୋମବାର ସନ୍ଧ୍ୟାରେ ଅତଂକବାଦୀଙ୍କ ଗୁଳିରେ ନିହତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ କ୍ୟାଣ୍ଡଲ ଶୋଭାଯାତ୍ରା କରାଯାଇଛି । ଏହି ଅବସରରେ ବ୍ଲକ ପରିସରରେ ଥିବା ମିଶନଶକ୍ତି ଗୃହରେ ମହାସଂଘ ସମ୍ପାଦିକା କଲ୍ୟାଣୀ ଦାସଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ମୁଖ୍ୟବକ୍ତା ଭାବେ ମହିଳା ନେତ୍ରୀ ତଥା ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତ୍ ଲତା ନାୟକ, ସମ୍ମାନିତ ଅତିଥି ଭାବେ ସରପଂଚ ପୁଷ୍ପାଞ୍ଜଳି ଲେଙ୍କା, ସମିତିସଭ୍ୟା ତିଳୋତମା ବେହେରା, ମହିଳା ମହାସଂଘ ସଭାନେତ୍ରୀ ବାସନ୍ତୀ ରାଉତ ପ୍ରମୁଖ ଯୋଗ ଦେଇ ଏପରି ଏକ ମର୍ମନ୍ତୁଦ ଘଟଣା ସମସ୍ତଙ୍କ ପାଇଁ ଦୁଃଖ ଆଣି ଦେଇଛି ବୋଲି କହିଥିବା ବେଳେ ଘଟଣାର ପୁନରାବୃତି ହେବା ଉଚିତ୍ ନୁହେଁ ବୋଲି କହିଥିଲେ । ପ୍ରଥମେ ମୃତ ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ମିଶନଶକ୍ତି ଗୃହ ଠାରୁ ମହମବତୀ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ସ୍ଥାନୀୟ ମା’ ଶ୍ୟାମାକାଳୀଙ୍କ ମନ୍ଦିର ନିକଟରେ ପହଂଚି ଆତ୍ମାର ସଦ୍‌ଗତି କାମନା କରିଥିଲେ । ଅନ୍ୟମାନଙ୍କ ମଧରେ କୁନିଲତା କୁଅଁର, ଶୁଭଲକ୍ଷ୍ମୀ ନାୟକ, ଅନସୂୟା ନାୟକ, ଶକୁନ୍ତଳା ଜେନା, ସ୍ୱର୍ଣ୍ଣଲତା ମଳିକ, ସ୍ୱର୍ଣ୍ଣପ୍ରଭା ଓଝା, ଦ୍ରୌପଦୀ ଜେନା, ଝରଣା ମହାଳିକ, ସ୍ୱର୍ଣ୍ଣଲତା ସାହୁ, ଜୟନ୍ତୀ ନାୟକ, ସ୍ମୃତିରେଖା ନାୟକଙ୍କ, ଶକୁନ୍ତଳା ଖୁଂଟିଆ, କନକଲତା ଖୁଂଟିଆଙ୍କ ସମେତ ବହୁ ମହିଳା ଶୋଭାଯାତ୍ରାରେ ଯୋଗ ଦେଇଥିଲେ ।

# କେନ୍ଦୁଝରରେ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ

କେନ୍ଦୁଝର,୩୦/୪(ନି. ପ୍ର): କେନ୍ଦୁଝରରେ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ଆଜି କେନ୍ଦୁଝର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ, କେନ୍ଦୁଝର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ରକ୍ତଦାନ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), କେନ୍ଦୁଝରର ଶ୍ରୀ ମନ୍ଦରଧର ମାହାଲିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ୫୧ ୟୁନିଟ ରକ୍ତ ସଂଗ୍ରହ କରଯାଇଥିଲା । ଏହାପରେ ଓଡିଶାରେ ସମବାୟ ଆନ୍ଦୋଳନକୁ ଅଗ୍ରଗାମୀ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭୂମିକା ଶୀର୍ଷକ ଏକ ସଭା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), କେନ୍ଦୁଝର ଶ୍ରୀ ମନ୍ଦରଧର ମାହାଲିକଙ୍କ ଅଧକ୍ଷ୍ୟତରେ ଆୟୋଜିତ ହୋଇଥିଲା । ଏହି ସଭାରେ ଅନ୍ୟ ମାନଙ୍କ ମଧରେ ସଭାପତି କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ, ଡ଼ି. ଡି.ଏମ ନାବାର୍ଡ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ପି. ଡି. ୱାଟରସେଡ, ଜି.ଏମ. ମିଲ୍କ ୟୁନିୟନ, ବରିଷ୍ଠ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଆନନ୍ଦପୁର ଓ ଚମ୍ପୁଆ ମଣ୍ଡଳ ଓ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ ଆନନ୍ଦପୁର ମଣ୍ଡଳ ଏବଂ ମୁଖ୍ୟବକ୍ତା ଭାବରେ ଅବସର ପ୍ରାପ୍ତ ପ୍ରଫେସର ବିଦ୍ୟାଧର ବେହେରା ଓ ପୂର୍ବତନ ଏ. ଜି. ଏମ. କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଶ୍ରୀ ସତ୍ୟନାରାୟଣ ମହାପାତ୍ର ଉପସ୍ଥିତ ଥିଲେ । ଜିଲ୍ଲାର ବିଭିନ୍ନ ସମବାୟ ସମିତିରୁ ସଭ୍ୟ/ସଭ୍ୟା ଓ କର୍ମକର୍ତ୍ତା ଯୋଗଦାନ କରିଥିଲେ । ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କ୍ଷେତ୍ରରେ ଦଳମତ ନିର୍ବିଶେଷରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା, ସମବାୟ ଆନ୍ଦୋଳନର ଭୂମିକା ସମ୍ପର୍କରେ ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ । ଏଥିସହିତ ମଧୁ ବାବୁଙ୍କ ଜୀବନୀ ଉପରେ ମଧ ଆଲୋକପାତ କରିଥିଲେ । ଉପ ନିବନ୍ଧକ ସମବାୟ ସମିତି ସମୂହ କେନ୍ଦୁଝରେ ସ୍ୱାଗତ ଭାଷଣ ଦେଇଥିଲେ ଓ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ ଆନନ୍ଦପୁର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଭାରେ ଉଖୁଣ୍ଡା ଲ୍ୟମ୍ପ୍ସକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନରେ ଉମ ପ୍ରଦର୍ଶନ ପାଇଁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା ।

# କେଶାଇବାହାଲରେ ସ୍ୱାଭିମାନ ଦିବସ ପାଳିତ

ସମ୍ବଲପୁର,୩୦/୪(ନି. ପ୍ର): କେସାଇବାହାଲ ବନ ଦୁର୍ଗା ମନ୍ଦିର ପରିସରରେ ସ୍ଥାନୀୟ ସମ୍ବାଦ ସାହିତ୍ୟ ଘରର ସଭାପତି ତୁଳସୀ ମଞ୍ଜରୀ ବହିଦାରଙ୍କ ସଭାପତିତ୍ୱରେ କୁଳବୃଦ୍ଧ ମଧୁ ସୂଦନ ଦାସଙ୍କ ଜୟନ୍ତୀକୁ ସ୍ୱାଭିମାନ ଦିବସ ଭାବରେ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମର ଆବାହକ ଅବସରପ୍ରାପ୍ତ ଉଦ୍ୟାନ ବିଭାଗ ଅଧିକାରୀ ରବୀନ୍ଦ୍ର କୁମାର ଦାସ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଏଥିରେ ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ , ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ , କୁଚିଣ୍ଡା ସମ୍ବାଦ ସାହିତ୍ୟ ଘର ସଭ୍ୟ ଶେଖର ବନମାଳୀ ନାମ ଦେଓ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ସ୍ୱାଭିମାନୀ ହୋଇ ସମାଜସେବା କରିବା ହିଁ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ ।

## କେନାଲ ଭିତରକୁ ପସିଲା ବସ: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଜୟପୁର,୩୦/୪(ନି. ପ୍ର): କେନାଲ ଭିତରକୁ ପସିଗଲା ଯାତ୍ରୀବାହି ବସ । ଜୟପୁର ଠାରୁ ଗଡପଦର ଯାଇ ପୁଣି ଗଡପଦର ଠାରୁ ଜୟପୁର ଅଭିମୁଖେ ଆସୁଥିବା ଲକ୍ଷ୍ମୀ ବସ କେନାଲ ଭିତରକୁ ପଶିଯାଇଥିଲା । ଯାତ୍ରୀଙ୍କ ସୂଚନା ଅନୁସାରେ, ବସ ଡ୍ରାଇଭର ନରହରି ଭତ୍ରା ହଟାତ୍ ଅସୁସ୍ଥ ଅନୁଭବ କରିବା ଦ୍ୱାରା ଭାରସାମ୍ୟ ହରାଇ ଆଜି ଦିନ ୧୨ଟା ୩୦ ମିନିଟ ସମୟରେ ବସ୍ ଟି କେନାଲ ଭିତରକୁ ପସି ଯାଇଥିଲା । ବସରେ ୨୦ ଜଣ ଯାତ୍ରୀ ବସିଥିବା ବେଳେ କେତେ ଜଣ ଆହତ ହୋଇଛନ୍ତି । କାହାର ବହୁତ କିଛି କ୍ଷୟକ୍ଷତି ହୋଇନଥିବା ଜଣାଯାଇଛି ।

# କେନ୍ଦୁଝରରେ ଆରମ୍ଭ ହେଲା ଜିଲ୍ଲାସ୍ତରୀୟ ‘ଏକ ଦେଶ, ଏକ ନିର୍ବାଚନ’ ଅଭିଯାନ

କେନ୍ଦୁଝର,୩୦/୪(ନି. ପ୍ର): ଦେଶରେ ଏକା ସଙ୍ଗରେ ସଂସଦୀୟ ନିର୍ବାଚନ ସହ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ କରିବାକୁ ଭାରତ ଏବେ ପୂର୍ଣ୍ଣମାତ୍ରାରେ ପ୍ରସ୍ତୁତ ହେଉଛି । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଏହି ଅଭିଯାନକୁ ସାକାର କରିବାକୁ ସାରା ଦେଶରେ ଜନମତାମତ ଓ ଜନପରାମର୍ଶ ଲୋଡୁଛି । ଏହି ପରିପ୍ରେକ୍ଷିରେ ଓଡ଼ିଶାରେ ମଧ ଅଭିଯାନ ଆରମ୍ଭ ହୋଇଛି । ସୋମବାର କେନ୍ଦୁଝର ଜିଲ୍ଲାରେ ଦଳ, ମତ, ପନ୍ଥ ନିର୍ବିଶେଷରେ ଜିଲ୍ଲାବାସୀଙ୍କ ଉପସ୍ଥିତିରେ ଏହି କାଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ବିଜେପିର ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ଅଧକ୍ଷତାରେ ଏବଂ ମାଳତୀ ଦେବୀ ଫାଉଣ୍ଡେସନ୍ ସ୍ୱେଚ୍ଛାସେବୀ ସଂଗଠନର ସହଯୋଗରେ ଏକ ଜିଲ୍ଲାସ୍ତରୀୟ ‘ଏକ ଦେଶ, ଏକ ନିର୍ବାଚନ ‘ ପାଇଁ ଜନ ମତାମତ ଲୋଡ଼ିବାକୁ ଆରମ୍ଭ ହୋଇଛି ପ୍ରୟାସ । ଏହି ଜନ ସମାବେଶରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକିର ମୋହନ ନାଏକ, ରାଜ୍ୟ ବିଜେପିର ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ଆନନ୍ଦପୁରର ପୂର୍ବତନ ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ ପ୍ରମୁଖ ଯୋଗ ଦେଇ ରାଷ୍ଟ୍ରହିତ ପାଇଁ ‘ଏକ ଦେଶ, ଏକ ନିର୍ବାଚନ ‘ ସକାଶେ ଆଇନ ପ୍ରଣୟନ ଉପରେ ସମବେତ ଜନତାଙ୍କୁ ମାର୍ଗଦର୍ଶନ କରିଥିଲେ । ‘ଏକ ଦେଶ, ଏକ ନିର୍ବାଚନ ‘ ଅଭିଯାନର କେନ୍ଦୁଝର ଓ ଭଦ୍ରକ ଜିଲ୍ଲା ସଂଯୋଜକ ପତଞ୍ଜଳୀ କର ଶର୍ମା ଏହି ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇ ଏହି ରାଷ୍ଟ୍ରୀୟ ଅଭିଯାନକୁ କିପରି ଜିଲ୍ଲାର ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଂଚାଯାଇ ପାରିବ, ସେଥିପାଇଁ ଜିଲ୍ଲା ନେତୃତ୍ୱ ଓ ଜିଲ୍ଲାବାସୀଙ୍କୁ ନିବେଦନ କରିଥିଲେ । ଅଗୁନୁ ମହାନ୍ତ ମଂଚ ପରିଚାଳନା କରିଥିବାବେଳେ ଏହି ସମାବେଶରେ ମାଳତୀ ଦେବୀ ଫାଉଣ୍ଡେସନ୍ ର ଆବାହକ ପ୍ରଣବ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ବିଜେପି ମିଡିଆ ପ୍ରଭାରୀ ବ୍ରଜ କିଶୋର ରାୟ ସମ୍ମିଳନୀ ସୁପରିଚାଳନା କରିଥିଲେ । ଜିଲ୍ଲାର ବିଭିନ୍ନ ଅଂଚଳରୁ ରାଜନୈତିକ, ସାମାଜିକ, ସାଂସ୍କୃତିକ ଆଦି ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ଏହି ସମାବେଶରେ ଯୋଗ ଦେଇଥିଲେ ।

## ବେଆଇନ୍ କରତକଳ ଉପରେ ଚଢାଉ: ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ

ଭଦ୍ରକ,୩୦/୪(ନି. ପ୍ର): ଭଦ୍ରକ ସାବରଙ୍ଗ ଥାନା ଅଧୀନସ୍ଥ ବେନ୍ତାଳ ଅଂଚଳରେ ଗତ କିଛିବର୍ଷ ଧରି ଚୋରା କରତକଳ ଚାଲିଆସୁଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଭଦ୍ରକ ବନ୍ୟପ୍ରାଣୀ ବିଭାଗ ଚଢାଉ କରିଛି । ଏହି ଚଢାଉରେ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଓ କାଠ ଜବତ ହୋଇଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ବେନ୍ତାଳ ଅଂଚଳରେ ଏହି ଚୋରା କରତକଳଟି ବାରମ୍ବାର ଚାଲିଆସୁଥିବାବେଳେ ବନ୍ୟପ୍ରାଣୀ ବିଭାଗ ଦ୍ୱାରା ଧରାପଡିଛି । ତେବେ ସେ ବହୁବାର ଧରାପଡିଥିଲେ ମଧ ପୁନର୍ବାର ନିଜର ଏହି ବେଆଇନ୍ କାର୍ଯ୍ୟ କରିଆସୁଥିବା ବିଷୟ ଜଂଗଲ ବିଭାଗ ଜାଣିପାରିଥିଲା । ଫଳରେ ଆଜି ଏସସିଏଫ୍ ସୁମିତ ମହାନ୍ତି, ରେଂଜର ପିତାମ୍ବର ନାୟକଙ୍କ ନେତୃତ୍ୱରେ ଆଗରପଡା ଫରେଷ୍ଟର ପ୍ରଶାନ୍ତ ମାଝୀ, ବାସୁଦେବପୁର ଫରେଷ୍ଟର ସୁଶୀଲ ସିଂ ଓ ଭଣ୍ଡାରିପୋଖରୀ ଫରେଷ୍ଟର କୃଷ୍ଣଚନ୍ଦ୍ର ବାସ୍କେଙ୍କ ସମତେ ପ୍ରୋଟେକସନ ସ୍କ୍ୱାର୍ଡ ଓ ସାବରଙ୍ଗ ଥାନା ପୁଲିସ୍ ଏହି କରତ କଳଟି ଉପରେ ଅଚାନକ ଚଢାଉ କରିଥିଲେ । ଏହି ଚଢାଉରେ ଫାଶୀ ଓ ଅର୍ଜୁନ ଜାତିର ପ୍ରାୟ ଏକ ଶହ ସିଫ୍ଟ ରାଉଣ୍ଡ ଲକ୍ ଜବତ ହୋଇଥିଲା ।

# ୨୦୨୬ ସୁଦ୍ଧା ମିଳିମିଳା-ରୁବେଲା ମୁକ୍ତ ଭବିଷ୍ୟତ ଗଠନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର,୩୦/୪(ନି. ପ୍ର): ଓଡିଶା ଜନସ୍ୱାସ୍ଥ୍ୟକୁ ସମ୍ପୂର୍ଣ୍ଣ ସୁଦୃଢ଼ କରିବା ଏବଂ ଭବିଷ୍ୟତ ପିଢ଼ିର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ମଙ୍ଗଳବାର ରାଜ୍ୟରେ ମିଳିମିଳା ଏବଂ ରୁବେଲା (ଏମଆର) ନିରାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏକ ବିସ୍ତୃତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସାମଗ୍ରୀର ଉନ୍ମୋଚନ କରିଛନ୍ତି । ଅପ୍ରେଲ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳନ କରାଯାଉଥିବା ବିଶ୍ୱ ଟୀକାକରଣ ସପ୍ତାହ ୨୦୨୫ର ଉତ୍ସବର ଏକ ଅଂଶ ଭାବରେ ଆଜି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୨୦୨୬ ସୁଦ୍ଧା ମିଳିମିଳା ଏବଂ ରୁବେଲାକୁ ସମ୍ପୂର୍ଣ୍ଣ ରୂପେ ପରାହତ କରିବା ପାଇଁ ଓଡ଼ିଶା ସଂକଳ୍ପବଦ୍ଧ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମହାଲିଙ୍ଗ ପ୍ରକାଶ କରିଛନ୍ତି । ଡ଼ଃ ମହାଲିଙ୍ଗ କହିଥିଲେ ଯେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ଏଫ୍ଏଚ୍ଏସ୍-୫) ଅନୁଯାୟୀ ଓଡିଶା ୯୦.୫% ଟୀକାକରଣ କଭରେଜ୍ ହାସଲ କରିପାରିଛି, ଯାହା ସମସ୍ତ ଭାରତୀୟ ରାଜ୍ୟ ମାନଙ୍କ ମଧ୍ୟରେ ସର୍ବାଧିକ । ଟୀକାକରଣ ଦ୍ୱାରା ପ୍ରତିରୋଧ କରି ହେଉଥିବା ରୋଗ ଠାରୁ ଶିଶୁମାନଙ୍କୁ ଦୂରେଇ ରଖିବା ସହ ଶାରିରୀକ ଅସୁସ୍ଥତା ଓ ମୃତ୍ୟୁହାର ହ୍ରାସ କରିବା ନିମନ୍ତେ ରାଜ୍ୟରେ ସର୍ବଦା ମହିଳା ଓ ଶିଶୁମାନଙ୍କର ଟୀକାକରଣକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରାଯାଇଛି । ଏହା ଏକ ପ୍ରମାଣିତ ସତ୍ୟ ଯେ , ଟୀକାକରଣ ହେଉଛି ସବୁଠାରୁ ସଫଳ ଏବଂ ସ୍ୱଳ୍ପଖର୍ଚ୍ଚରେ କାର୍ଯ୍ୟକାରୀ ହେଉଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା । ଆମେ ସମସ୍ତେ ମିଳିମିଶି ନିଶ୍ଚିତ କରିବା ଦରକାର ଯେ ରାଜ୍ୟର କୌଣସି ଶିଶୁ ଯେମିତି ଟୀକାକରଣରୁ ବଂଚିତ ନ ହୁଅନ୍ତୁ, ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସୂଚନା ଓ ଲୋକସମ୍ପର୍କ ଭଳି ଏକାଧିକ ସରକାରୀ ବିଭାଗର ପରସ୍ପର ସହଯୋଗୀ ଆଭିମୁଖ୍ୟ ଉପରେ ଏମଆର ନିରାକରଣ ମିଶନର ସଫଳତା ନିର୍ଭର କରେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

# ଗ୍ରୀଷ୍ମ ପ୍ରବାହ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗର ବ୍ୟାପକ ପ୍ରସ୍ତୁତି

## ଗ୍ରୀଷ୍ମପ୍ରବାହର ଆକ୍ରାନ୍ତଙ୍କ ପାଇଁ ପର୍ଯ୍ୟାପ୍ତ ଶଯ୍ୟା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୩୦/୪(ନି. ପ୍ର): ଆଗାମୀ ଗ୍ରୀଷ୍ମ ପ୍ରବାହ ଓ କ୍ରମାଗତ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜନସାଧାରଣଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି ସହିତ ବ୍ୟାପକ ଜନସଚେତନତାକୁ ପ୍ରାଧାନ୍ୟ ଦିଆଯାଉଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶକ୍ରମେ ଗ୍ରୀଷ୍ମ ପ୍ରବାହ ସମୟରେ ଜନଜୀବନର ସୁରକ୍ଷା ପାଇଁ ଆବଶ୍ୟକ ତ୍ୱରିତ ପଦକ୍ଷେପ, ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଆବଶ୍ୟକ ସ୍ୱାସ୍ଥ୍ୟ ସାମଗ୍ରୀର ସଂରକ୍ଷଣ ତାସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ (ଡିପିଏଚ୍) ଡା. ନୀଳକଣ୍ଠ ମିଶ୍ରଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ସ୍ଥାନୀୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ଅନୁଷ୍ଠିତ ହୋଇଯାଇଛି ।

ଅତ୍ୟଧିକ ଗରମର ଜନସ୍ୱାସ୍ଥ୍ୟ ପ୍ରଭାବକୁ ସୁପରିଚାଳନା କରିବା ପାଇଁ ଏକ ବ୍ୟାପକ ଆଭିମୁଖ୍ୟର ଆବଶ୍ୟକତା ଉପରେ ଡା. ମିଶ୍ର ଗୁରୁତ୍ୱାରୋପ କରିଥିଲେ । ଗ୍ରୀଷ୍ମ ପ୍ରବାହର ପ୍ରଭାବକୁ ହ୍ରାସ କରିବା ପାଇଁ ଇଂଟ୍ରାଭେନସ୍ ଫ୍ଲୁଇଡ୍, ଓରାଲ୍ ରିହାଇଡ୍ରେସନ୍ ସଲ୍ୟୁସନ୍ (ଓଆରଏସ୍), ଆବଶ୍ୟକୀୟ ଔଷଧ, ଏୟାର କୁଲର / ଶୀତତାପ ନିୟନ୍ତ୍ରିତ କକ୍ଷ ଏବଂ ସର୍ବୋପରି ପାୱାର ବ୍ୟାକଅପ୍ ସିଷ୍ଟମ୍ ଭଳି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାର ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ସ୍ୱାସ୍ଥ୍ୟ ବିଭାଗ ଯଥେଷ୍ଟ ପ୍ରଯତ୍ନଶୀଳ । ଏହାବ୍ୟତୀତ ଗ୍ରୀଷ୍ମପ୍ରବାହର ଆକ୍ରାନ୍ତଙ୍କ ପାଇଁ ପର୍ଯ୍ୟାପ୍ତ ଶଯ୍ୟା ପ୍ରସ୍ତୁତ କରି ରଖିବା ସହ ଚିକିତ୍ସାର ସମସ୍ତ ସୁବିଧା ସୁନିଶ୍ଚିତ କରିବାକୁ ସମସ୍ତ ୩୦ଟି ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ।

ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଗୁରୁତ୍ୱର ସହ ନେଇ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିଛି ବିଭାଗ । ଏହି ପ୍ରଶିକ୍ଷଣକୁ ତୃଣମୂଳସ୍ତର ଯାଏଁ ସମ୍ପ୍ରସାରିତ କରାଯାଉଛି ଯାହା ଫଳରେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଗ୍ରୀଷ୍ମଜନିତ ସ୍ୱାସ୍ଥ୍ୟ ସମସ୍ୟାର ତ୍ୱରିତ ଏବଂ ପ୍ରଭାବଶାଳୀ ଚିକିତ୍ସା ଜନସାଧାରଣଙ୍କୁ ଦେଇପାରିବେ ବୋଲି ଡା. ମିଶ୍ର ଆଶାବ୍ୟକ୍ତ କରିଛନ୍ତି । ଅତ୍ୟଧିକ ଗରମ ପରିଲକ୍ଷିତ ହେଉଥିବା ଅଞ୍ଚଳ ବିଶେଷ କରି ଖଣିଖାଦାନ ଥିବା ଅଞ୍ଚଳର ଜନସାଧାରଣଙ୍କୁ ଅତିରିକ୍ତ ସମ୍ବଳ ଏବଂ ସୁରକ୍ଷା ଯୋଗାଇ ଦେଇ, ସେହି ସ୍ଥାନଗୁଡିକରେ ବିଶେଷ ଧ୍ୟାନ ଦେବାପାଇଁ ପରାମର୍ଶ ଦିଆଯାଇଛି । ଏହା ସହିତ ଗ୍ରୀଷ୍ମ ପ୍ରବାହ ସମୟର ସମ୍ବେଦନତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କୁ ବ୍ୟବହାରିକ ପରାମର୍ଶ ପ୍ରଦାନ କରିବା ପାଇଁ ସାରା ରାଜ୍ୟରେ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇ.ଇ.ସି) ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟ ପ୍ରଶାସନମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅତୀତର ଅନୁଭୂତିରୁ ଶିକ୍ଷାଲାଭ କରି ସମସ୍ତ ପ୍ରସ୍ତୁତିକୁ ଠିକ୍ ସମୟରେ ଏବଂ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରିବା ଉପରେ ଡା. ମିଶ୍ର ଗୁରୁତ୍ୱାରୋପ କରିଥିଲେ ।

ଆଗାମୀ ଗ୍ରୀଷ୍ମ ପ୍ରବାହର ଆହ୍ୱାନର ମୁକାବିଲା ପାଇଁ ଆମେ ପ୍ରସ୍ତୁତ ଅଛୁ । ସ୍ୱାସ୍ଥ୍ୟକର୍ମୀ, ଜିଲ୍ଲା ଅଧିକାରୀ ଏବଂ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଆମେ ଠିକ୍ ସମୟରେ ଚିକିତ୍ସା ସହାୟତା ଯୋଗାଇଦେବା, ସଚେତନତା ସୃଷ୍ଟି କରିବା ଏବଂ ଅତ୍ୟଧିକ ଗରମର ପ୍ରଭାବକୁ ହ୍ରାସ କରିବା ପାଇଁ ସମସ୍ତ ଆବଶ୍ୟକ ଭିତିଭୂମି ଏବଂ ସମ୍ବଳ ଉପଲବ୍ଧ କରାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଡା. ମିଶ୍ର ଉଲ୍ଲେଖ କରିଛନ୍ତି ।

ଏହି ବୈଠକରେ ଉତାପ ଜନିତ ରୋଗର ନୋଡାଲ ଅଫିସର ଡା. ବସନ୍ତ ପ୍ରଧାନ, ରାଜ୍ୟ ସର୍ଭିଲାନ୍ସ ଅଫିସର ଡା. ଅଶୋକ ପାଇକରାୟ, ଅତିରିକ୍ତ ନିର୍ଦ୍ଦେଶିକା ଡା. ଶେଫାଳୀ ମଲ୍ଲିକ, ଅତିରିକ୍ତ ନିର୍ଦ୍ଦେଶିକା ଡା. ପ୍ରତିଭା ପ୍ରଧାନଙ୍କ ସମେତ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଧାରାବାହିକ:

ଭାଗ-୫୧

# ସଂକ୍ଷିପ୍ତ ଭାଗବତ କଥାମୃତ



### ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

**୨୩ଶ ଅଧ୍ୟାୟ**

**॥ ଯଦୁବଂଶ ॥**

ଏକଦା ରାଜ୍ୟରେ ଅନାବୃଷ୍ଟି ହେବାରୁ ରାଜା ଲୋମପାଦ ଋଷ୍ୟଶୃଙ୍ଗ ମହର୍ଷିଙ୍କୁ ଡକାଇ ଯଜ୍ଞ କରିବାରୁ ବର୍ଷା ହେଲା । ଏଣୁ ରାଜା ଲୋମପାଦ ସନ୍ତୁଷ୍ଟ ହୋଇ ଋଷ୍ୟଶୃଙ୍ଗଙ୍କୁ ତାଙ୍କ କନ୍ୟା ଶାନ୍ତା ସହିତ ବିବାହ କରାଇଥିଲେ । ସେ ମଧ୍ୟ ଅଯୋଧ୍ୟାର ରାଜା ଦଶରଥଙ୍କ ନିମନ୍ତେ ପୁତ୍ରେଷ୍ଟି ଯଜ୍ଞ କରିବାରୁ ଶ୍ରୀରାମ, ଲକ୍ଷ୍ମଣାଦି ଚାରିପୁତ୍ର ଜାତ ହୋଇଥିଲେ । ଯଯାତିଙ୍କ ଜ୍ୟେଷ୍ଠ ପୁତ୍ର ଯଦୁଙ୍କ ବଂଶରେ ମାନବ ଦେହଧାରୀ ପରମାତ୍ମା ଶ୍ରୀକୃଷ୍ଣ ଜନ୍ମ ଗ୍ରହଣ କଲେ । ଏହି ବଂଶରେ ଶଶବିନ୍ଦୁ ନାମକ ଜଣେ ପରାକ୍ରମୀ ରାଜା ଥିଲେ ଯାହାଙ୍କର ଦଶ ହଜାର ପତ୍ନୀ ଓ ଏକଲକ୍ଷ ସନ୍ତାନ ଥିଲେ । ଶଶବିନ୍ଦୁଙ୍କର ବଂଶଧର ଉଷନା ନିଜର ରାଜତ୍ୱ କାଳରେ ଶହେ ଅଶ୍ୱମେଧ ଯଜ୍ଞ କରିଥିଲେ । ଅନ୍ୟ ଜଣେ ବଂଶଧର ଜ୍ୟାମେଘ ଅପୁତ୍ରୀକ ଥିଲେ ହେଁ ପତ୍ନୀ ଶୈବ୍ୟାଙ୍କ ଭୟରେ ଅନ୍ୟ ପତ୍ନୀ ଗ୍ରହଣ କରିପାରୁନଥିଲେ । ଦିନେ ସେ ନିଜ ଶତ୍ରୁର କନ୍ୟାକୁ ହରଣ କରି ଆଣୁଥିବା ସମୟରେ ଶୈବ୍ୟା ରଥରେ ସେ ଝିଅ କିଏ ପଚାରନ୍ତେ ରାଜା ଭୟରେ ତୁମର ପୁତ୍ରବଧୂ କହିଦେଲେ । ରାଣୀ ଏଥିରେ ଭୟଙ୍କର ଅପମାନିତ ହେବାରୁ ରାଜା କହିଲେ ବିଶ୍ୱଦେବ ଓ ପିତୃଗଣଙ୍କ ଅନୁଗ୍ରହରେ ତୁମର ନିଶ୍ଚୟ ପୁତ୍ର ହେବ ଓ ଏହି କନ୍ୟା ତାକୁ ବିବାହ କରିବ । ସତକୁ ସତ ରାଣୀ ଅଚିରେ ଗର୍ଭବତୀ ହେବା ସହ ସମୟକ୍ରମେ ସୁନ୍ଦର ପୁତ୍ରଟିଏ ଜନ୍ମ ଦେଲେ । ସେହି ପୁତ୍ରର ନାମ ହେଲା ବିଦର୍ଭ । ସେ ବୟସପ୍ରାପ୍ତ ହୋଇ ପିତାଙ୍କ ନିର୍ଦ୍ଦେଶିତ କନ୍ୟାକୁ ବିବାହ କଲେ ।

**୨୪ଶ ଅଧ୍ୟାୟ**

**॥ ଶ୍ରୀ ଭଗବାନଙ୍କର ଅବତାର ଗ୍ରହଣ ॥**

ସାକ୍ଷାତ ଧର୍ମ ଯେପରି ଅଷ୍ଟବସୁଙ୍କୁ ସୃଷ୍ଟି କରିଥିଲେ ସେହିପରି ଯଦୁବଂଶୀ ବାସୁଦେବ, ଦେବକୀ ଗର୍ଭରେ ଅଷ୍ଟପୁତ୍ର ଜନ୍ମ ନେଇଥିଲେ । ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଅଷ୍ଟମ ପୁତ୍ର ରୂପେ ଜନ୍ମନେଇ କଂସାଦି ବଧ କରି ପୃଥିବୀର ଭାରା ନିବାରଣ କରିଥିଲେ । ଶ୍ରୀ ଶୁକଦେବ କହିଲେ, ହେ ରାଜନ, ସଂସାରରେ ଭଗବାନଙ୍କର ମାୟା ବିକାଶ ମଧ୍ୟ ଜୀବ ପ୍ରତି ପରମ ଅନୁଗ୍ରହ । କାରଣ ତାଙ୍କର ମାନବ ଲୀଳା ଦର୍ଶନ, ଜୀବଗଣଙ୍କର ଅନାୟାସ ଲବ୍ଧ ମୋକ୍ଷର କାରଣ ହୋଇଥାଏ । ମିତ୍ର ଶତ୍ରୁ ଉଭୟେ ଭାବରେ ଜୀବ ତାଙ୍କୁ ପ୍ରାପ୍ତ ହୋଇ ମୁକ୍ତଲାଭ କରେ । ଦେବତାମାନେ ଯେଉଁ କାର୍ଯ୍ୟରେ ମୀମାଂସା କରି ନପାରନ୍ତି ଭଗବାନ ଶ୍ରୀହରି ଶଙ୍କର୍ଷଣଙ୍କ ସହ ମିଳି ତାହା ସହଜରେ ସମ୍ପାଦନ କରିଥାନ୍ତି । (ସମାପ୍ତ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ବାସ୍ତବରେ ସତ୍ୟ କଣ ?



### ଶ୍ୱେତା ରାଉତ୍

ଆମେ କଥାରେ କହିଥାଉ 'ଯାହା ନଦେଖିବୁ ବେନି ନୟନେ,ପରତେ ନଯିବୁ ଆନ ବଚନେ' ଅର୍ଥାତ୍ ଯାହା ଆମେ ଆଖିରେ ଦେଖିବା,ତାହା ହିଁ ସତ୍ୟ।କିନ୍ତୁ ଜୀବନ ଚକ୍ରରେ ଈଶ୍ୱରଙ୍କ ନୀତି କିଛି ଅଲଗା।ଯାହା ଆଖିକୁ ଦେଖାଯାଉଛି ସବୁ ମିଛ,ସବୁ ଧୋକା,ସବୁ ଭ୍ରମ,ସବୁ ମାୟା।ଜଣେ ସୁଯୋଗ୍ୟ ସଫଳ ପୁରୁଷର ଉଚ୍ଚ ପଦବୀ,ଜଣେ ସୁନ୍ଦରୀ ସ୍ତ୍ରୀର କଳ୍ପନୀୟ ସୋନ୍ଦର୍ଯ୍ୟ, ଜଣେ ରାଜାର ବିରାଟ ସାମ୍ରାଜ୍ୟ,ଧନୀ ଲୋକର ପ୍ରତିପତ୍ତି, ଗରୀବର ଚାଳ ଘର,ଖଟ, ପଲଙ୍କ, ଆସବାବ ଯାହା ଏ ଆଖି ଦେଖୁଛି, ଯାହା ଅଗ୍ନିରେ ସ୍ୱାହା ହୋଇ ପାରିବ ସବୁ ମିଛ।କାରଣ ଆମକୁ ଦେଖାଯାଉଥିବା ଏ ଶରୀର ବି ସ୍ୱାହା ହୋଇ ମୁଠେ ପାଉଁଶ ପାଲଟି ଯାଏ। ଏ ଶରୀର ଭିତରେ ରହି ଯିଏ ଶରୀରକୁ ଚଳାଉଥାଏ, ତାହା ହିଁ ସତ୍ୟ, ଯାହା ଆମକୁ ଦେଖାଯାଏନାହିଁ କି ଆମେ ଛୁଇଁ ପାରିବା ନାହିଁ। ଯେମିତି ଟିଭି, ଫ୍ୟାନ, କୁଲର,ଏସି ଆଦି ଭିନ୍ନ ଭିନ୍ନ ଇଲେକ୍ଟ୍ରି ଉପକରଣ ଯାହାକୁ ଆମେ ଦେଖିପାରୁ, ଛୁଇଁପାରୁ ଏବଂ ଏହା ଅଗ୍ନିରେ ସ୍ୱାହା ବି ହୋଇପାରେ। ତେଣୁ ଏ ସବୁ ଉପକରଣ ସଂସାରର ଭ୍ରମ। କିନ୍ତୁ ଏ ସବୁ ଭିନ୍ନ ଉପକରଣ ଗୋଟିଏ ସୋର୍ସ ବା ଉତ୍ସ ବିଦ୍ୟୁତ୍‌ରେ ଚାଲେ, ବିଦ୍ୟୁତ୍ ଶକ୍ତି ହିଁ ସତ୍ୟ, ଯାହାକୁ କେହି ଦେଖି ପାରେ ନାହିଁ କି ଛୁଇଁ ପାରେ ନାହିଁ।

ଆମେ ସବୁବେଳେ ଉପକରଣ ମୋହରେ ପଡ଼ିଯାଉ,ବସ୍ତୁକୁ ଭଲ ପାଉ। ଯାହା ନଷ୍ଟ ହୋଇଯାଏ, ଭାଙ୍ଗିଯାଏ, ଜଳିଯାଏ, ଯାହା ସଂସାରର ଭ୍ରମ, ତାକୁ ହାସିଲ କରିବାକୁ ପାଗଳ ହୋଇଯାଉ,ବାହ୍ୟ ଆନନ୍ଦର ମୋହରେ ମନାନ୍ତର, ମତାନ୍ତର, କଳହ, ଚୋରି, ଡକାୟତି, ହତ୍ୟା ଆଦି ଅସାମାଜିକ କାର୍ଯ୍ୟ କରି ବସୁ। କିନ୍ତୁ ଯାହା ବାସ୍ତବିକ ସତ୍ୟ (ଆମ ଆତ୍ମା) ତା ପ୍ରତି ଆମର ନଜର ନଥାଏ। ଆମ ମନ, ବିବେକ, ବିଚାର, ବୁଦ୍ଧି ଏସବୁ ଆମକୁ ଦେଖାଯାଏ ନାହିଁ କିନ୍ତୁ ଏହାହିଁ ବାସ୍ତବିକ ସତ୍ୟ, ଯାହାକୁ ଆମେ ଗୁରୁତ୍ୱ ଦେଉନାହେଁ। ଯାହା ମଣିଷର ସଫଳତା ଓ ବିଫଳତା ନିର୍ଦ୍ଧାରଣ କରିଥାଏ। ମୃତ୍ୟ ପରେ ବି ଯାହାର ମୃତ୍ୟୁ ନାହିଁ, ସେଇ ଚେତନା ତ ଆମକୁ ନିୟନ୍ତ୍ରଣ କରେ।

କିନ୍ତୁ ଆଜି ଯେତେବେଳେ ମଣିଷ ମୂର୍ଖ ଭଳି ଚେତନା ରୂପୀ ଈଶ୍ୱରଙ୍କ ଉପସ୍ଥିତିକୁ ମାନିବାକୁ ଅସ୍ୱୀକାର କରୁଛି, ବହୁତ ଦୁଃଖ ଲାଗୁଛି। ଏ ଚନ୍ଦ୍ର, ସୂର୍ଯ୍ୟ, ପୃଥିବୀ, ସାଗର, ଆକାଶ କଣ ମନୁଷ୍ୟ କୃତ ନା କେବେ ମଣିଷ ଏମିତି ସର୍ଜନା ସମ୍ଭବ କରିପାରିବ ? ତେବେ ସୃଷ୍ଟି ଅଛି ମାନେ ସୃଷ୍ଟି କର୍ତ୍ତା ଅଛନ୍ତି, ଏକଥା ସମସ୍ତେ ସ୍ୱୀକାର କରି ସୂକ୍ଷ୍ମ ସ୍ୱରୂପରେ ଚେତନା ଭାବରେ ଈଶ୍ୱର ଆମ ଭିତରେ ବିଦ୍ୟମାନ ବୋଲି ବିଶ୍ୱାସ ରଖିଲେ ବାସ୍ତବିକ ସତ୍ୟ ସହିତ ଆମେ ପରିଚିତ ହୋଇ ପାରିବା।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଶ୍ରମିକ ଓ ଶ୍ରମକ୍ଷେତ୍ର

### ଯୁଧିଷ୍ଠିର ମହାରଣା

ଆଜି ହେଉଛି ଶ୍ରମିକ ଦିବସ। ଶତାଧିକ ବର୍ଷ ତଳେ ପ୍ରଥମେ ଆମେରିକାରେ ଶ୍ରମିକମାନେ ଶ୍ରମଦାନର ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ ଦାବିରେ ଯେଉଁ ସଫଳତା ହାସଲ କରିଥିଲେ ତାହାକୁ ନେଇ ଶ୍ରମିକ ଦିବସର ସୃଷ୍ଟି। ଏହାମଧ୍ୟ ମଇ ଦିବସ ନାମରେ ଜଣାଶୁଣା। ମଇ ପହିଲାରେ ସାରା ବିଶ୍ୱରେ ଶ୍ରମିକ ଦିବସ ପାଳିତ ହୋଇଥାଏ। ତେବେ ଆମର କହିବାର କଥା ହେଲା ଯେ, ଶ୍ରମିକମାନେ ଯୁଗେ ଯୁଗେ ଶ୍ରମଦାନ କରି ସମାଜକୁ ଓ ଏହାର ଅର୍ଥନୀତିକୁ ବଳିଷ୍ଠ କରିଥାନ୍ତି। ସେମାନଙ୍କ ରକ୍ତ ଓ ଝାଳବୁହା ପରିଶ୍ରମରେ ଏ ସମାଜର ବଡ଼ ବଡ଼ କଳକାରଖାନା, ରାସ୍ତାଘାଟ, ବନ୍ଧ, ଆପାର୍ଟମେଣ୍ଟ ଆଦି ନିର୍ମାଣ ହୋଇଥାଏ। ଆଇନଗତ ସୁବିଧା ସତରେ କେତେ ପ୍ରତିଶତ ଶ୍ରମିକଙ୍କୁ ମିଳୁଛି। ଆମ ଦେଶରେ ସାତଭାଗ ଶ୍ରମିକ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିଲାବେଳେ ଆଉ ୯୩ ଭାଗ ହେଉଛନ୍ତି ଅସଂଗଠିତ ଶ୍ରମିକ। ତେଣୁ ସିଂହଭାଗ ଶ୍ରମ ଆଇନ ପରିଧି ଭିତରକୁ ଆସୁନାହାନ୍ତି। ଏହି ଅସଂଗଠିତ ଶ୍ରମିକମାନଙ୍କ ଚାକିରି ନିରାପତ୍ତା, ମଜୁରୀ, ସାମାଜିକ ସୁରକ୍ଷା ଆଦି ନେଇ କୌଣସି ବିଧିବଦ୍ଧ ବ୍ୟବସ୍ଥା ନାହିଁ କହିଲେ ଚଳେ। ଶ୍ରମ ଆଇନ ମଧ୍ୟ ଏମାନଙ୍କ କ୍ଷେତ୍ରରେ ଲାଗୁ ହୁଏ ନାହିଁ।

ଶ୍ରମିକ, ଯେଉଁମାନେ ନିର୍ମାଣ କରିଥାନ୍ତି ବିଶ୍ୱକୁ। ରାତି ଦିନ ଏକ କରି ମୁଣ୍ଡଝାଳ ତୁଣ୍ଡରେ ମାରି ଅକ୍ଲାନ୍ତ ପରିଶ୍ରମ କରିଥାନ୍ତି। ଖରା, ବର୍ଷା, କିନ୍ତୁ ସେମାନଙ୍କ ସୁରକ୍ଷା ଓ ସ୍ୱାର୍ଥରକ୍ଷା ପ୍ରତି କିଛି ବି ପଦକ୍ଷେପ ନିଆଯାଉନାହିଁ।

ଏହି ସବୁ ଶ୍ରମିକଙ୍କ ଲାଗି ସାମାଜିକ ସୁରକ୍ଷା ଆଇନ-୨୦୦୮ ପ୍ରଣୟନ କରାଯାଇଥିଲେ ହେଁ ତାହା ମଧ୍ୟ କାଗଜପତ୍ର ମଧ୍ୟରେ ସୀମାବଦ୍ଧ ବୋଲି କୁହାଯାଇପାରେ। ଅଥଚ ଅନ୍ୟପକ୍ଷରେ ଜାତୀୟ ଆୟର ୬୦ ଭାଗ ଅବଦାନ ଏହି ଅସଂଗଠିତ ଶ୍ରମିକଙ୍କ ଶ୍ରମଦାନର ଫଳ ବୋଲି କୁହାଯାଇପାରେ। ତେବେ ଅସଲ ପ୍ରଶ୍ନଟି ହେଲା, ଏହି ଶ୍ରମିକମାନଙ୍କ ସୁବିଧା ପାଇଁ ସରକାର କ'ଣ କରିଛନ୍ତି କରୁଛନ୍ତି ଓ କରିବେ ? ଏବେ ଭାରତବର୍ଷରେ ଉଦାରୀକରଣ, ଜଗତୀକରଣ ଓ ଘରୋଇକରଣ ଅର୍ଥନୀତି କାର୍ଯ୍ୟକାରୀ ହେଉଛି।



ଏପରିକି ଏ ବିଶ୍ୱର ଯେତେଗୁଡ଼ିଏ କୀର୍ତ୍ତିରାଜି ଏ ପର୍ଯ୍ୟନ୍ତ ଅତ୍ୟନ୍ତ ମନୋରମ ଭାବେ ପରିଚିତ ସେଗୁଡ଼ିକ ମଧ୍ୟ ଏହି ଶ୍ରମିକମାନଙ୍କ ଅବଦାନ। ତାହା କୋଣାର୍କର ସୂର୍ଯ୍ୟ ମନ୍ଦିର ହୋଇପାରେ ବା ଲଣ୍ଡନ ଟାୱାର ହୋଇପାରେ ଅଥବା ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର ହୋଇପାରେ। ସବୁଠି ଶ୍ରମିକମାନଙ୍କ ଅବଦାନ ନିହିତ। ସେପରିସ୍ଥଳେ ଶ୍ରମିକମାନେ କିଭଳି ଅର୍ଥନୈତିକ ସ୍ତରରେ ସବଳ ହୋଇପାରିବେ ଏବଂ ସମାଜରେ ସମ୍ମାନଜନକ ଭାବେ ଜୀବନ ଅତିବାହିତ କରିବା ସହ ପରିବାର ପ୍ରତିପୋଷଣ କରିପାରିବେ ସେଥିଲାଗି ବିଧିବଦ୍ଧ ଆଇନ ଆନ୍ତର୍ଜାତିକ ସ୍ତରରେ ରହିଥିଲେ ହେଁ ଭାରତବର୍ଷରେ ତାହା ଲାଗୁ ହୋଇପାରିବ ନାହିଁ। ଆନ୍ତର୍ଜାତିକ ଶ୍ରମ ପ୍ରତିଷ୍ଠାନ ଆଇନ କେବଳ କାଗଜପତ୍ର ଭିତରେ ସୀମିତ। ଏହା ବ୍ୟତୀତ ଆମ ଦେଶରେ ମଧ୍ୟ ଶ୍ରମିକ କ୍ଷତିପୂରଣ ଆଇନ-୧୯୨୩, ଟ୍ରେଡ଼ ୟୁନିୟନ ଆଇନ-୧୯୨୬, ମଜୁରୀ ପ୍ରଦାନ ଆଇନ-୧୯୪୮, ଇପିଏଫ ଓ ଅନ୍ୟାନ୍ୟ ବ୍ୟବସ୍ଥା ନେଇ ଆଇନଗତ ସୁବିଧା କରାଯାଇଛି। କିନ୍ତୁ ପ୍ରଶ୍ନ ଉଠୁଛି ଯେ ଏହି ଶୀତ ହେଉ ଅବା କାକର କାହାର ବି ପ୍ରଭାବ କାଟୁ କରି ନଥାଏ ଏମାନଙ୍କୁ। ସମାଜର ତଳସ୍ତରରେ ରହି ସମାଜ ଗଠନରେ ଏକ ଗୁରୁ ଦାୟିତ୍ୱ ନେଇଥାନ୍ତି ଏହି ଶ୍ରମିକମାନେ। ଶ୍ରମିକମାନେ ହେଲେ ଆଧୁନିକ ଯୁଗର ବିଶ୍ୱକର୍ମା। ଏମାନଙ୍କ ବିନା ସୃଷ୍ଟିର କଳନା କରିବା ବୃଥା। ହେଲେ ଦୁନିଆକୁ ଗଢୁଥିବା ଏହି ଶ୍ରମିକର ମୁଣ୍ଡ ଗୁଞ୍ଜିବାକୁ ବି ନଥାଏ ନିଜସ୍ୱ ଏକ ଘର। ୧୮୮୬ ମସିହାରେ ପ୍ରଥମେ ଶ୍ରମିକଙ୍କ କାର୍ଯ୍ୟ ସମୟ ୧୨ରୁ ୧୬ ଘଣ୍ଟା ପରିବର୍ତ୍ତେ ଆଠ ଘଣ୍ଟାକୁ କମାଇବା ନେଇ ଶ୍ରମିକ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏହା ପରଠାରୁ ଶ୍ରମ ଆଇନ ଗଠନ କରାଯାଇ ଶ୍ରମିକମାନେ ଆଠଘଣ୍ଟା କାର୍ଯ୍ୟ, ଆଠଘଣ୍ଟା ବିଶ୍ରାମ ଓ ଆଠ ଘଣ୍ଟା ମନୋରଞ୍ଜନ କରିବେ ବୋଲି ଘୋଷଣା କରାଯାଇଥିଲା। ତେବେ ଆଜିର ନବ ଉଦାରବାଦୀ ଅର୍ଥନୀତି ଭିତରେ ଶ୍ରମ ଆଇନରେ ପରିବର୍ତ୍ତନ ଦେଖାଦେଇଛି। ନୂଆ ନୂଆ ବିଦେଶୀ କମ୍ପାନୀଙ୍କ ପ୍ରବେଶ ପରେ ସେଠାରେ ଶ୍ରମିକମାନଙ୍କୁ ଆଠଘଣ୍ଟା ପରିବର୍ତ୍ତେ ୧୨ଘଣ୍ଟାରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ବାଧ୍ୟ କରାଯାଉଛି। ସେପରିସ୍ଥଳେ ପ୍ରଚଳିତ ଶ୍ରମ ଆଇନକୁ ନିଜ ବାଟରେ ନେବା ଲାଗି ଅନେକ କର୍ପୋରେଟ ହାଉସ ଓ ପୁଞ୍ଜିପତି ଯେ ଉଦ୍ୟମରତ ତାହା କହିବା ଅନାବଶ୍ୟକ। ଏହି ଦୃଷ୍ଟିକୋଣରୁ ଆମେ ଏଠାରେ କହି ରଖୁ, ଉଭୟ କେନ୍ଦ୍ର ସରକାର ଓ ସବୁ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। ଶ୍ରମ ନିର୍ଘଣ୍ଟ, ନିଯୁକ୍ତି, ମଜୁରୀ, ପେନ୍‌ସନ, ସ୍ୱାସ୍ଥ୍ୟ ସୁବିଧା ଆଦି ସେମାନଙ୍କୁ ଯୋଗାଇଦେବା ନିତାନ୍ତ ଜରୁରୀ। ଅବଶ୍ୟ ଓଡ଼ିଶା ପରିପ୍ରେକ୍ଷୀରୁ ଦେଖିଲେ ରାଜ୍ୟ ସରକାର ସମ୍ପ୍ରତି ଅସଂଗଠିତ ନିର୍ମାଣ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଲାଗି କେତେଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି ଯାହା ସ୍ୱାଗତଯୋଗ୍ୟ। କିନ୍ତୁ ସେତିକିରେ ରାଜ୍ୟ ସରକାର ଆତ୍ମତୃପ୍ତି ଲାଭ କରିବା ଅନୁଚିତ। ବରଂ ନିର୍ମାଣ ଶ୍ରମିକଙ୍କ ସହିତ ଅନ୍ୟ ଶ୍ରମିକମାନଙ୍କୁ ମଧ୍ୟ ତୁଳନାତ୍ମକ ବିଚାର ସହିତ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବା ନିତାନ୍ତ ଆବଶ୍ୟକ। ଶ୍ରମିକର ଉନ୍ନତି ହେଲେ ସାମଗ୍ରୀକ ଭାବେ ଦେଶର ଉନ୍ନତି ଘଟିବା ସ୍ୱାଭାବିକ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

# ମଇ ଦିବସ ଏକ ବିହଙ୍ଗାବଲୋକନ

### ଅମୂଲ୍ୟ କୁମାର ପଣ୍ଡା

ଶ୍ରମିକ ମାନେ ହେଉଛନ୍ତି ଆମ ଦେଶ ମୂଳଦୁଆ। ନିଜର ରକ୍ତବୁନ୍ଦା ଦାନ କରି ଅକ୍ଲାନ୍ତ ପରିଶ୍ରମ କରି ଦେଶ ମାତୃକାର ଓଠରେ ହସ ଫୁଟାନ୍ତି। ୧୮୬୬ ମସିହା ମେ'୧ ତାରିଖ ଆମେରିକାର ଚିକାଗୋ ସହର ହେ' ମାର୍କେଟରେ ଅନେକ ଦିନ ଧରି ମଜୁରିଆ ଅସହ୍ୟ ନିର୍ଯାତନା ଭୋଗ କରୁଥିଲେ। ନିର୍ଜ୍ୟତନାର ସୀମା ଏତେ ଟପିଗଲା ଯେ, ସେମାନେ ମାନସିକ ଭାରସାମ୍ୟ ହରାଇ ବସିଲେ। ତେଣୁ ଏପରି ଘଡିସନ୍ଧି ମୁହୂର୍ତ୍ତରେ ସେମାନେ ଦୃଢ ବିଶ୍ୱାସୀ ହୋଇ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଏକତ୍ରିତ ହେଲେ। ନିଜର ଜୀବନ ଯାଉ ଏପରି ମାନସିକ ନିର୍ଯ୍ୟାତନାରୁ ବର୍ତ୍ତିବା ପାଇଁ ସେମାନେ ଅଣ୍ଟା ଭିଡି ଆଗକୁ ବାହାରିଲେ। ଏପରିକି ଏମାନଙ୍କର ସଂଘର୍ଷ ଏତେ ଜୋର ଥିଲା ଯେ, କେତେକ ଶ୍ରମିକଙ୍କୁ ଫସିଖୁଣ୍ଟରେ ଝୁଲିବାକୁ ପଡିଥିଲା। ଅନ୍ୟମାନଙ୍କ ପରି ଏକ ସୁସ୍ଥ ସରଳ ଜୀବନ ଅତିବାହିତ କରି ଭଲରେ ଗଣ୍ଡେ ଖାଇବେ ଓ ଶାନ୍ତିରେ ରହିବା ଇତ୍ୟାଦି ଲକ୍ଷ୍ୟ ଥିଲା। ସେହି ଦିନ ଠାରୁ ସୂତ୍ରପାତ ଆଜିର ମଇ ଦିବସ ବା ଶ୍ରମିକ ଦିବସ। ପ୍ରତ୍ୟେକ ଭାରତୀୟ ଓ ବିଶ୍ୱବାସୀଙ୍କ ହୃଦବୋଧ ହେଲା ଯେ, ଶ୍ରମିକ ମାନେ ଏ ଜାତିର କର୍ଣ୍ଣଧାର।ତା'ପରେ ବିଶ୍ୱ ଶ୍ରମିକ ଆନ୍ଦୋଳନ ସୂତ୍ରପାତ ଚାରିଆଡେ ଦେଖାଗଲା । ୧୯୦୧ରେ ଅନ୍ତଃରାଷ୍ଟ୍ରୀୟ ଶ୍ରମିକ ମହାସଂଘ ଗଠନ କରାଗଲା। ଯାହା ହଲାଣ୍ଡରେ ଅବସ୍ଥିତ । ଏହି ସଂଘର ମୁଖ୍ୟ ଲକ୍ଷ୍ୟ ଥିଲା ଶ୍ରମିକ ମାନଙ୍କ ସୁରକ୍ଷା ଓ ସମାଜରେ ସୁସ୍ଥ ମଣିଷଟିଏ ହୋଇ ବଞ୍ଚିବାର ଅଧିକାର। ସାରା ବିଶ୍ୱର ଶ୍ରମିକମାନେ ଯେତେବେଳେ ଏକଜୁଟ ହୋଇଗଲେ ସେତେବେଳେ ଅତ୍ୟାଚାରୀ ଲୋକମାନଙ୍କ ପ୍ରାଦୁର୍ଭାବ ଲୋପ ପାଇଲା। ତା' ପରେ ଶ୍ରମିକ ମାନଙ୍କ ଜୀବନରେ ସକାଳର ନୂଆ ସୁରୁଜ ଉଇଁଲା । ସେବେ ଠାରୁ ମେ ୧ ତାରିଖରେ ସମଗ୍ର ବିଶ୍ୱବାସୀ ଶ୍ରମିକ ଦିବସ ରୂପେ ପାଳନ କରିବାକୁ ପ୍ରତିବଦ୍ଧ ହେଲେ। ଅର୍ଥାତ ମେ ୧ ତାରିଖ ହେଉଛି ଆନ୍ତର୍ଜାତୀୟ ଶ୍ରମିକ ଦିବସ । ଏହି ଦିନ ସାରା ଦୁନିଆରେ ଶ୍ରମିକ ଦିବସ ପାଳନ କରାଯାଏ । ଶ୍ରମିକମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଯେଉଁଭଳି ଭାବରେ ଦିନ ରାତି କାମ କରନ୍ତି, ସେମାନଙ୍କ ସମ୍ମାନରେ ଏ ଦିନଟି ଉତ୍ସର୍ଗୀକୃତ କରାଗଲା । ଏହି ଦିନ ଶ୍ରମିକଙ୍କ ଅନିଶ୍ଚିତ କାମ କରିବା ସମୟକୁ ୮ ଘଣ୍ଟା ରଖାଯାଇଥିଲା। ସେଥିପାଇଁ ଏହି ଦିନଟିକୁ ଶ୍ରମିକ ଦିବସ ଭାବେ ପାଳନ କରାଯାଇଥାଏ ।

ଶହ ଶହ ବର୍ଷ ପୂର୍ବରୁ ଶ୍ରମିକମାନଙ୍କ କାମ କରିବାର କିଛି ସଠିକ ସମୟସୀମା ନଥିଲା । ଶ୍ରମିକମାନେ ଅଧିକ ସମୟ କାମ କରୁଥିଲେ। ୧୮୭୭ ମସିହାରେ ଶ୍ରମିକମାନେ ନିଜ କାମ କରିବାର ସମୟସୀମା ନିର୍ଧାରଣ କରିବା ପାଇଁ ଏକ ଆନ୍ଦୋଳନ କରିଥିଲେ । ୧୮୮୬ ମସିହା ମେ ୧ ତାରିଖରେ ଆମେରିକାର ଲକ୍ଷ ଲକ୍ଷ ଶ୍ରମିକ ଏକଜୁଟ ହୋଇ ଆନ୍ଦୋଳନ କରିଥିଲେ। ପାଖାପାଖି ୧୧ ହଜାର କାରଖାନାର ୩ ଲକ୍ଷ ୮୦ ହଜାର ଶ୍ରମିକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଆନ୍ଦୋଳନ ପରେ ୧୮୮୯ ମସିହାରେ ପ୍ୟାରିସରେ ଆୟୋଜିତ ହୋଇଥିବା ଅନ୍ତରାଷ୍ଟ୍ରୀୟ ମହାସଭାର ଦ୍ୱିତୀୟ ବୈଠକରେ ଫ୍ରେଞ୍ଚ କ୍ରାନ୍ତିକୁ ନଜରରେ ରଖି ଏକ ପ୍ରସ୍ତାବ ପାରିତ ହୋଇଥିଲା। ଏହି ପ୍ରସ୍ତାବରେ ଅନ୍ତରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳନ କରାଯିବ ପ୍ରସ୍ତାବକୁ ସ୍ୱୀକାର କରାଯାଇଥିଲା । ଏହି ପ୍ରସ୍ତାବ ପାରିତ ହେବାପରେ ଆମେରିକାରେ ଶ୍ରମିକମାନେ ଦିନକୁ ୮ ଘଣ୍ଟା କାମ କରିବା ନିୟମ ପ୍ରଚଳନ ହୋଇଥିଲା। ଏହାପରେ ସାରା ଦୁନିଆରେ ମେ ୧ ତାରିଖକୁ ଶ୍ରମିକ ଦିବସ ରୂପେ ପାଳନ କରିବା ଆରମ୍ଭ ହୋଇଥିଲା। ଭାରତରେ ପ୍ରଥମେ ୧୯୨୩ ମସିହା ମେ ୧ ତାରିଖରେ ଚେନ୍ନାଇରେ ଶ୍ରମିକ ଦିବସ ପାଳନ କରାଯାଇଥିଲା । ଭାରତର ଲେବର କିଷାନ ପାର୍ଟି ଅଫ ହିନ୍ଦୁସ୍ତାନ ୧୯୨୩ ମସିହା ମେ ୧ ତାରିଖକୁ ମାଡ୍ରାସରେ ଶ୍ରମିକ ଦିବସ ପାଳନ କରିବା ଆରମ୍ଭ ହୋଇଥିଲା । ସେହିଦିନ ଠାରୁ ମେ ୧ ତାରିଖକୁ ଅନ୍ତରାଷ୍ଟ୍ରୀୟ ଶ୍ରମିକ ଦିବସ ଭାବେ ପାଳନ କରାଯାଉଛି ।

ପ୍ରତ୍ୟେକ ଦେଶର ବିକାଶରେ ଶ୍ରମିକମାନଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ମୁଣ୍ଡ ଝାଳ ତୁଣ୍ଡରେ ମାରି ଦେଶର ବିକାଶରେ ଲାଗିଥାନ୍ତି ଶ୍ରମିକ ଓ ଦିନ ମଜୁରିଆ । ଯେକୌଣସି ଦେଶ, ସମାଜ ଓ ଅନୁଷ୍ଠାନର ବିକାଶ କ୍ଷେତ୍ରରେ ଶ୍ରମିକଙ୍କ ଏକ ବଡ଼ ଅବଦାନ ରହିଥାଏ । ତେଣୁ ଏମାନଙ୍କୁ ମନେପକାଇବା ପାଇଁ ପ୍ରତ୍ୟେକ ବର୍ଷ ମଇ ୧ ତାରିଖକୁ ଶ୍ରମିକ ଦିବସ ଭାବେ ପାଳନ କରାଯାଉଛି । ଏହାକୁ ଖବଭକ୍ତୁଙ୍କଜ୍ୱ ଉବଚ୍ଛ ଓ ମଇ ଦିବସ ବୋଲି ମଧ୍ୟ କୁହାଯାଏ । ଆଜିର ଦିନରେ ଦେଶର ଅଧିକାଂଶ କମ୍ପାନୀ ଛୁଟି ରହେ। କେବଳ ଭାରତ କାହିଁକି, ବିଶ୍ୱର ୮୦ରୁ ଉର୍ଦ୍ଧ୍ୱ ଦେଶରେ ଶ୍ରମିକ ଦିବସ ପାଳନ କରାଯାଉଛି । ତେବେ ଏହି ଶ୍ରମିକ ଦିବସ ଉପରେ ଟିକେ ବିଶେଷ ଆଲୋଚନା କରିବା। ଏହି ଦିବସ କାହିଁକି ହୋଇଥିଲା ଆଉ ଏହାର ଉଦ୍ଦେଶ୍ୟ କଣ ଥିଲା। ଆମେରିକାର ମଜଦୁର ୟୁନିୟନ ଶ୍ରମିକଙ୍କ କାମ କରିବାର ସମୟ ୮ ଘଣ୍ଟାରୁ ଅଧିକ ନକରିବା ପାଇଁ ଅନ୍ଦୋଳନକୁ ଓହ୍ଲାଇଥିଲା । ୟୁନିୟନର ସମସ୍ୟ ବଡ଼ ଧରଣର ହରତାଳ କରିଥିଲେ । ଏହି ସମୟରେ ଚିକାଗୋର ହେମାର୍କେଟରେ ବୋମା ବିସ୍ଫୋରଣ ହୋଇଥିଲା । ବୋମା ବିସ୍ଫୋରଣ କିଏ କରିଥିଲା, ସେକଥା କାହାକୁ ମଧ୍ୟ ଜଣାନଥିଲା । ମାତ୍ର ପ୍ରଦର୍ଶନକାରୀଙ୍କ ଉପରେ ଆଖିବୁଜା ଗୁଳିବର୍ଷା କରିଥିଲା ପୋଲିସ । ଆନ୍ଦୋଳନକୁ ରୋକିବା ପାଇଁ ପୋଲିସର ଏପରି କାର୍ଯ୍ୟାନୁଷ୍ଠାନରେ ବହୁ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ତେଣୁ ଏହି ଆନ୍ଦୋଳନରେ ଶହୀଦ ହୋଇଥିବା ଶ୍ରମିକଙ୍କୁ ମନେରଖିବା ପାଇଁ ପ୍ରଥମ ଥର ପାଇଁ ଶ୍ରମିକ ଦିବସ ପାଳନ କରାଗଲା । ଏହାପରେ ପ୍ୟାରିସରେ ୧୮୮୯ରେ ଅନ୍ତର୍ଜାତୀୟ ସମାଜବାଦୀ ସମ୍ମିଳନୀରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରିବାକୁ ଘୋଷଣା କରାଗଲା । ହେମାର୍କେଟରେ ହୋଇଥିବା ନରସଂଘାରରେ ମୃତ୍ୟୁବରଣ କରିଥିବା ନିର୍ଦ୍ଦୋଷ ଶ୍ରମିକଙ୍କୁ ମନେରଖିବା ପାଇଁ ଶ୍ରମିକ ଦିବସ ପାଳନ କରାଯିବାକୁ କୁହାଯାଇଥିଲା । ଏହି ଦିନ ସମସ୍ତ ଶ୍ରମିକଙ୍କ ଛୁଟି ରଖିବାକୁ ନିଷ୍ପତ୍ତି ମଧ୍ୟ ହୋଇଥିଲା। ଆଉ ଏବେ ଭାରତ ସମେତ ବିଶ୍ୱର ୮୦ରୁ ଉର୍ଦ୍ଧ୍ୱ ଦେଶ ଶ୍ରମିକ ଦିବସ ପାଳନ କରୁଛନ୍ତି । ଭାରତରେ ୧୯୨୩ ମସିହାରୁ ଭାରତରେ ଶ୍ରମିକ ଦିବସ ପାଳନ କରାଯାଉଛି । ଭାରତୀୟ ମଜଦୁର କିସାନ ପାର୍ଟି ନେତା କାମରେଡ ସିଙ୍ଗାରାଭେଲୁ ଚେଟ୍ୟାର ଚେନ୍ନାଇରେ ଏହାକୁ ଆରମ୍ଭ କରିଥିଲେ। ମନ୍ଦ୍ରାସ ହାଇକୋର୍ଟ ସମ୍ମୁଖରେ ମଜଦୁର କିସାନ ପାର୍ଟି ଦ୍ୱାରା ବଡ଼ ଧରଣର ପ୍ରଦର୍ଶନ କରାଯାଇଥିଲା। ଦତ୍ତାତ୍ରେୟ ନାରାୟଣ ସାମନ୍ତ, ଜର୍ଜ ଫର୍ଣ୍ଣାଣ୍ଡିସ ଇତ୍ୟାଦି ନେତା ଏହାର ନେତୃତ୍ୱ ନେଇଥିଲେ । ଭାରତରେ ମଧ୍ୟ ଶ୍ରମିକ ଦିବସ ପାଳନ କରିବା ସହ ଛୁଟି ରଖିବାକୁ ସଙ୍କଳ୍ପ ପାରିତ ହୋଇଥିଲା ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୯୯୩୮୯୦୬୦୭୦

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆତଙ୍କର ଅବସାନ...

କାଶ୍ମୀରରୁ ଫେରିବା ପରେ କେରଳର କୋଚିଠାରେ ସାମ୍ବାଦିକମାନଙ୍କୁ ଆରତୀ ନାମ୍ନୀ ଜଣେ ଯୁବତୀ କହିଛନ୍ତି- 'ମୁଁ ମୋର ପିତାଙ୍କୁ ହରାଇଛି, କିନ୍ତୁ ଦୁଇ ଜଣ ଭାଇଙ୍କୁ ପାଇଛି।' ଆରତୀ ହେଉଛନ୍ତି ଏପ୍ରିଲ ୨୨ ତାରିଖରେ କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀମାନେ ହତ୍ୟା କରିଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ଏନ୍ ରାମଚନ୍ଦ୍ରନ୍ ନାମକ ଜଣେ ପର୍ଯ୍ୟଟକଙ୍କ କନ୍ୟା। ସେ ଯେଉଁ ଦୁଇ ଭାଇଙ୍କୁ ପାଇଥିବା ସମ୍ପର୍କରେ ଉଲ୍ଲେଖ କରିଛନ୍ତି, ସେ ଦୁଇ ଜଣ ଆଉ କେହି ନୁହନ୍ତି, କାଶ୍ମୀରର ଦୁଇ ଯୁବକ, ଯେଉଁମାନେ ଆରତୀଙ୍କ ଦୁଃଖ ସମୟରେ ତାଙ୍କ ନିକଟରେ ଛିଡ଼ା ହୋଇଥିଲେ। ସେହି ଯୁବକମାନଙ୍କ କାର୍ଯ୍ୟ କାଶ୍ମୀର ଲୋକମାନଙ୍କ ଆତିଥେୟତା ପ୍ରଦାନର ଏକ ନିଚ୍ଛକ ପ୍ରତିଫଳନ ଯାହା ଅତି ମର୍ମନ୍ତୁଦ ପରିସ୍ଥିତିରେ ମଧ୍ୟ ସେମାନେ ପର୍ଯ୍ୟଟକମାନଙ୍କୁ ଦେଖାଇଥାନ୍ତି। ସମ୍ବାଦପତ୍ରରେ ପ୍ରକାଶ ପାଇଥିବା ଏହି ରିପୋର୍ଟକୁ ଯଦି ଟିକେ ଶାନ୍ତ ମନରେ ତର୍ଜମା କରାଯାଏ, ତା'ହେଲେ ଜଣା ପଡ଼ିବ ଯେ ପହଲଗାମରେ ସଂଘଟିତ ଗଣହତ୍ୟାର ମାତ୍ର ଅଳ୍ପ କେତେଦିନ ପରେ କାଶ୍ମୀରର ପର୍ଯ୍ୟଟନ କ୍ଷେତ୍ର ଧୀରେ ଧୀରେ ତା'ର ଚଳଚଞ୍ଚଳତାକୁ ଫେରି ପାଉଛି । ଏଥିପାଇଁ ସେଠାକାର ସୌହାର୍ଯ୍ୟପୂର୍ଣ୍ଣ ଲୋକମାନଙ୍କୁ, ସୁରକ୍ଷାବଳଙ୍କୁ ଏବଂ ପର୍ଯ୍ୟଟକମାନଙ୍କୁ ଶ୍ରେୟ ଦେବାକୁ ପଡ଼ିବ, ଯେଉଁମାନେ କି ସେହି ଆତଙ୍କବାଦୀଙ୍କ ଛଦ୍ମବେଶରେ ଥିବା ଭୀରୁମାନଙ୍କ କାର୍ଯ୍ୟ ଦ୍ୱାରା ଆଦୌ ଭୟଭୀତ ବା ସନ୍ତ୍ରସ୍ତ ହେବାକୁ ଚାହାନ୍ତି ନାହିଁ । ତେବେ ଇତି ମଧ୍ୟରେ ଗତ ଦୁଇ ତିନି ଦିନ ଭିତରେ ପରିସ୍ଥିତିରେ ସମାନ୍ୟ ଉନ୍ନତି ଘଟିଛି ; ସରକାର ଏବଂ କାଶ୍ମୀର ବାସିନ୍ଦାଙ୍କ ଉପରେ ଭରସା ରଖି ପର୍ଯ୍ୟଟକମାନେ କେବଳ ଶ୍ରୀନଗର ନୁହେଁ, ସେହି ପହିଲଗାମ୍ ମଧ୍ୟ ଭ୍ରମଣରେ ଯିବାକୁ ଆଗ୍ରହ ପ୍ରଦର୍ଶନ କରିବା ସେମାନଙ୍କ ପରିବର୍ତ୍ତିତ ମନୋଭାବର ପରିଚୟକ ହୋଇଛି। ଗୋଟିଏ ଦୃଷ୍ଟିରୁ ଦେଖିଲେ କାଶ୍ମୀରର ବାସିନ୍ଦା ଏବଂ ଆତଙ୍କବାଦୀ ମାନଙ୍କ ମଧ୍ୟରେ ଏହା ଏକ ପ୍ରକାରର ମୂଷା-ବିଲେଇ ଖେଳ ଏବଂ ଏକଥା ଅବଶ୍ୟ ସତ୍ୟ ଯେ ଯେଉଁମାନେ ଗଣତନ୍ତ୍ର ଏବଂ ଏହାର ପ୍ରକ୍ରିୟାଗୁଡ଼ିକରେ ଆସ୍ଥା ରଖନ୍ତି ତଥା ଯେଉଁମାନେ ସେହି ଧରଣର ମନେବୃତ୍ତି ପୋଷଣ କରନ୍ତି, ଯାହା ଶହ ଶହ ବର୍ଷ ଧରି ମାନବିକତାକୁ ବଜାୟ ରଖି ଆସିଛି, ସେମାନେ ପରିଶେଷରେ ବିଜୟ ଲାଭ କରିଥାନ୍ତି ଏବଂ ଆତଙ୍କବାଦର ପରାଜୟ ନିଶ୍ଚିତ ଭାବରେ ଘଟିଥାଏ। ଆଉ ଏୟା ହିଁ ଉପରୋକ୍ତ କେନ୍ଦ୍ରଶାସିତ ଅଞ୍ଚଳର ସୁରକ୍ଷା ଦାୟିତ୍ୱରେ ଯେଉଁମନେ ରହିଛନ୍ତି, ସେମାନଙ୍କ କର୍ତ୍ତବ୍ୟକୁ ଅଧିକ ଗମ୍ଭୀର କରି ତୋଳିଥାଏ । କୁହାଯାଏ ଯେ ଆତଙ୍କବାଦୀମାନେ ଥରେ ସେମାନଙ୍କ ମନୋରଥକୁ ପୂର୍ଣ୍ଣ କରିବାରେ ସଫଳକାମ ତ ହୋଇ ପରିଲେ, କିନ୍ତୁ ସବୁ ସମୟରେ ସଫଳତାର ସ୍ୱାଦ ଚାଖିବା ପାଇଁ ସୁରକ୍ଷା ସହିତ ସମ୍ବନ୍ଧିତ ସମସ୍ତ ସଂସ୍ଥା ସେମାନଙ୍କର କର୍ତ୍ତବ୍ୟକୁ ସୁଚାରୁ ରୂପେ ନିର୍ବାହ କରିବା ଉଚିତ। ଆତଙ୍କବାଦ ଏବଂ ଏହାର ଅବସ୍ଥାନକୁ ନେଇ ଆରମ୍ଭ ହୋଇଥିବା ଖେଳ ଏକ ଏମିତି ଖେଳ ଯାହା ଦ୍ୱିତୀୟ ଥର ପଇଁ ବିଜୟ ଲାଭ କରିବାର ସୁଯୋଗ କ୍ୱଚିତ୍ ପ୍ରଦାନ କରିଥାଏ। ଆଉ ସେଥିପାଇଁ ସମଗ୍ର ଦେଶ ସୁରକ୍ଷା ସହିତ ସମ୍ପୃକ୍ତ ସମସ୍ତ ସଂସ୍ଥା ଏବଂ କାଶ୍ମୀରର ଲୋକମାନଙ୍କ ପଛରେ ଛିଡ଼ା ହେବାର ଆବଶ୍ୟକତା ରହିଛି। ତାହା ହେଲେ ଆତଙ୍କବାଦୀମାନେ ସେମାନଙ୍କର ମନସ୍କାମନା ପୂରଣ କରିବାରେ ଆଦୌ ସଫଳ ହେବେନାହିଁ, ସେମାନେ ସେମାନଙ୍କର ପ୍ରତ୍ୟେକଟି ଉଦ୍ୟମରେ ବିଫଳ ହେବେ। ସୁଖର କଥା, ଗତ ଶୁକ୍ରବାର, ଅର୍ଥାତ୍ ୨୫ ତାରିଖ ଦିନ ଜାତିସଂଘ ସୁରକ୍ଷା ପରିଷଦ ପହଲଗାମ୍ ଆତଙ୍କୀ ଆକ୍ରମଣକୁ ପର୍ଯ୍ୟାପ୍ତ ନହେଲେ ସୁଦ୍ଧା ଆବଶ୍ୟକତା ଅନୁସାରେ ଅତି କଠୋର ଶବ୍ଦରେ ନିନ୍ଦା କରିଛି । କେବଳ ଏତିକି ନୁହେଁ, ପହଲଗାମ୍‌ର ଘଟଣା ସମସ୍ତ ବିଶ୍ୱବାସୀଙ୍କୁ ଜାଗ୍ରତ କରାଇଛି ଆତଙ୍କବାଦର ବିରୋଧ କରିବାକୁ। ତେବେ ଜାମ୍ମୁ ଓ କାଶ୍ମୀରରେ ଆତଙ୍କବାଦୀମାନଙ୍କୁ ପରାଜୟ କରିବା ନିମନ୍ତେ ସରକାର ଏବଂ ସୁରକ୍ଷା ବଳମାନେ ଆତଙ୍କବାଦ–ବିରୋଧୀ କାର୍ଯ୍ୟାନୁଷ୍ଠାନ ଚଳାଇ ଥିବା ସହିତ ସୀମାପାର ସାମରିକ କାର୍ଯ୍ୟାନୁଷ୍ଠାନ କରିବାକୁ ଆଲୋଚନା କରୁଥିବା ପରିପ୍ରେକ୍ଷୀରେ ଜାତିସଂଘର ସାଧାରଣ ପରିଷଦରେ ୟୁକ୍ରେନ୍ ଏବଂ ଗାଜା ଯୁଦ୍ଧ ପ୍ରସଙ୍ଗରେ ବିଭିନ୍ନ ସଦସ୍ୟ ରାଷ୍ଟ୍ରମାନେ ଯେମିତି ନିନ୍ଦା ପ୍ରସ୍ତାବମାନ ଗୃହୀତ କରିବା ସଙ୍ଗେ ସଙ୍ଗେ ପ୍ରତିପକ୍ଷମାନଙ୍କୁ କଠୋର ଶବ୍ଦରେ ଭର୍ତ୍ସନା କରିବା ଭଳି କାର୍ଯ୍ୟ କରିଥିଲେ, ସେହିଭଳି ଏକ ବିକଳ୍ପକୁ ଭାରତ ମଧ୍ୟ ଆପଣାଇପାରେ। ଏଥି ସହିତ ୨୦୧୨-୧୫ ଏବଂ ୨୦୧୮-୨୨ ପର୍ଯ୍ୟନ୍ତ ପାକିସ୍ତାନକୁ 'ଧୂସର ତାଲିକା'ରେ ସ୍ଥାନିତ କରିଥିବା ଫାଇନାନ୍ସିଆଲ ଟାସ୍କ ଫୋର୍ସ (ଏଫ୍ଏଟିଏଫ୍) ଭାରତ ନିଜର ପକ୍ଷକୁ ଦୃଢ଼ ଭାବରେ ଉପସ୍ଥାପିତ କରି ପାରିବ ଏବଂ ଜାତିସଂଘରେ ଆନ୍ତର୍ଜାତିକ ଆତଙ୍କବାଦ ଉପରେ ଏକ ବ୍ୟାପକ କନ୍‌ଭେନ୍‌ସନ୍ ପାରିତ କରାଇବା ନେଇ ରହିଥିବା ଏହାର ଯୋଜନାର ପୁନରୁଦ୍ଧାର କରିବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ । ଏମିତିରେ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ସମ୍ପର୍କ ତ ଅତୀତର ଏକ ଅଧ୍ୟାୟ ପାଲଟି ସାରିଛି । ତେଣୁ ସମ୍ପ୍ରତି ଭାରତ ଆତଙ୍କବାଦ ବିରୋଧୀ ସମସ୍ତ ପ୍ରକାରର ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ଏକ ସ୍ଥାୟୀ ଶାନ୍ତ ବାତାବରଣ ପ୍ରତିଷ୍ଠା ପାଇଁ ସମୁଚିତ କର୍ତ୍ତବ୍ୟମାନ ନିଷ୍ଠାର ସହିତ କରିବା ଉଚିତ ।

# ଶ୍ରମିକ ଦିବସର ଅନୁଚିନ୍ତା



### ମୋହନ ଚରଣ ବିଷି



ଏବେ ସବୁଠାରେ ଯନ୍ତ୍ରର ବ୍ୟବହାର। ମଣିଷ ତିଆରି କରିଥିବା ଯନ୍ତ୍ର ମଣିଷକୁ ଯେମିତି ବ୍ୟବହାର କରୁଛି, ମଣିଷ ସେମିତି ହେଉଛି। ମାନବ ସମ୍ବଳର ବ୍ୟବହାର କମୁଥିବା ବେଳେ ଯନ୍ତ୍ର ଉପରେ ନିର୍ଭରଶୀଳତା ବଢ଼ୁଛି। ଶ୍ରମିକ ଓ ଶ୍ରମର ମୂଲ୍ୟ ଦିନକୁ ଦିନ ହ୍ରାସ ପାଉଛି। ଯେଉଁମାନଙ୍କର ପରିଶ୍ରମରେ ସହର ଓ ଗାଁର ସୃଷ୍ଟି ସେହି ଶ୍ରମିକମାନଙ୍କର ସୁରକ୍ଷା ପାଇଁ ଚିନ୍ତା କରିବାର ସମୟ ଆସିଛି।

ସେହି ଶ୍ରମିକମାନେ ଉପଯୁକ୍ତ ନ୍ୟାୟ ଓ ମଜୁରୀ ପାଇବା ପାଇଁ ଧର୍ମଘଟ, ଭାରତୀୟ ସମ୍ବିଧାନର ନ୍ୟାୟିକ ବ୍ୟବସ୍ଥା ଓ ସରକାରୀ ସ୍ତରରେ ଶ୍ରମିକ କଲ୍ୟାଣ ବିଷୟରେ କିଛି ଆଲୋଚନା କରିବା।

୧୮୮୬ ମଇ ମାସରେ ୪୦୦,୦୦୦ ଆମେରିକାର ଶ୍ରମିକ ବିଭିନ୍ନ ଅଞ୍ଚଳରେ ଦୈନିକ ଆଠଘଣ୍ଟା ମଜୁରୀ ପାଇଁ ଧର୍ମଘଟ କରିଥିଲେ। ଶାନ୍ତିର ସହ ଧର୍ମଘଟ ଚାଲୁଥିବା ବେଳେ ତୃତୀୟ ଦିବସରେ ଚିକାଗୋ ସହରରେ ହିଂସାକାଣ୍ଡ ଘଟି ଥିଲା। ପୋଲିସ କିଛି ଶ୍ରମିକଙ୍କୁ ଗୁଳି କରିଥିଲା। ପରବର୍ତ୍ତୀ ସମୟରେ କେହିଜଣେ ବୋମାମାଡ କରିବାରୁ ସାତ ଜଣ ପୋଲିସ କର୍ମଚାରୀ ଓ ଚାରିଜଣ ଶ୍ରମିକ ମୃତ୍ୟୁ ବରଣ କରିଥିଲେ। ଏହି ଘଟଣାକୁ ହାଏମାର୍କେଟ ଆଫେୟାର କୁହାଯାଏ। ଏହି ଘଟଣାକୁ ଆନ୍ତର୍ଜାତିକ ସ୍ତରରେ ଶ୍ରମିକମାନେ ଆନ୍ଦୋଳନ ଭାବରେ ଗ୍ରହଣ କରି ମଇ ପହିଲାକୁ ଆନ୍ତର୍ଜାତିକ ଶ୍ରମ ଦିବସ ଭାବରେ ପାଳନ କରି ଆସୁଛନ୍ତି। ଆମେରିକା ୧୮୯୨ ମସିହାରେ ଦୈନିକ ଆଠଘଣ୍ଟା ମଜୁରୀ କୁ ଆଇନରେ ପରିଣତ କରିଥିଲେ। ପ୍ରାୟ ୮୦ଗୋଟି ଦେଶରେ ମଇ ପହିଲାକୁ ଆନ୍ତର୍ଜାତିକ ଶ୍ରମ ଦିବସ ଭାବରେ ପାଳନ କରୁଛନ୍ତି।

ଭାରତରେ ୧୯୨୩ ମସିହାରେ ଲେବର କିସାନ ପାର୍ଟି ଶ୍ରମିକ ଦିବସକୁ ପାଳନ କରିଥିଲା। ଶ୍ରମ କରିବାର ସମସ୍ତଙ୍କ ଅଧିକାର ରହିଛି। ଶ୍ରମ ପାଇଁ ଉପଯୁକ୍ତ ପରିବେଶ, ନିର୍ଦ୍ଧାରିତ ସମୟ, ଉପଯୁକ୍ତ ମୂଲ୍ୟ, ସରକାରୀ ସହାୟତା ତଥା ଉପଯୁକ୍ତ ବିଶ୍ରାମର ଆବଶ୍ୟକତା ରହିଛି। ଏହି ଅଧିକାର ପାଇବା ପାଇଁ ଶ୍ରମିକ ମାନେ ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭାରତ ସରକାରଙ୍କର ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରମିକ ମାନଙ୍କୁ ସହାୟତା ପ୍ରଦାନ କରୁଛନ୍ତି। ଶ୍ରମ ବିଭାଗ ଯୁଗ୍ମ ତାଲିକାରେ ଥିବାରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରି ବିଭିନ୍ନ ଆଇନ ପ୍ରଣୟନ କରିଥାନ୍ତି। ଚଳିତ ବର୍ଷ ଓଡ଼ିଶା ସରକାର ଶ୍ରମିକ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି । ସେମାନଙ୍କ ସର୍ବନିମ୍ନ ଦୈନିକ ମଜୁରୀରେ ୧୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ। ଏହି ନିଷ୍ପତ୍ତି ଅନୁଯାୟୀ ଅଣକୁଶଳୀ ଶ୍ରମିକ ମାନଙ୍କର ସର୍ବନିମ୍ନ ଦୈନିକ ମଜୁରୀ ୪୫୨ ଟଙ୍କାରୁ ୪୬୨ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଅର୍ଦ୍ଧକୁଶଳୀ ଶ୍ରମିକ ମାନଙ୍କ ମଜୁରୀ ୫୦୨ ଟଙ୍କାରୁ ୫୧୨ ଟଙ୍କା, କୁଶଳୀ ଶ୍ରମିକ ମାନଙ୍କ ଦୈନିକ ମଜୁରୀ ୫୫୨ ଟଙ୍କାରୁ ୫୬୨ ଟଙ୍କା ଏବଂ ଉଚ୍ଚ-କୁଶଳୀ ଶ୍ରମିକ ମାନଙ୍କର ସର୍ବନିମ୍ନ ଦୈନିକ ମଜୁରୀ ୬୦୨ ଟଙ୍କାରୁ ୬୧୨ ଟଙ୍କାକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ମଜୁରୀ ପିଛିଲା ଭାବେ ଏପ୍ରିଲ ପହିଲାଠାରୁ ଲାଗୁ ହେବ ବୋଲି ଘୋଷଣା କରିଛନ୍ତି। ବର୍ତ୍ତମାନର ଦରଦାମ୍ କୁ ଦେଖିଲେ ଶ୍ରମିକମାନଙ୍କର ପାରିଶ୍ରମିକ ଆହୁରି ବୃଦ୍ଧି ହେବାର ଆବଶ୍ୟକତା ରହିଛି।

ଭାରତୀୟ ସମ୍ବିଧାନରେ ଶ୍ରମିକମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ। ମୌଳିକ ଅଧିକାର ଧାରା- ୨୩ (୧) ପଣ୍ୟରୂପେ ମନୁଷ୍ୟକୁ ବ୍ୟବହାର କରିବା ଏବଂ ବେଠି ବେଗାରୀ ତଥା ଏହି ପ୍ରକାରର ଅନ୍ୟ ଶ୍ରମ ନିଷିଦ୍ଧ କରାଯାଇଛି। ଏବଂ ଏହାର କୌଣସି ପ୍ରକାର ଉଲଂଘନ ବିଧିଅନୁସାରେ ଦଣ୍ଡନୀୟ ଅପରାଧ ହେବ।

(୨) ଏହି ଅନୁଚ୍ଛେଦର କୌଣସି ବିଷୟ, ସାର୍ବଜନିକ ପ୍ରୟୋଜନ ନିମିତ୍ତ ବାଧ୍ୟତାମୂଳକ ସେବା ଆରୋପ କରିବାରେ ରାଜ୍ୟକୁ ବାଧା ଦେବ ନାହିଁ, ଏବଂ ଏପରି ସେବା ଆରୋପ କରିବାରେର ରାଜ୍ୟ କେବଳ ଧର୍ମ, ମୂଳବଂଶ, ଜାତି ବା ବର୍ଗ ବା ଏଥିମଧ୍ୟରୁ କୌଣସିଟି ହେତୁ ବିଭେଦ ଆଚରଣ କରିବ ନାହିଁ।

ସମ୍ବିଧାନର ଧାରା-୨୪ରେ ଉଲ୍ଲେଖ ରହିଛି:- ଚଉଦ ବର୍ଷରୁ କମ୍ ବୟସର କୌଣସି ପିଲା କୌଣସି କାରଖାନା ବା ଖଣିରେ କାମ କରିବାପାଇଁ ନିୟୋଜିତ କରାଯିବ ନାହିଁ ବା କୌଣସି ସଙ୍କଟମୟ ନିୟୋଜନରେ ନିଯୁକ୍ତ କରା ?ଯିବ ନାହିଁ।

ସେହିପରି ଭାରତୀୟ ସମ୍ବିଧାନର ନିର୍ଦ୍ଦେଶମୂଳକ ନୀତିରେ ଉଲ୍ଲେଖ ରହିଛି। ଧାରା- ୩୯ ନର ଓ ନାରୀ ସମସ୍ତ ନାଗରିକଙ୍କ ଜୀବିକାର ପର୍ଯ୍ୟାପ୍ତ ସାଧନ ନିମିତ୍ତ ସମାନ ଭାବେ ଅଧିକାର ରହିବ । ପୁରୁଷ ଓ ମହିଳା ଉଭୟଙ୍କର ସମାନ କାର୍ଯ୍ୟ ଲଗି ସମାନ ବେତନ ରହିବ। ନର ଓ ନାରୀ ଶ୍ରମିକଙ୍କର ସ୍ୱାସ୍ଥ୍ୟ ତଥା ଉପଯୁକ୍ତ ପରିବେଶ ଓ ବିଶ୍ରାମର ବ୍ୟବସ୍ଥା କରିବା ୩୯(କ) ଦେଶରେ ବିଧି ବ୍ୟବସ୍ଥା ଏପରି କାର୍ଯ୍ୟକାରୀ ହେବ ଯେପରିକି ସମାନ ନ୍ୟାୟ ସୁଯୋଗ ସମସ୍ତେ ପାଇବେ। ଧାରା-୪୩ ରାଜ୍ୟ, ଉପଯୁକ୍ତ ବିଧାନ ବା ଆର୍ଥିକ ସଂଗଠନ ଦ୍ୱାରା ବା ଅନ୍ୟ କୌଣସି ଉପାୟରେ କୃଷି, ଉଦ୍ୟୋଗ ବା ଅନ୍ୟ ସମସ୍ତ ପ୍ରକାରର ଶ୍ରମିକଙ୍କୁ କାର୍ଯ୍ୟ ନିର୍ବାହ ମଜୁରୀ ପ୍ରଦାନ କରିବା। ଧାରା-୪୩( କ ) ରାଷ୍ଟ୍ର ଉପଯୁକ୍ତ ବିଧାନ ବା ଅନ୍ୟ କୌଣସି ପ୍ରକାରରେ କୌଣସି ଉଦ୍ୟୋଗରେ ବ୍ୟାପକ ବ୍ୟବସ୍ଥା ମାଧ୍ୟମରେ ଶ୍ରମିକମାନେ ଯେପରି ଭାଗ ନେଇ ପାରିବେ ସେଥିପାଇଁ ନିଶ୍ଚିତ କରିବା ନିମିତ୍ତ ପଦକ୍ଷେପ ନେବ ।

ସମ୍ବିଧାନର ଏତେ ବ୍ୟବସ୍ଥା ଥାଇ ମଧ୍ୟ ଶ୍ରମିକ ଆଜି ଅବହେଳିତ। ଏହାବ୍ୟତୀତ ଭାରତ ସରକାରଙ୍କର ନୂଆ ଶ୍ରମିକ କୋଡ଼ ଅନୁଯାୟୀ ଚାରି ପ୍ରକାରର ବ୍ୟବସ୍ଥା ରହିଛି। ସେଗୁଡ଼ିକ ହେଲା ମଜୁରୀ କୋଡ, ସାମାଜିକ ସୁରକ୍ଷା ବ୍ୟବସ୍ଥା, କାର୍ଯ୍ୟସ୍ଥଳରେ ସୁରକ୍ଷା ଓ ସ୍ୱାସ୍ଥ୍ୟ ଓ କାର୍ଯ୍ୟ ନିର୍ଦ୍ଧାରଣ କୋଡ଼ ବ୍ୟବସ୍ଥା କରିଛନ୍ତି। ପୂର୍ବରୁ ୧୯୪୭,୧୯୪୮ ମସିହାରେ ବିଭିନ୍ନ ଆକ୍ଟ ମାଧ୍ୟମରେ ଶ୍ରମିକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶ୍ରମିକମାନଙ୍କ ପାଇଁ ଇପିଏଫ, ପିଆଇ ବ୍ୟବସ୍ଥା ରହିଛି। ଆଠ ଘଣ୍ଟା ଶ୍ରମ ବ୍ୟବସ୍ଥା, ସପ୍ତାହକୁ ଦିନେ ବିଶ୍ରାମ, ଆଠ ଘଣ୍ଟାରୁ ଅଧିକ ଶ୍ରମ କଲେ ବୋନସ ବ୍ୟବସ୍ଥା ରହିଛି।

ଏତେ ସବୁ ବ୍ୟବସ୍ଥା କରି ମଧ୍ୟ ଅନେକ ସଂଖ୍ୟାରେ ଶ୍ରମିକ ମାନେ ଶୋଷଣର ଶିକାର ହେଉଛନ୍ତି। ଉପଯୁକ୍ତ ପାରିଶ୍ରମିକ, ଉପଯୁକ୍ତ ପରିବେଶ ଓ ଉପଯୁକ୍ତ ବିଶ୍ରାମର ପାଇଁ ପାରୁ ନାହାନ୍ତି। ସରକାରୀ ସୁବିଧା ଅନେକ ପରିମାଣରେ ପାଇଁ ମଧ୍ୟ ଶ୍ରମିକ ମାନଙ୍କ ?ର କଲ୍ୟାଣ ହେଇ ପାରୁ ନାହିଁ। ଦାଦନ ଶ୍ରମିକ ବହୁ ସଂଖ୍ୟାରେ ଦେଖାଯାଉଛନ୍ତି। ଉଭୟ ସରକାର ଶ୍ରମିକ କଲ୍ୟାଣ ପାଇଁ ଆହୁରି ଅନେକ ଯୋଜନା କରିବାର ଆବଶ୍ୟକତା ରହିଛି ? ଓ ଉପଯୁକ୍ତ ଭାବରେ ଶ୍ରମିକମାନେ ଲାଭ ଉଠାଉଛନ୍ତି କି ନାହିଁ ତାର ତର୍ଜମା କରି ବିହିତ ପଦକ୍ଷେପ ନେବାକୁ ପଡିବ ? । ଆଜିର ସମୟରେ ମାନବ ସମ୍ବଳ ବିନିଯୋଗ ନହୋଇ ଯେଉଁ ଭଳି ଭାବରେ ଯନ୍ତ୍ରର ସହାୟତାରେ ବଞ୍ଚୁଛୁ, ସମୟ ଆସିବେ ସମସ୍ତ ଯନ୍ତ୍ର ଯେତେବେଳେ ଅକାମି ହେବ ସେତେବେଳେ ମନୁଷ୍ୟ ପଙ୍ଗୁ ହେଇଯିବ। ଆମ ଜୀବନ ସରସ ଓ ସୁନ୍ଦର ହୋଇଥାଏ ଶ୍ରମିକ ମାନଙ୍କ ?ର ପାଇଁ। ତେଣୁ ଶ୍ରମିକ ମାନଙ୍କୁ ପାଇଁ ଉପଯୁକ୍ତ ସୁବିଧା ଯଦି କରିବା ନାହିଁ ତେବେ ଭବିଷ୍ୟତରେ ମାନବ ସମ୍ବଳରୁ ବଞ୍ଚିତ ହୋଇ ମସିନର ଦାସ ହେବା।


ଗଡରାମାଲ, କୋକସରା,
କଳାହାଣ୍ଡି
ମୋ-୯୭୭୭୪୬୮୮୪୧


# ଆତ୍ମହତ୍ୟା ଉଦ୍‌ବେଗଜନକ ସ୍ଥିତିରେ



### ସୌଭାଗ୍ୟ ରଂଜନ ମହାନ୍ତି

**ଦେଶର କେତେକ ସୁନାମଧନ୍ୟ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଆଇଆଇଟି, ଡାକ୍ତରୀ କଲେଜରେ ମଧ୍ୟ ଅଧ୍ୟୟନରତ ଥିବା ଛାତ୍ରଛାତ୍ରୀ ଆତ୍ମହତ୍ୟା ଘଟଣା ବଢ଼ିବାରେ ଲାଗିଛି। ସେହିପରି ଶ୍ରମିକଙ୍କ କ୍ଷେତ୍ରରେ ନିର୍ଯ୍ୟାତନା, ବାଛବିଚାର ଯୋଗୁଁ ଯୁବଗୋଷ୍ଠୀ ଦିନ ମଜୁରିଆଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢୁଥିବାବେଳେ ପ୍ରେମର ବିଫଳତା, ପ୍ରତାରଣା, ଦାରିଦ୍ର୍ୟତା ଯୋଗୁଁ ବହୁ ଯୁବକ ଯୁବତୀ, ନବ ବିବାହିତା ଆତ୍ମହତ୍ୟା ଘଟଣା ମଧ୍ୟ ବଢ଼ିବାରେ ଲାଗିଛି।**

ଭାରତୀୟ ଯୁବକ-ଯୁବତୀ ସେମାନଙ୍କର ଜୀବନ ହାରିଦେବା ଏବେ ଏକ ଉଦ୍‌ବେଗଜନକ ପର୍ଯ୍ୟାୟରେ ପହଁଚିଛି। ଯାହାକି ପରିସଂଖ୍ୟାନ ରିପୋର୍ଟ କହେ। ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୨୨ରେ ଦେଶରେ ୧,୭୦,୯୨୪ ଯୁବକ-ଯୁବତୀ ଆତ୍ମହତ୍ୟା କରିଛନ୍ତି। ଯାହାକି ବିଶ୍ୱରେ ସବୁଠାରୁ ସର୍ବାଧିକ। ସେହିପରି ସେମାନଙ୍କର ବୟସ ୧୮ରୁ ୩୦ମଧ୍ୟରେ ଅର୍ନ୍ତଭୁକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ୩୫ପ୍ରତିଶତ ପ୍ରାପ୍ତବୟସ୍କ, ହୋଇଥିବା ଏବଂ ୬ପ୍ରତିଶତ ନାବାଳକ ବୋଲି ରିପୋର୍ଟରେ ଦର୍ଶାଯାଇଛି। କେବଳ ଯୁବଗୋଷ୍ଠୀ ନୁହଁନ୍ତି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି। ଯାହାକି ମୋଟ ଆତ୍ମହତ୍ୟା କରିଥିବା ଯୁବଗୋଷ୍ଠୀଙ୍କ ମଧ୍ୟରେ ୭.୬ ପ୍ରତିଶତ। ଗତ ୨୦୨୨ରେ ଦେଶରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୩,୦୪୪ ଥିଲା। ତେବେ ୨୦୨୨ରେ କେବଳ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ୪ପ୍ରତିଶତ ବୃଦ୍ଧି ପାଇଥିବା କୁହାଯାଇଛି। ଏଭଳି ମାନସିକତା ନିଶ୍ଚିତ ଭାବେ ଚିନ୍ତାଜନକ, ଏଥିରେ ସନ୍ଦେହ ନାହିଁ। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ରିପୋର୍ଟରେ କୁହାଯାଇଛି ଯେ, ୧୫ରୁ ୨୯ବର୍ଷ ମଧ୍ୟରେ କିଶୋର-କିଶୋରୀ, ଯୁବକ-ଯୁବତୀଙ୍କ ଆତ୍ମହତ୍ୟା ଘଟଣା ଏବେ ବିଶ୍ୱରେ ତୃତୀୟ ସର୍ବାଧିକ ମୃତ୍ୟୁ ଭାବେ ଉଭା ହୋଇଛି। ୨୦୨୪ରେ ସ୍ପିଙ୍ଗରରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ବାର୍ଷିକ ୫୨,୦୦୦ କିଶୋର-କିଶୋରୀ ଆତ୍ମହତ୍ୟା କରି ଜୀବନ ହରାଉଛନ୍ତି। ପରୀକ୍ଷା ଜନିତ ଚାପ, ଉତମ ଫଳାଫଳ, ଅଭିଭାବକମାନଙ୍କ ଉଚ୍ଚାଭିଳାଷ, ଶିକ୍ଷାନୀତିରେ ର୍‌ୟାଙ୍କ, ପ୍ରତିଯୋଗିତା, ସୁନାମଧନ୍ୟ ଶିକ୍ଷାନୁଷ୍ଠାନଗୁଡିକରେ ପ୍ରତିଯୋଗିତାମୂଳକ ଚାପ ଏବଂ ମାନସିକ ଚାପ ଯୋଗୁଁ ଅତିଶୟ ଭାରାକ୍ରାନ୍ତ ଯୋଗୁଁ ଶେଷରେ କୋମଳମତି ଛାତ୍ରଛାତ୍ରୀମାନେ ଜୀବନ ହାରିବାକୁ ବାଧ୍ୟ ହେଉଛନ୍ତି ବୋଲି ନିକଟରେ ଅନୁଷ୍ଠିତ ଜାତୀୟ ଆତ୍ମହତ୍ୟା ନିରାକରଣ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ପ୍ରତିଯୋଗିତାମୂଳକ ପରୀକ୍ଷାର କୋଚିଂ ହବ୍ ଭାବେ ପରିଚିତ 'କୋଟା'ରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ପରୀକ୍ଷା ଜନିତ ଚାପ ଯୋଗୁଁ ବଢ଼ିବାରେ ଲାଗିଥିବା କୁହାଯାଏ। ଚଳିତ ୨୦୨୫ରେ ମାତ୍ର ଦୁଇ ମାସ ମଧ୍ୟରେ ୭ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିସାରିଲେଣି। ଗତ ୨୦୨୪ରେ ୩୨ଜଣ ଛାତ୍ରଛାତ୍ରୀ କୋଟାରେ ଆତ୍ମହତ୍ୟା କରିଥିଲେ। ଆହୁରି ମଧ୍ୟ ଦେଶରେ ଯଥେଷ୍ଟ ମାତ୍ରାରେ ନିଯୁକ୍ତି ନଥିବା, ବେକାରୀ, ବେରୋଜଗାରୀ ବୃଦ୍ଧି ଯୋଗୁଁ ହା ହତାଶ ହୋଇ ଯୁବଗୋଷ୍ଠୀ ଶେଷରେ ଜୀବନ ହାରିବା ପନ୍ଥା ବାଛି ନେଉଛନ୍ତି। ଦେଶର କେତେକ ସୁନାମଧନ୍ୟ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଆଇଆଇଟି, ଡାକ୍ତରୀ କଲେଜରେ ମଧ୍ୟ ଅଧ୍ୟୟନରତ ଥିବା ଛାତ୍ରଛାତ୍ରୀ ଆତ୍ମହତ୍ୟା ଘଟଣା ବଢ଼ିବାରେ ଲାଗିଛି। ସେହିପରି ଶ୍ରମିକଙ୍କ କ୍ଷେତ୍ରରେ ନିର୍ଯ୍ୟାତନା, ବାଛବିଚାର ଯୋଗୁଁ ଯୁବଗୋଷ୍ଠୀ ଦିନ ମଜୁରିଆଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢୁଥିବାବେଳେ ପ୍ରେମର ବିଫଳତା, ପ୍ରତାରଣା, ଦାରିଦ୍ର୍ୟତା ଯୋଗୁଁ ବହୁ ଯୁବକ ଯୁବତୀ, ନବ ବିବାହିତା ଆତ୍ମହତ୍ୟା ଘଟଣା ମଧ୍ୟ ବଢ଼ିବାରେ ଲାଗିଛି। ଏହା ନିସନ୍ଦେହ ଯେ, କୋମଳମତି ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ନିରାକରଣ ପାଇଁ ଭାରତ ମାନସିକ ସ୍ୱାସ୍ଥ୍ୟ ଉପରେ ଅଗ୍ରାଧିକାର ଦେବା ଜରୁରୀ। ଜାତୀୟ ଶିକ୍ଷାନୀତିରେ ବିଦ୍ୟାଳୟ ଶିକ୍ଷା ପାଠ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ ବିଷୟ ବସ୍ତୁ ପ୍ରଚଳନ ଏ ଦିଗରେ ଏକ ସକରାତ୍ମକ ପଦକ୍ଷେପ। ତେବେ ଏହି ପାଠ୍ୟକ୍ରମକୁ ବିଭିନ୍ନ ସହବନ୍ଧିତ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ କରାଯିବା ଜରୁରୀ। ସର୍ବ ଭାରତୀୟ ପ୍ରତିଯୋଗିତାମୂଳକ ଶିକ୍ଷାକ୍ରମରେ, ଡାକ୍ତରୀ ଶିକ୍ଷାନୁଷଠାନରେ ମଧ୍ୟ ମାନସିକ ସ୍ୱାସ୍ଥ୍ୟ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଏହା ବ୍ୟତୀତ ମାନସିକ ସ୍ତରରେ ଦୁର୍ବଳ ହୋଇପଡିଥିବା ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ମାନସିକ ଦୃଢତା ପାଇଁ ଆବଶ୍ୟକୀୟ ଅତ୍ୟାଧୁନିକ ଚିକିତ୍ସା ସୁବିଧା ମଧ୍ୟ ସୁଲଭ ମୂଲ୍ୟରେ ବା ମାଗଣାରେ ଯୋଗାଇଦେବାର ଆବଶ୍ୟକତା ରହିଛି। ଯେକୌଣସି ପରିସ୍ଥିତିରେ ମୁକାବିଲା ପାଇଁ ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ଧୈର୍ଯ୍ୟହରା ନହୋଇ ମାନସିକ ସ୍ତରରେ ସୁସ୍ଥ, ସବଳ ରହିବାକୁ ନିଜେକୁ ନିଜେ ପ୍ରସ୍ତୁତ କରିବାକୁ ହେବ। ଜୀବନ ହେଉଛି ଅମୂଲ୍ୟ ସମ୍ପଦ, ଏହା ମନେ ରଖିବାକୁ ହେବ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୭୯୭୮୬୬୬୪୦୩





## କୋଣାର୍କ କନ୍ୟା

### ବେଣୁଧର ସୂତାର

ମୁକୁଳା ଯୌବନା
ଲାସ୍ୟନଟୀ ମୁଁ ଯେ
କୋଣାରକ ଶିଳା ଗାତ୍ରେ
ଶ୍ୟାମ ନୀଳ ତନୁ ପ୍ରୀତି ଜରଜର
କମନୀୟ କାମ ସୂତ୍ରେ
ଅସରନ୍ତି କଳ୍ପନାର ଚିତ୍ର
ମୋ ନୟନ ନୀଳ ଉପକୂଳେ
ନାହିଁ ମନେ ଛଳନାର ଗନ୍ଧ
ନିଃସଙ୍ଗ ମୋ ଜୀବନର ଛନ୍ଦ
ପରାଜିତ ତନୁମନ
ଯଉବନ ଜଳେ ।।

ସେଇ ଜହ୍ନ ସେଇ ରାତି
ଚମକ ଚାନ୍ଦିନୀ ପ୍ରୀତି
ପ୍ରତି ଝରା ମଧୁର ସଙ୍ଗୀତ
ପ୍ରୀତି ମଦିରାର ନିଶା
ମନେ ମୌ।ନ ପରିଭାଷା
ଅଙ୍ଗେଅଙ୍ଗେ ରୋମାଞ୍ଚିତ ଶୀତ ।।

ବେଳାଭୂମି ବାଲି କୋଳେ
ପ୍ରୀତି ଭିଜା ମନ ତଳେ
ଲଭିବାକୁ ପ୍ରିୟତମ
ନୀଳ ଆତ୍ମୀୟତା
ମୁରଲୀର ସ୍ୱନ ବିନା
କଦମ୍ବ ଫୁଟେନି କି, ନା
ତଥାପି ମୁଁ ଗାଇ ଚାଲେ
ଜୀବନର ଅବୁଝା କବିତା ।।

ମୁଁ ପରା କୋଣାର୍କ କନ୍ୟା
ପରବାସୀ ଶିଳ୍ପୀର ଦୁହିତା
ଚିର ଅଭିଶପ୍ତା ପ୍ରାଣେ
ନାହିଁ ମୋ ପୂର୍ଣ୍ଣତା
ନାହିଁ ମୋ ପୂର୍ଣ୍ଣତା
ଅନନ୍ତ ପ୍ରତୀକ୍ଷା
ଭରିଦିଏ ହୃଦେ ମୋର
ନୈରାଶ୍ୟର ନିଃଶବ୍ଦ ଶୂନ୍ୟତା
ନିଃଶବ୍ଦ ଶୂନ୍ୟତା ।।


କେଶଦୁରାପାଳ କେନ୍ଦୁଝର
ମୋ:୯୧୭୮୫୬୮୨୪୬


## ଶ୍ରମିକ ଭାଇରେ ଶ୍ରମିକ ଭାଇ

### ଧ୍ରୁବ ଚରଣ ଘିବେଲା

ଶ୍ରମିକ ଭାଇରେ ଶ୍ରମିକ ଭାଇ
ଶ୍ରମ କରିବାରେ ତୋ' ହେଳା ନାହିଁ
ଖଟିଥାଉ ପୁଣି ଥକି ନ ଯାଇ
କାମରେ ଠକିବା ଭାବନା ନାହିଁ ।
ସୂର୍ଯ୍ୟ ଉଇଁଲେକି ଶେଯକୁ ଛାଡ଼ି
ଯାଇଥାଉ ନିତି କାମେ ଦଉଡ଼ି
ସେଠି ଯାଇ ରହୁ କାମରେ ଲଢ଼ି
ରହିଥାଉ ପୁଣି କାମେ ହାମୁଡ଼ି ।
କାମେ ରହିଲେ ବି ଥକି ନ ଥାଉ
କାମ କରି କରି ଆନନ୍ଦ ପାଉ
ନିନ୍ଦା ପ୍ରଶଂସାକୁ ଏଡ଼େଇ ଯାଉ
କାମରେ ସର୍ବଦା ମାତିକି ରହୁ ।
କଳକାରଖାନା କି ରାସ୍ତାଘାଟ
କୋଠାବାଡ଼ି ଅବା ବଜାରହାଟ
ସବୁଠି ଶ୍ରମିକଭାଇର ହାତ
ତାର ଶ୍ରମ ଯୋଗୁଁ କାମ ଉକ୍ରୃଷ୍ଟ ।
ଶ୍ରମିକ ଭାଇରେ ଶ୍ରମିକ ଭାଇ
କାମେ ବଡ଼ ସାନ ବିଚାର ନାହିଁ
କାମେ ରହିଥାଉ ମନ ଲଗଓଇ
କାମ ପାଇଁ ପାଉ ପ୍ରଶଂସା ତୁହି ।
ବିକାଶର ଛାପ ପଛେ ଶ୍ରମିକ
ବିକାଶ ଯେଉଁଠି ସେଠି ଶ୍ରମିକ
ଶ୍ରମିକ ନ ଥାଇ ବିକାଶ ତୁଚ୍ଛ
ଶ୍ରମିକର ଅବଦାନ ଅନେକ ।


ବଉଦରାଜ, ଜି. ବୌଦ୍ଧ
ମୋ :୯୪୩୭୪୭୮୪୬୬


## ନିରୀହ ଶ୍ରମିକ ଆମେ

### ଜୟନ୍ତ କୁମାର ମଲ୍ଲିକ୍



ଶ୍ରମ କରି କରି ବିତେ ଦିନରାତି
ନିରୀହ ଶ୍ରମିକ ଆମେ -
ମୁଣ୍ଡଝାଳ ତୁଣ୍ଡେ ମାରିଥାଉ ସଦା
ବୁଡ଼ି ରହିଥାଉ କାମେ।
ଦେହର ରକତ ପାଣି କରିଦେଉ
ପେଟ ଚାଖଣ୍ଡକ ଲାଗି -
ମାନ ଅପମାନ ସବୁ ସହିଯାଉ
ପାରୁନାଁ କା' ପରେ ରାଗି।
ସପନକୁ ପୂରା କରିବା ଆଗରୁ
ଆୟୁଷ ତ ଯାଏ ସରି -
ଆହା କହିବାକୁ ନଆସନ୍ତି କେହି
ବଞ୍ଚୁ ଆମେ ମରି ମରି।
ସରକାରଙ୍କର ଯୋଜନା ଭିତରେ
ଯାତନା ରହିଛି ଭରି -
ଅତି ଅସହାୟ ହୋଇ ଦୁଃଖ ଭୋଗୁ
ସାବତ ସନ୍ତାନ ପରି।
ଶ୍ରମିକ ଦିବସ ପାଳନ ହୁଅଇ
ଖାଲି ମିଛ ଆଡ଼ମ୍ବରେ -
କେହି ବୁଝନ୍ତିନି ଶ୍ରମିକର ମନ
ଶେଫାଳୀ ପରି ସେ ଝରେ।


ଶୂରଡିହ,ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭


## ମଇ ଦିବସ...

### ରାମଚନ୍ଦ୍ର ବେହେରା



ଆଜି ପରା ମଇ ପହିଲା ତାରିଖ
ବିଶ୍ୱ ଶ୍ରମିକ ଦିବସ
ଦୁନିଆଁକୁ ଯିଏ ନୂଆ ରୂପଦିଏ
ନିଜ ଗୃହେ ସିଏ ନିଶ୍ୱ
ତାହାରି କଠିନ ଶ୍ରମେ
ଦେଶ ଆଗଉଛି ପ୍ରଗତିର ପଥେ
ଜନସେବା ଅବଦାନେ।
ସେତୁ ଓ ସଡକ ଗୃହ ଅଟ୍ଟାଳିକା
କଳ କାରଖାନା ଆଦି
ତା'ର ଶ୍ରମଦାନେ ନିର୍ମାଣ ହୁଅଇ
ଦେବାଳୟ ମସଜିଦ୍
ଦିବାନିଶି ଶ୍ରମ ଦେଇ
ପରିବାର ପାଇଁ ଦୂର ବିଦେଶରେ
ଦାଦନ ଖଟଇ ସେହି।
କର୍ମକୁ ମାନଇ ଜୀବନର ଧର୍ମ
ଲହୁଲୁହ ଦିଏ ଢାଳି
ଦେଶ ହିତ ପାଇଁ ନିଜ ଦୁଃଖ ଭୁଲେ
ନକରଇ କେବେ ଅଳି
କରଇ ଅନ୍ୟର ହିତ
ମଣିଷ ରୂପେ ସେ ଦେବଦୂତ ସାଜି
ଖୁସି ବାଣ୍ଟେ ଅପ୍ରମିତ।
କର୍ମମୟ ତା'ର ସଶକ୍ତ ଜୀବନ
କର୍ମକୁ ଦିଏ ପ୍ରାଧାନ୍ୟ
ସ୍ୱଳ୍ପ ମଜୁରୀରେ ଆନନ୍ଦରେ ରୁହେ
ସୁଖେ ଦୁଃଖେ କାଟେ ଦିନ
ଆଜିର ଶୁଭ ମୁହୂର୍ତ୍ତେ
ଶ୍ରମିକ ଭାଇର ମଂଗଳ କାମନା
କରିବା ଶ୍ରଦ୍ଧେୟ ଚିତ୍ତେ।
ନ୍ୟୁନତମ ଦେୟ ଶ୍ରମଦାନ ସୀମା
ନୀତି ପ୍ରଣୟନ କରି
ମାନ ସନମାନ ଦେବା ତାକୁ ସର୍ବେ
ଉଦାରତା ଭାବ ଭରି
ତା' ମୁଖେ ଭରିବା ହସ
ଦୁନିଆଁ ଯା'ପାଇଁ କରୁଛି ବିକାଶ
ନଦେବା ତାହାକୁ କ୍ଳେଶ।


ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬








ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୬୩



ଡ. ସିନ୍ଧୁ ସେନ୍

ମୁଁ ଦୂରରୁ ତାଙ୍କୁ କେବଳ ଲକ୍ଷ୍ୟ କରୁଥିଲି। ତାଙ୍କ ନିକଟତର ହେବାର ସତ୍‌ସାହସ ତ ମୋର ନଥିଲା । ତାଛଡ଼ା ଅନୁଭବ କଲି ସତେଯେମିତି ଅଶୋକବନର ସେଇ ବୃକ୍ଷ ଗୁଡ଼ିକର ଶାଖାପ୍ରଶାଖା ମୁଣ୍ଡହଲାଇ ମୋତେ ପରିହାସ କରୁଛନ୍ତି । ନିରବରେ ସେମାନେ ବୋଧେ କହୁଥିଲେ ହେ ଦୁଷ୍ଟ ରାବଣ, ଯାହା ତ ପାପ କର୍ମ କଲୁ ଏବେ ପୁଣି ସୀତାଦେବୀଙ୍କୁ ସ୍ପର୍ଶ କରିବାର ଦୁଃସାହସ କରନା । ଯାହାକୁ ତୁ ସାଧାରଣ ନାରୀବୋଲି ଭାବିଛୁ ସେ ସାଧାରଣ ନୁହଁନ୍ତି, ଅସାଧାରଣ, ଅସାମାନ୍ୟ । ତାଙ୍କୁ ଏଠାରେ ସ୍ପର୍ଶ କରିବାର ଅର୍ଥ, ତୁ ନିଜେ ହିଁ ଜଳିଯିବୁ। ଭସ୍ମ ହୋଇଯିବୁ ।

ମୋତେ ଯିଏ ଯେତେ ବୁଝାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ, ମୁଁ କିନ୍ତୁ କାହାରି କଥା ବୁଝିବା ସପକ୍ଷରେ ନଥିଲି । ମୋ ପାଇଁ ମୋର ଜିଦ୍ ହିଁ ବଡ଼ । ମୁଁ ତେଣୁ ଏତେଶୀଘ୍ର ସୀତାଦେବୀଙ୍କ ଠାରେ ହାର ମାନିବାକୁ ପ୍ରସ୍ତୁତ ନଥିଲି । ବରଂ ତାଙ୍କୁ ଭୟଭୀତ କରାଇବାକୁ ବାରମ୍ବାର ଚେଷ୍ଟା କରୁଥିଲି । ସୀତା ମଧ୍ୟ ମୋ ଆଗରେ ତାଙ୍କ ପତିଦେବଙ୍କ ଗୁଣଗାନ କରି ମୋତେ ଭୟଭୀତ କରିବାକୁ ଚେଷ୍ଟା କରୁଥିଲେ । ତାଙ୍କ ପତିଦେବ ଯେ ସାମାନ୍ୟ ବନଚାରୀ ନୁହଁନ୍ତି । ଚାହିଁଲେ ନିମିଷକେ ସମଗ୍ର ରାକ୍ଷସକୁଳକୁ ଧୂଳିସାତ୍ କରିଦେବେ, ଏକଥା କହି ସେ ମୋତେ ରାମଚନ୍ଦ୍ରଙ୍କ ଠାରେ କ୍ଷମାପ୍ରାର୍ଥନା କରିବାକୁ ପ୍ରବର୍ତ୍ତାଉଥିଲେ । ମୁଁ ରାବଣ, ପ୍ରବଳ ପ୍ରତାପୀ, ପରାକ୍ରମୀ ମଧ୍ୟ । ମୁଁ କଦାପି କାହାରି ପାଦତଳେ କ୍ଷମା ମାଗି ପାରିବି ନାହିଁ। କେବେ ନୁହେଁ ମୁଁ ମୋର ନିଜସ୍ୱ ସ୍ୱାଭିମାନକୁ ନେଇ ବଞ୍ଚି ରହିବାକୁ ଚାହେଁ । ଏତିକି ମଧ୍ୟ ଜାଣିଛି ସୀତାଙ୍କ ଭଳି ଜଣେ ଦେବୀ ପ୍ରତିମାଙ୍କୁ ବନ୍ଦୀ କରି ରଖିବାର ଆସ୍ପର୍ଦ୍ଧା ମୋର କେବେ ନଥିଲା କି ଏବେବି ନାହିଁ । ପ୍ରକୃତରେ ସେ କ'ଣ ବନ୍ଦିନୀ ଥିଲେ? ଶରୀର ସିନା ତାଙ୍କର ବନ୍ଦୀ ଥିଲା । ମାତ୍ର ସେ ଥିଲେ ମୁକ୍ତ, ଅନନ୍ୟା ରମଣୀ ସୀତା.... କେବେ କାହାରି ପାଖରେ ବନ୍ଦିନୀ ହୋଇ ନପାରନ୍ତି । ସେ ନିଜେ ନ ଚାହିଁଲା ପର୍ଯ୍ୟନ୍ତ ତାଙ୍କୁ କିଏ ବା କାହିଁକି ବନ୍ଦିନୀ କରି ରଖିବ । ତାଙ୍କ ଆତ୍ମା ତ କେବଳ ତାଙ୍କ ପତିଦେବ ଶ୍ରୀରାମଙ୍କ ପାଖରେ ବନ୍ଧା ହୋଇପଡ଼ିଛି । ସବୁ ଜାଣି ମଧ୍ୟ ନ ଜାଣିଲା ପରି ଅଭିନୟ ଯାହା କରୁଥିଲି । ସେଇଥିପାଇଁ ତ ଦୂରରେ ରହି ସୀତାଙ୍କ ବିଷୟରେ ସବୁକିଛି ଟିକିନିଖି ତଥ୍ୟ ସଂଗ୍ରହ କରୁଥିଲି । ଯାହାଙ୍କର ଜୀବନ ପତିଭକ୍ତି, ସ୍ନେହ, ପ୍ରୀତି, ମମତ୍ୱ ବନ୍ଧନରେ ବନ୍ଧା, ତାଙ୍କୁ କେମିତି ମୁଁ ଅଶୋକବନ ମଧ୍ୟରେ ବାନ୍ଧି ରଖି ରଖିପାରିଥାନ୍ତି । ତଥାପି, ମୋ ମନରେ ତାଙ୍କ ଅପହରଣ ଜନିତ ଅହଂକାର କିଛି କମ୍ ନଥିଲା।

ଏପଟେ ସୀତା ଅପହରଣ ଘଟଣାକୁ ନେଇ ସମଗ୍ର ଲଙ୍କା ରାଜ୍ୟରେ ଅସମ୍ଭବ ଝଡ଼ । ରାଜଭବନର କୋଣ ଅନୁକୋଣରୁ ତୀବ୍ର ବିରୋଧର ଅଣଓଷ ପବନ ବୋହୁଥିଲା । ସମସ୍ତଙ୍କ ମୁଖରେ ସେଇ ଗୋଟିଏ କଥା । ଏଭଳି ଅଧାର୍ମିକ କାର୍ଯ୍ୟ କରିବାର ଅର୍ଥ ସାରା ଲଙ୍କାର ବିନାଶ । ସ୍ୱୟଂ ମନ୍ଦୋଦରୀ ମଧ୍ୟ ଏଥିରେ ସାମିଲ୍ ହୋଇଛନ୍ତି ବିଭୀଷଣର ଅବସ୍ଥା ସବୁଠୁ ବଳି ଅଧିକ ସେ ମୋତେ ବୁଝାଇବାକୁ ଯାଇ କହୁଥିଲେ ଭାଇ, ସୀତା ସାକ୍ଷାତ୍ ଲକ୍ଷ୍ମୀ ଠାକୁରାଣୀ । ଏବେବି ସମୟ ଅଛି ତାଙ୍କୁ ଖୁବ୍ ଶୀଘ୍ର ରାମଙ୍କ ହାତରେ ସମର୍ପଣ କରିଦିଅନ୍ତୁ । ନହେଲେ ସୀତା ଦେବୀଙ୍କ ତପ୍ତ ଦୀର୍ଘଶ୍ୱାସ ଲଙ୍କାକୁ ପୋଡ଼ି ଛାରଖାର କରିଦେବ । ତା ପୂର୍ବରୁ ଆପଣ ସୀତାଙ୍କୁ ରାମଙ୍କ ହାତରେ ଟେକି ଦିଅନ୍ତୁ । ସୀତାଙ୍କ ଉପରେ କେବଳ ରହିଛି ରାମଙ୍କ ଅଧିକାର । ସେ ଅଧିକାରକୁ ଛଡ଼ାଇ ନେବାପାଇଁ ଆପଣଙ୍କର ଏ ବୃଥା ଆସ୍ଫାଳନ ଆଦୌ ଶୋଭନୀୟ ନୁହେଁ ।

ବିଭୀଷଣଙ୍କୁ ମୁଁ ଭଲଭାବେ ଜାଣେ । ସେ ସବୁଦିନେ ସେମିତି । ଧର୍ମ ଦିଗରେ ତାର ସଦା ମତି । ସେ କେବେବି ଅନ୍ୟାୟକୁ ସହିପାରେନି, ଜନ୍ମରୁ ସେ ବିଷ୍ଣୁଭକ୍ତ । ସାନଭାଇ ବୋଲି ମୋତେ ଜୋର ଜବରଦସ୍ତ ସିନା କରିପାରେନି ନହେଲେ ସେ ଯେ ଅଧର୍ମର ଘୋର ବିରୋଧୀ, ଆଉ ମୋର ଏସବୁ କାର୍ଯ୍ୟକଳାପକୁ ନେଇ ଅତ୍ୟନ୍ତ କ୍ଷୁବ୍ଧ, ଏକଥା ମୁଁ ଭଲଭାବେ ଜାଣେ । ତେଣୁ ତା କଥାକୁ ମୁଁ ଆଦୌ ଗୁରୁତ୍ୱ ଦେଇ ନଥିଲି । ଆଉ ବାକି ରହିଲା ଭାଇ କୁମ୍ଭକର୍ଣ୍ଣ । ସେ ତ ପ୍ରାୟ ନିଦ୍ରାସନରେ ରହିଥାନ୍ତି । ହେଲେ ସେଦିନ ଜାଗ୍ରତ ଥିବାବେଳେ ମୋତେ ଏପରି ଆକ୍ଷେପ କରି ବାକ୍ୟାଳାପ କଲେ ଯେ ମୁଁ ତା ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲି । ସେ ମୋତେ ଦୁର୍ବଳ ବୋଲି ଆକ୍ଷେପ କରିଥିଲେ । ମୁଁ ଯେ ସୀତାଙ୍କୁ ଭୟ କରୁଛି ତାହା ସର୍ବସମ୍ମୁଖରେ ମୋତେ ଆଙ୍ଗୁଳି ଦେଖାଇ ଚେତାଇ ଦେଇଥିଲେ। କୁମ୍ଭକର୍ଣ୍ଣ ମୋତେ ଯେଉଁ ଉଦ୍ଦେଶ୍ୟ ନେଇ କହିଥାଉ ନା କାହିଁକି ମୁଁ ଯେ ସୀତାଦେବୀଙ୍କୁ ଭୟ କରେନାହିଁ ଏକଥା ମଧ୍ୟ ମୁଁ ଜୋରଦେଇ କହିପାରିବି ନାହିଁ ।

ମୁଁ ଲଙ୍କାଧିପତି ରାବଣ, କାହାରି ଆଗରେ ନିଜର ଦୁର୍ବଳତା ପ୍ରକାଶ କରିଦେବା ମୋ ଚରିତ୍ର ବିରୋଧୀ । କାରଣ, ଏଥିପାଇଁ ହୁଏତ ଭବିଷ୍ୟତ ଇତିହାସରେ ମୋ ଚରିତ୍ର ଉପରେ ଆଉ ଏକ କଳଙ୍କର ଦାଗ ରହିଯିବ । ଏବେ କିନ୍ତୁ ଜୀବନର ଶେଷାନ୍ତରେ ସେତକ ନକହି ମୁଁ ରହିପାରୁନି । ମୁଁ ଯେ ମୋ ଭ୍ରାତୃଷ୍ପୁତ୍ର କୁବେର ନନ୍ଦନ ନଳକୁବେର ଦ୍ୱାରା ଅଭିଶପ୍ତ, ଏ କଥା କେହି ବି ଜାଣି ନଥିଲେ । ଏମିତିକି ମନ୍ଦୋଦରୀ ପାଖରେ ତାହା ମଧ୍ୟ ଥିଲା ଅଜ୍ଞାତ । ସେ ଅନେକ ଦିନ ତଳର କଥା । ଯକ୍ଷରାଜ କୁବେରଙ୍କ ବିରୋଧରେ ଯୁଦ୍ଧଯାତ୍ରା କରିବା ଘଟଣା । ଯେଉଁଦିନ ଏକ ଦୁର୍ବଳ ମୁହୂର୍ତ୍ତରେ ମୋର ଭେଟ ହୋଇଥିଲା ସ୍ୱର୍ଗର ଅପ୍‌ସରା ରମ୍ଭା । ଯିଏ ଥିଲେ ମୋର ପୁତ୍ରବଧୂ । ସେଦିନ ଏକ ଦୁର୍ବଳ ମୁହୂର୍ତ୍ତରେ ମୋତେ ରମ୍ଭା ସହ ସମ୍ମୁଖୀନ ହେବାକୁ ପଡ଼ିଥିଲା। ନଳକୁବେରଙ୍କ ସେ ଥିଲେ ବାଗ୍‌ଦତ୍ତା । ମୋତେ ଗୁରୁଜନ ଭାବି ମୋ ପାଦସ୍ପର୍ଶ କରି ଆଶୀର୍ବାଦ ଚାହୁଁଥିଲେ । ଅଥଚ ମୁଁ ପାପିଷ୍ଠ, ସେଦିନ କାମନାର ନିଆଁରେ ଅନ୍ଧ ହୋଇ ଯାଇଥିଲି । କ'ଣ କରିବାକୁ ଯାଉଛି ତାହା ନିଜେ ମଧ୍ୟ ଜାଣିପାରି ନଥିଲି । ରମ୍ଭା କିନ୍ତୁ ମୋ ଅତ୍ୟାଚାରରେ ଅତିଷ୍ଠ ହୋଇ ନଳକୁବେରଙ୍କ ପାଖରେ ସବୁକଥା ଜଣାଇ ଦେଇଥିଲା । ଆଉ ସେଥିପାଇଁ ନଳକୁବେର ମୋତେ ଅଭିଶାପ ଦେଇଥିଲେ ମୁଁ ଯେବେ କୌଣସି ନାରୀ ଉପରେ ବଳାତ୍କାର କରିବି ସେଦିନ ମୋ ମୁଣ୍ଡଗଣ୍ଡି ଅଲଗା ହୋଇଯିବ । ସେହିଦିନ ଠାରୁ କେହି ନଜାଣିଲେ ମଧ୍ୟ ମୁଁ ମୋ ନିଜକୁ ସଂଯତ କରି ନେଇଛି । ଏ ଅଭିଶାପର କଥା କାହାରିକୁ କହିପାରି ନଥିଲି । ମୁଣ୍ଡ ଉପରେ ଝୁଲୁଥିବା ଏ ଅଭିଶାପର ଖଣ୍ଡା ପାଇଁ ମୁଁ ସଦାସର୍ବଦା ସତର୍କ ଥିଲି । ତେଣୁ କୁମ୍ଭକର୍ଣ୍ଣ ହେଉ ବା ଅନ୍ୟ ଯେ କେହି ବି ହୁଅନ୍ତୁ ଯାହା କହିଲେ ମଧ୍ୟ ମୁଁ ଜାଣିଛି ମୁଁ କ'ଣ? ସୀତାଦେବୀଙ୍କୁ ମୁଁ ଅପହରଣ କରି ଆଣିଥିଲି ସତ, ହେଲେ ତାଙ୍କୁ ଅଶୋକ ବୃକ୍ଷର ତଳେ ଯେବେ ବି ଦେଖିବାକୁ ଯାଇଛି, ମୁଁ ତାଙ୍କ ଭିତରେ ମୋ ମାଆଙ୍କୁ ହିଁ ଦେଖିଛି । ତାଙ୍କ ନିକଟରେ ମୋ ଶିର ନଇଁ ଯାଇଛି । ତାଙ୍କର ସେଇ ଆଶୀର୍ମୟ ଚାହାଣୀର ଆଢୁଆଳରେ ମୁଁ ଦେଖିଛି ପୂତପବିତ୍ର ହସର ଝଲକ, ତାଙ୍କର ଶ୍ରୀମୁଖ ଦର୍ଶନରେ ମୋ ମନରୁ ସକଳ ପ୍ରକାର କାମନା ବାସନାର ନିଆଁ ଲିଭିଯାଇଛି । ତାଙ୍କର ଅଙ୍ଗ ସ୍ପର୍ଶ କରିବା ତ ଦୂରର କଥା, ତାଙ୍କ ସମ୍ମୁଖରେ ଠିଆ ହେବା ପାଇଁ ମଧ୍ୟ ସାହସ କରିପାରିନି । ମୋ ନିଜସ୍ୱ ଦୁର୍ବଳତାକୁ କାହାରିଠାରେ ପ୍ରକାଶ କରି ନପାରିଲେ ମଧ୍ୟ ସୀତାବେଦୀଙ୍କୁ ନେଇ ମୋ ମନରେ ଅନେକ ସଂଶୟ ଜାଗିଛି । ପ୍ରକୃତରେ କିଏ ଏଇ ସୀତା? ଦେବୀ ନା ମାନୀ? ବିଭୀଷଣଙ୍କ ଭାଷାରେ ଜଗତର ଠାକୁରାଣୀ। ସମସ୍ତଙ୍କର ମାଆ । ମୁଁ ତେଣୁ ଭାବେ, ସେ ମୋ ଉପରେ ଅନ୍ତର ମଧ୍ୟରୁ କେବେବି କ୍ରୋଧିତ ହେବେ ନାହିଁ । ବରଂ ଆଶିଷର ଅମୃତଜଳ ସିଞ୍ଚନ କରିଦେବେ । ମୋ ମନରେ ଏ ଚିନ୍ତା ମୋତେ ବାରମ୍ବାର ବିବ୍ରତ କରିଛି । ମୁଁ ତେଣୁ କେବେବି ସୀତାଦେବୀଙ୍କୁ ମୋର ଶତ୍ରୁ ଭାବେ ଦେଖିନାହିଁ କି ସେ ଯେ ସାରା ଲଙ୍କାରେ ଧ୍ୱଂସର ଅନଳ ଜାଳି ଛାରଖାର କରିଦେବେ ଏକଥା ମଧ୍ୟ ମନକୁ ନେଇନି ।

ଏବେ କିନ୍ତୁ ଜୀବନର ଶେଷଲଗ୍ନରେ ସେସବୁ ମନେପଡ଼ିଲେ ମୋ ଭାଗ୍ୟକୁ ନିନ୍ଦା କରୁଛି ସିନା କିନ୍ତୁ ବାସ୍ତବରେ ମୁଁ ନିଜେ ହିଁ ତ ମୋ ଭାଗ୍ୟରେଖାର ବିପଦ ଗାରକୁ ଟାଣି ଦେଇଛି । ଲଙ୍କାରେ ଏମିତି କେହିଜଣେ ବି ନାହାନ୍ତି । ଯିଏ ମୋତେ ସୀତା ଅପହରଣ ପାଇଁ ନିନ୍ଦା ନ କରିଛି । କିନ୍ତୁ କେହି ବି ମୋତେ ଠିକ୍‌ରେ ବୁଝିନଥିଲେ । ମୁଁ କାହିଁକି କ'ଣ ପାଇଁ ସୀତାଦେବୀଙ୍କୁ ନିଜ ଅକ୍ତିଆର ମଧ୍ୟରେ ରଖିଥିଲି ସେକଥା କେବଳ ମୁଁ ଜାଣେ । ଏତକ ମଧ୍ୟ ଜୋର ଦେଇ କହିପାରିବି ଏହା ପଛରେ ମୋର କୌଣସି ମନ୍ଦ ଉଦ୍ଦେଶ୍ୟ ନଥିଲା । ସୀତା ଯେ ରାମଙ୍କର ଶକ୍ତି, ସମଗ୍ର ଜଗତର ଶକ୍ତି ତାଙ୍କୁ ଛାଡ଼ିଦେଲେ ମୁଁ କ'ଣ କେବେ ବି ପ୍ରଭୁ ଶ୍ରୀରାମଙ୍କୁ ସାକ୍ଷାତ ପାଇଥାନ୍ତି ହେ ପ୍ରଭୁ ଶ୍ରୀରାମ, କେହି ନ ଜାଣିଲେ ବି ତୁମେ ତ ସବୁ ଜାଣିଛ । ଦୁନିଆ ମୋତେ ଯେତେ ଦୋଷ ଦେଲେ ଦେଉ ପଛେ ତୁମେ ତ ଜାଣ, ରାବଣ କ'ଣ? ରାବଣ ଯେ ଲମ୍ପଟ ନୁହେଁ କାମୁକ ନୁହେଁ ତୁମେ ହିଁ ଏକଥା ବେଶ୍ ଭଲଭାବେ ଜାଣ । ତେଣୁ ହେ ପୁରୁଷୋତ୍ତମ ମୋ ଦୋଷକୁ କ୍ଷମା କରିଦିଅ । ମୋର ମୁକ୍ତିକାମୀ ମନର ପିପାସାକୁ ଅମୃତ ସିଞ୍ଚି ଶୀତଳ କରିଦିଅ । ମୋ ଜୀବନ କାହାଣୀ ସର୍ବସମ୍ମୁଖରେ କହିବାକୁ ମୋତେ ଶକ୍ତି ଦିଅ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୮୯ ॥

ବିଜ୍ଞାନ ବଳରେ ମାନବ ଉନ୍ନତ ହେବ ନାହିଁ କି ?

ହିରାଣାକ୍ଷ ଜାଣିଥିଲା ଯେ, ଆଜକୁ ବାର ହଜାର ବର୍ଷ ପୂର୍ବେ କ୍ଷୀର ସାଗର ର ସମସ୍ତ ବରଫ ତରଳି ଯାଇଥିଲା ଓ ଏହି ଶ୍ୱେତ ବରାହ ମାନେ ସେତେବେଳେ ପ୍ଲକ୍ଷ ଦ୍ୱିପ ଆଡ଼କୁ ଖାଦ୍ୟ ଅନ୍ୱେଷଣ ରେ ଆସିଥିଲେ। (କାଜାକ ସ୍ଥାନ) । ଏହା ମଧ୍ୟରେ ସେମାନେ କାଶ୍ମୀର ଏବଂ ଏହି ଦ୍ୱିପ ମାନଙ୍କୁ ମଧ୍ୟ ଦଳ, ଦଳ ହୋଇ ଆସି ଗଲେଣି। ଦେବତାମାନଙ୍କୁ ହଇରାଣ କରିବା ପାଇଁ ସେ ବିତସ୍ତା, ସିନ୍ଧୁ ଆଦି ନଦୀ ମାନଙ୍କରେ ଘାଇ ସୃଷ୍ଟି କରି ପ୍ରବଳ ବନ୍ୟା ସୃଷ୍ଟି କରିଥିଲା।ଏବେ ସେହି ବନ୍ୟାପ୍ଲାବିତ ମୃତ୍ତିକାକୁ ଏହି ବରାହ ମାନେ ଦାନ୍ତରେ କୃଷି ଉପ ଯୋଗୀ କରି ଆର୍ଯ୍ୟ ଓ ଦେବତା ମାନଙ୍କର ପ୍ରିୟ ହୋଇଗଲେଣି। ମୀନ ଅବତାରଙ୍କ ସମୟରେ ହୋଇଥିବା ମହା ପ୍ରଳୟ ପୂର୍ବରୁ ସମସ୍ତ ପଦକ୍ଷେପ ନେବା ସତ୍ତ୍ୱେ ବି ଆର୍ଯ୍ୟା ବର୍ତ୍ତ ର ଅନେକ ପ୍ରଜା, ପଶୁ, ପକ୍ଷୀ, ବୃକ୍ଷ ଆଦି ପ୍ରାୟ ନିଶ୍ଚିହ୍ନ ହୋଇ ଯାଇଥିଲା। କଶ୍ୟପଙ୍କ ଦ୍ୱାରା ଆର୍ଯ୍ୟାବର୍ତ୍ତ ତଥା ଦେବଭୂମି ରେ କେତେକ ପ୍ରାଣୀ, ତରୁଲତା ସୁରକ୍ଷିତ ଥିଲେ। ସତ୍ୟବ୍ରତ ତାଙ୍କ ସହିତ ସମସ୍ତ ବୀଜ, ଆୟୁର୍ବେଦ, ନାରୀ ମାନଙ୍କୁ ଉତ୍ତର ଭାରତକୁ, ହିମାଳୟର ପାଦ ଦେଶକୁ ନେଇ ଆସିଥିଲେ। (ସେହି ବହୁତ ପୁରୁଣା ଭାଗବତ ରେ ହିଁ ସତ୍ୟ ବ୍ରତଙ୍କୁ ମୀନ ଅବତାର ନାରୀ ମାନଙ୍କୁ ମଧ୍ୟ ସାଙ୍ଗରେ ଆଣିବାକୁ କହିଥିଲେ। ଯାହା ବର୍ତ୍ତମାନ ଭାଗବତ ରେ ନାହିଁ।କିନ୍ତୁ ସପ୍ତଋଷିଙ୍କ ବ୍ୟତୀତ ସେ ଅନ୍ୟ କୌଣସି ନରଙ୍କୁ ସାଙ୍ଗ ରେ ଆଣି ନଥିଲେ। କାହିଁକି ? ହୁଏତ ଏହି ନାରୀ ମାନେ ଋଷି ଓ ସତ୍ୟବ୍ରତଙ୍କ ଔରସରେ ପୂର୍ବ ପରି ଗର୍ଭ ଧାରଣ କରି ଆଗାମୀ ମାନବ ମାନଙ୍କୁ ଜନ୍ମ ଦେଇଥିଲେ।) ହେଲେ ଅସୁର ମାନଙ୍କର କୃଷି କାର୍ଯ୍ୟ କଣ ଦରକାର ? ହିରଣାକ୍ଷର ଲକ୍ଷ୍ୟ ଥିଲା, ଏହି ବରାହ ମାନଂକ ମାଂସ !! ତେଣୁ ସେହି ଦେବ ଶକ୍ତି ମାନେ ସମସ୍ତେ, ଦେବତା ମାନଙ୍କ କାତର ପ୍ରାର୍ଥନାକୁ ଗ୍ରହଣ କରି ନିଜ ନିଜର ଶକ୍ତିରେ ଶୂକରଙ୍କ ଦ୍ୱାରା ହିରଣ୍ୟାକ୍ଷ ଙ୍କୁ ବଧ କରିବାକୁ ନିଷ୍ପତ୍ତି ନେଲେ। ମୁହୂର୍ତ୍ତର ନାମ ଅଭିଜିତ ଥିଲା। ଏହା ଅତ୍ୟନ୍ତ ଶୁଭ ମୁହୂର୍ତ୍ତଥିଲା। ଆସ୍ତିକ ମାନେ ସେମାନଙ୍କ ଯୋଗଶକ୍ତି ବଳରେ ବିଷ୍ଣୁ ଙ୍କର ଶ୍ରେଷ୍ଠ ଅସ୍ତ୍ର ସୁଦର୍ଶନ ଚକ୍ର (ଅର୍ଥାତ,ଐଶ୍ୱରୀୟ ଶକ୍ତି ବା ଶକ୍ତିର ଜ୍ୟୋତିଃ ଚକ୍ର, ଯାହାକି , ଯୋଗଶକ୍ତି ଦ୍ୱାରା ପରିଚାଳିତ ହୁଏ ଏବଂ କ୍ରିୟାଶୀଳ ହୁଏ), ତାହାକୁ ହିରଣ୍ୟାକ୍ଷଙ୍କ ପଛରେ ଲଗାଇ ଦେଲେ। ସୁଦର୍ଶନ ଚକ୍ରର ଉପଯୋଗ ଦେଖି ମହାବଳୀ ଦନୁଜ ଅତ୍ୟନ୍ତ କ୍ରୋଧରେ ବାରମ୍ବାର ଶୂକରଙ୍କ କର୍ଣ୍ଣମୂଳ, ପୃଷ୍ଠଦେଶରେ ଓ ଶରୀର ଉପରକୁ ତାର ବିଶାଳ ଲୌହ ଗଦାକୁ ଫିଙ୍ଗିବାକୁ ଲାଗିଲା। କିନ୍ତୁ ଶୂକର ତାହାକୁ ନିଜର ବାମ ପାଦରେ ଅବଲୀଳା କ୍ରମେ ଧରିନେଇ ସମ୍ଭାଳି ଗଲେ। ଏହାପରେ ସେ ଗଦାକୁ ପୁନର୍ବାର ଗ୍ରହଣ ପାଇଁ ହିରଣ୍ୟାକ୍ଷକୁ ଯାଚିଲେ। କିନ୍ତୁ ଅଭିମାନୀ ହିରଣ୍ୟାକ୍ଷ ଶୂକରଙ୍କର ସେହି ଅନୁଗ୍ରହକୁ ଗ୍ରହଣ ନକରି ଗଦା ପରିବର୍ତ୍ତେ ଶୂଳକୁ ଧାରଣ କଲେ। ଶୂକରଙ୍କ ପକ୍ଷରୁ ସୁଦର୍ଶନ ଚକ୍ରଦ୍ୱାରା ଜ୍ୱଳନ୍ତ ଶୂଳକୁ ଛେଦ କରାଗଲା। ତ୍ରିଶୂଳ ଭଗ୍ନ ହେବାର ଦେଖି, ଅସୁର ଶୂକରଙ୍କ ଉପରେ ମୁଷ୍ଟି ଆଘାତ କରିବାରେ ଲାଗିଲା। ଦୁଇଟି ମତ ବୃଷଭ ଯୁଦ୍ଧ କଲାଭଳି ପରସ୍ପର ପରସ୍ପର ସହ ସଲଗ୍ନ ହୋଇ ଲଢେଇ କରିବାରେ ଲାଗିଲେ।

ଏହା ମଧ୍ୟରେ ହିରଣ୍ୟାକ୍ଷ ତାର ବିଜ୍ଞାନ ଓ କୁହୁକ ବିଦ୍ୟର ପ୍ରୟୋଗ କରିବାରେ ଲାଗିଲା। ସେ ଅନ୍ତରୀକ୍ଷ ମଧ୍ୟରେ ନିଜକୁ ଗୋପନ ରଖିବାର ଅଭିନୟ କଲା। ଚତୁର୍ଦ୍ଦିଗରେ ପାଷାଣ ବୃଷ୍ଟି କରିବାରେ ଲାଗିଲା। ତାର ମାୟାରେ ଦଶ ଦିଶ ଭସ୍ମରେ ଆଚ୍ଛାଦିତ ହେବା ପରି ଲାଗିଲା। ମେଘମାନେ ଘୋର ଗର୍ଜନ କରି ରକ୍ତ ବର୍ଷା କରିବାରେ ଲାଗିଲେ। ତାର ସେହି ଅଳୀକ ମାୟା ଖେଳରେ ତ୍ରିଦଶ ଭୟରେ କମ୍ପିବାରେ ଲାଗିଲା। (ପିସି ସରକାର ଅନେକ ଆଶ୍ଚର୍ଯ୍ୟ ଜନକ କୁହୁକ ପ୍ରଦର୍ଶନ କରିଥିଲେ। ଏହି ଭଳି କୁହୁକ କିପରି କରାଯାଏ ବା ସେ ପ୍ରଦର୍ଶନ କରିଥିଲେ କି ନାହିଁ ମୁଁ ଜାଣେ ନାହିଁ।)

'ଏହି କୁହୁକ ର ମିଛ ଖେଳ ବଳରେ ତୁ କେବେ ଐଶ୍ୱରୀୟ ଓ ପ୍ରାକୃତିକ ଶକ୍ତି ଉପ ରେ ବିଜୟ ପ୍ରାପ୍ତ କରିପାରିବୁ ନାହିଁ'। 'ଶୂକର ମନେ ମନେ ଉଚ୍ଚାରଣ କଲେ ଏବଂ ସୁଦର୍ଶନ ଚକ୍ର କୁ ସେହି ରାକ୍ଷସ ର ପଛ ରେ ଲଗାଇ ଦେଲେ। ସୁଦର୍ଶନ ଅତି ଶୀଘ୍ର ଅସୁରର ପଶ୍ଚାତ ଧାବନ କରି ଯାଇ କଶ୍ୟପ ଙ୍କ ବିଜ୍ଞାନ ଭବନ ମଧ୍ୟରେ ପ୍ରବେଶ କଲା। ( ହୁଏତ ଏହି ଲଢେଇ ଅନେକ ଦିନ ଧରି ଚାଲିଥିଲା। ବରାହ ଦ୍ରୁତ ଗତିରେ ଦୌଡୁ ଥିଲେ, ସନ୍ତରଣ କରୁଥିଲେ ଓ ହିରଣ୍ୟାକ୍ଷ ଏବଂ ତା'ପଛେ ପଛେ ସୁଦର୍ଶନ ଚକ୍ର!! ହିରଣ୍ୟ କଶ୍ୟପଙ୍କର ସାରା ଶରୀର ରକ୍ତରେ ସ୍ନାନ କରୁଥିଲା।

ଏଭଳି ଅବସ୍ଥାରେ ହଠାତ କଶ୍ୟପଙ୍କ ଦୃଷ୍ଟି ପୁତ୍ର ଉପରେ ପଡ଼ିଗଲା। ତା ପଛରେ ଥିବା ସୁଦର୍ଶନ ଚକ୍ରକୁ ଦେଖି ( ହୁଏତ ଏହି ଚକ୍ରକୁ କେବଳ କଶ୍ୟପ ହିଁ ଦେଖି ପାରୁଥିଲେ।) ତାଙ୍କର ପୂର୍ବ ଅଭିଶାପ କଥା ମନେ ପଡ଼ିଗଲା ଏବଂଭୟରେ ତାଙ୍କର ଛାତି ଥରି ଉଠିଲା। ହଠାତ ତାଙ୍କ ପାଟିରୁ ବାହାରି ଆସିଲା,'ସବୁ ତୁମରି ଇଚ୍ଛା ପ୍ରଭୁ, ସବୁ ତୁମରି ଇଚ୍ଛା' ଏବଂ ତାଙ୍କର ଦୁଇ ହସ୍ତ ଅନୁଗ୍ରହ ଆଶାରେ ବିଷ୍ଣୁଙ୍କ ପ୍ରତି ଯୋଡି ହୋଇଗଲା।

ଯେତେବେଳେ ବରାହ ଓ ହିରଣ୍ୟାକ୍ଷ ଯୁଦ୍ଧରତ ଅବସ୍ଥାରେ କଶ୍ୟପଙ୍କ ମନ୍ଦିରର ଭିତରକୁ ପଶି ଆସିଲେ, କଶ୍ୟପ ବୁଝିପାରିଲେ ଯେ, ଏହି ବରାହ ବିଷ୍ଣୁଙ୍କ ପ୍ରେରିତଐଶ୍ୱରୀୟ ଶକ୍ତି ବ୍ୟତୀତ ଅନ୍ୟ କେହି ନୁହନ୍ତି। ସେତେବେଳେ ଭୟ ଓ ଆଶଙ୍କା ରେ ତାଙ୍କର ପିତୃ ହୃଦୟ ଆତଙ୍କିତ ହେବାରେ ଲାଗିଲା। ସେ ଚିତ୍କାର କରି ଦିତିଙ୍କୁ କହିଲେ, 'ଦେଖୁଛ କ'ଣ ଦିତି ? ତାକୁ ଅଟକାଅ, ଅଟକାଅ । ଏହି ସୁଦର୍ଶନ ଚକ୍ର ବିଷ୍ଣୁଙ୍କର ଚକ୍ର ବ୍ୟତୀତ ଅନ୍ୟ କିଛି ନୁହେଁ। ତୁମେ ପୂର୍ବର ଅଭିଶାପ କଥା ସ୍ମରଣ କରି ତୁମର ପୁତ୍ରକୁ ଯୁଦ୍ଧରୁ ନିବୃତ୍ତ କର।'

କଶ୍ୟପଙ୍କ କଥା ଶୁଣି, ପୁତ୍ର ସହ ବରାହଙ୍କ ଘମାଘୋଟ ଯୁଦ୍ଧ ଦେଖି ଜନନୀ ଦିତି ମହା ଭୟରେ କମ୍ପିବାରେ ଲାଗିଲେ, ଯେପରି ତାଙ୍କୁ ଚିନ୍ତାରେ କମ୍ପ ଜ୍ୱର ଆସି ଯାଇଛି। ଏବେ କଶ୍ୟପ ସେଦିନ ଯଜ୍ଞ ଶାଳାରେ ତାଙ୍କୁ ଦେଇଥିବା ଉପଦେଶ କୁମନେ ପକାଇ ସେ ଅନୁତାପ ଅନଳରେ ଦଗ୍ଧ ହେଉଥିଲେ। ହେଲେ ସେହି କାଳସନ୍ଧ୍ୟାକୁ ଆଉ ବଦଳାଇ ଦେବାର କିଛି ଉପାୟ ନଥିଲା। ତେଣୁ ଦିତି କେବଳ ଅତି ବିକଳ ରେ କାନ୍ଦି ବାକୁ ଲାଗିଲେ।

ମାତାଙ୍କ ବିକଳ ଦେଖି ମାୟା ଖେଳରୁ କ୍ଷାନ୍ତ ହେଲା ହିରଣ୍ୟାକ୍ଷ । 'ମୁଁ ତାକୁ ଶୀଘ୍ର ବିନାଶ କରିବି ମାତା। ତୁମେ ଆଉ କାନ୍ଦ ନାହିଁ। 'ଏହା କହି ଦ୍ୱିଗୁଣ ବଳରେ ଦୁଇହାତ ଊର୍ଦ୍ଧ୍ୱକୁ ଟେକି ହିରଣ୍ୟାକ୍ଷ ଶୂକରଙ୍କର ପାଦ ଦ୍ୱୟକୁ ପ୍ରହାର କଲା। ମୁହୂର୍ତ୍ତର ନାମ ଅଭିଜିତ। ଉଜ୍ଜ୍ୱଳ ସୂର୍ଯ୍ୟ କିରଣରେ ସେହି ବଜ୍ରାଘାତକୁ ସମ୍ଭାଳି ନେଇ ଶୂକର ତା'ର କର୍ଣ୍ଣମୂଳକୁ ପ୍ରହାର କଲେ, ପୁଣି ମୂର୍ଦ୍ଧନାକୁ। ଆଉ ଅଧିକ ସହ୍ୟ କରିବାର ଶକ୍ତି ହିରଣ୍ୟାକ୍ଷର ନଥିଲା । କ୍ରୋଧରେ ଦାନ୍ତ କାମୁଡି, କୁଟୀଳ ଭ୍ରୁକୁଟି ସହ ଘୋର ଗର୍ଜନ ଛାଡି ହିରଣ୍ୟାକ୍ଷ ନିଜର ପ୍ରାଣ ବିସର୍ଜନ କଲା। କଶ୍ୟପ ଓ ଦିତିଏକ ସମୟରେ ଆର୍ତ୍ତସ୍ୱରରେ ଚିତ୍କାର କରି ଉଠିଲେ, 'ହାୟ ! ପୁତ୍ର ହିରଣ୍ୟାକ୍ଷ ! ତେବେ କର୍ଦ୍ଦମ ସ୍ନାତ, ତମାଳ ନୀଳବର୍ଣ୍ଣଦେହୀ, ଶୁଭ୍ର ତୀକ୍ଷ୍ଣଦନ୍ତ ଦ୍ୱୟ ଅଗ୍ରରେ ଚନ୍ଦ୍ରରେ କଳଙ୍କ ସଦୃଶ ପୃଥିବୀକୁ ଧାରଣ କରି ଜଳ ମଧ୍ୟରୁ ଉଦ୍ଧାର କରିଥିବା ସେହି ସାମାନ୍ୟ ଶୂକର, ହେୟ ବରାହ କ'ଣ ଭଗବାନଙ୍କର ଅବତାର ଥିଲେ ? ହଁ, ସନ୍ଦେହ ନାହିଁ। ଯଦି ସେ ଭଗବାନଙ୍କର ଅବତାର ନହୋଇ ଥାନ୍ତେ, ତାହେଲେ ପୃଥିବୀକୁ ଜୀବଶୁନ୍ୟ ମରୁଭୂମିରେ ପରିଣତ ହେବାକୁ ନ ଦେଇ ସେହି ଜୀବଭକ୍ଷୀ ମାନଙ୍କ କବଳରୁ ଶୂକର ରୂପରେ ରକ୍ଷା କରିଥାନ୍ତେ କାହିଁକି ?

(କ୍ରମଶଃ)

+ ବାଲିଝରି, କାନପୁର, ବଢ଼ମ୍ବା, କଟକ

## ଦୁଃଖ ହେ ତୁମେ

### ପୂଜା ସା

ହେ ଦୁଃଖ ତୁମେ ଖାଲି ଥରେ କହି ଦିଅ
କାହିଁକି ତୁମେ ମୋତେ ଏତେ ଭଲପାଅ ?
ଏ ନୀରବ ନୟନରେ ଏମିତି
କଣ ଦେଖିଲ ଯେ
ବାରମ୍ବାର ଚାଲି ଆସୁଛ ତୁମେ ମୋ ପାଖକୁ ।

ଏମିତି କଣ ଅଛି ମୋ ପାଖରେ ଯେ
ମୁହୂର୍ତ୍ତେ ବି ମୋତେ ଛାଡ଼ିକି ରହି ପାରୁନାହଁ
ଆଚ୍ଛା ତୁମେ ତ ବେଳେବେଳେ
ମୋତେ ଛାଡ଼ି ଚାଲିଯାଇ ଥାଅ
ପୁଣି ଏମିତି ହଠାତ୍ ଚାଲି ଆସ କାହିଁକି ?
ଆପଣା ଇଚ୍ଛାରେ ନା ଦୈବୀ ପ୍ରେରଣାରେ ?

ମୁଁ ପ୍ରତିଦିନ ଚେଷ୍ଟା କରେ
ଖୁସିରେ ରହିବା ପାଇଁ
ହେଲେ ତୁମେ ଆସ
ନୂଆ ନୂଆ ଚେହେରା ନେଇ
ମୋ ମନରେ ବେଦନା ଭରି ଦେବା ପାଇଁ
ହଁ ତୁମେ ଜଣେ କଳାକାର, ଯିଏ କି ଏ ଜୀବନେ
ବେଦନାର ଆକୃତିକୁ ପ୍ରତିଦିନ ଆଙ୍କି ଦେଉଛ ।

ହେ ଦୁଃଖ ତୁମେ ନା ଗୋଟିଏ ପ୍ରେମିକ ଭଳି
କେବେ ହୃଦୟ ଭରି ଭଲପାଅ ତ ଆଉ କେବେ
ଦୁଃଖ ଦେଇ ଅଜସ୍ର ଶିକ୍ଷା ଦେଇ ଚାଲି ଯାଅ ।
ଥରେ କହିଦିଅ ତୁମେ ଏତେ
ନିଜର କେମିତି ଲାଗୁଛ
ତୁମ ବିରହର ସ୍ପର୍ଶ ବି ମୃଦୁ ସ୍ପର୍ଶ ଭଳି ଲାଗେ।

ହେ ଦୁଃଖ, ମୁଁ ତୁମର ଭାଷାକୁ ବୁଝି ସାରିଛି
ତୁମେ ଏ ନୀରବତାକୁ କବିତାରେ ପରିଣତ କରିଛ
ତୁମେ ଅସ୍ତିତ୍ୱ ଅସ୍ପଷ୍ଟ, ତୁମେ ଠିକ୍ ପୁସ୍ତକ ଭଳି
ଯାହାର ପ୍ରତ୍ୟେକ ପୃଷ୍ଠାରେ ଅଛି ଆତ୍ମବୋଧ ।

ହେ ଦୁଃଖ, ମୁଁ ତୁମକୁ ଘୃଣା କରିପାରେ ନାହିଁ
କାରଣ ତୁମେ ଦେଇଛ ମୋତେ ଆତ୍ମଚିନ୍ତନ।
ତୁମେ ମୋ ଅନ୍ଧାରର ଏକମାତ୍ର ପ୍ରକାଶ
ତୁମେ ମୋର ଶତ୍ରୁ ନୁହଁ ,
ତୁମେ ତ ଏ ଜୀବନ ଗାଥାରେ
ଲୁଚିଥିବା ଜଣେ କବି।

ବେଳେ ବେଳେ ଭାବେ ମୁଁ
ତୁମେ ବୋଧେ ମୋର ଅନ୍ତରଙ୍ଗ ସାଥି
କେବେ କେବେ ଲାଗେ ତୁମେ
ମୋର ଗୋଟିଏ ଅଂଶ
ହେ ଦୁଃଖ ଥରେ କହି ଦିଅ ନା
ତୁମେ ଏତେ ଆତ୍ମୀୟ ପରି କାହିଁକି ଲାଗୁଛ ?

+ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରଥମ ବର୍ଷ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
ଭବାନୀପାଟଣା, କଳାହାଣ୍ଡି

## ଖାସ୍ ମୋ ପାଇଁ

### ରଶ୍ମୀବାଳା ଶତପଥୀ

ତୁମେ ଆଉ ଥରେ ଫେରି ଆସନ୍ତନି
ସବୁ ସ୍ୱପ୍ନକୁ ବାସ୍ତବତାର ରୂପ ଦେବା ପାଇଁ
ତୁମ ହାତରେ ଆଙ୍ଗୁଠି ଛନ୍ଦି
ବୁଲି ଆସନ୍ତେ ସେଇ ନଦୀ କୂଳରେ ,
ଘୋଷି ପକାନ୍ତି କିଛି ଇଂରାଜୀ ଶବ୍ଦ
ତୁମର ସେ ବାଃ ଶବ୍ଦ ଶୁଣିବା ପାଇଁ
ଆଉ ଛାତିରେ ଆଉଜି ନେଇ କୁହନ୍ତନି
ମୋ ଗେଲ୍‌ହୀ ଟାରେ ...।

ଜାଣିଛ ନା
ନିରଭ୍ର ଏଇ ଆକାଶେ
ଯେବେ ତାରା ସବୁ ଚିକ୍ ଚିକ୍ କରେ,
ତୁମକୁ ଖୋଜି ଚାଲେ
ମୋର ଏଇ ଦୁଇ ଆଖି
ଅଜାଣତେ ଓଦା ହେଇଯାଏ
ଜହ୍ନର ସେ ଫିକ ଫିକା ଆଲୋକରେ
ଅସ୍ପଷ୍ଟ ତୁମର ଛବି
ମାରିଦେଇଯାଏ ସତରେ......।

ମୁଁ ଖୋଜେ ତୁମ ସେଇ ଯାଦୁଗରୀ
ହାତର ସ୍ପର୍ଶ
ତମେ ଆସି ପୋଛି ଦିଅନ୍ତନି ମୋ ଲୁହ,
ପ୍ରୀତି ଭରା କଥା କେଇ ପଦ କହି
ହାତ ଧରି ରଙ୍ଗୀନ କରି ଦିଅନ୍ତ
ସେଇ ଅଧା ଗଢା ଚିତ୍ରକଳାର....।

ତୁମେ ଆଉ ଥରେ ଫେରି ଆସନ୍ତନି
ସେ ଅଫେରା ପଥରୁ
ଖାସ୍ ମୋ ପାଇଁ........।

+ଯାଜପୁର ଟାଉନ ଯାଜପୁର

## ତମେ

### ସୁନନ୍ଦା ମହାନ୍ତି

ତମେ ଏମିତି ସୂର୍ଯ୍ୟ
ଜାଳିଦିଅ ମନ ତଳ
ଘିଅ ଦୀପ ଧୂପ ଅର୍ଘ୍ୟ
ତମେ ଏମିତି ଚନ୍ଦ୍ର
ଭରି ଦିଅ ଶୀତଳତା
ତୁମ ସ୍ପର୍ଶ ଚାନ୍ଦିନୀ ରାତି
ତୁମ ଉଷ୍ମ ଫଗୁଣ ପ୍ରୀତି
ତୁମ ଚାହାଣୀ ତସ୍ୱ ହରିଣୀ
କବରୀ ପଦ୍ମ ଗଉଣୀ
ତୁମେ ମଙ୍ଗଳଙ୍କ ମାଙ୍ଗଳିକା
ତୁମେ ବୁଦ୍ଧାଦିତ୍ୟ ସମାପିକା
ତୁମେ ଗୁରୁଙ୍କ ଗୌରବ ଧରି
ତୁମେ ଶୁକ୍ରଙ୍କ ସାତଫେରି
ତୁମେ ଶନି ପରି ନ୍ୟାୟବତୀ
ତୁମେ ରାହୁ ଘର ଅମରାବତୀ
ତୁମେ କେତୁ ପରି ଶୋଭାବତୀ
ତୁମେ କଳ୍ପିତା ଇତିଶ୍ରୀ
ତୁମେ ଲତା ଭାଗ୍ୟଶ୍ରୀ
ତୁମେ ଦ୍ରୁମ ମହାବାହୁ ଛାୟା
ପୌରୁଷ ପାଇଁ ପୁରୁଷ ଖୋଜେ କାୟା
ତୁମେ ଅଗ୍ନି ଜାଳି ବି ଜାଳନା
ତୁମେ ନୁହଁ ଗଳ୍ପ ନାୟିକା ଲଳନା
ଜଳିଯାଅ ନିଜେ ହୁତ ହୁତ ଉହୁ ଉହୁ
ତୁମ ମନ ବୃନ୍ଦାବନ
ବାସ କସ୍ତୁରୀ ଚନ୍ଦନ
ତୁମେ କିଆଫୁଲ ମହୁଆ ଗଭାର
ତୁମେ କଇଁ ହୋଇ ବାରବାର
ସମୁଦ୍ରେ ଲଗାଇ ନିଆଁ
କୁହ ଆଜି ମତେ
କାହାର ସୁନା ପାନିଆଁ
ଅବା ରୂପା ଶଗଡିର ଚାନ୍ଦ ଉଦିଆ

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ଜିଲ୍ଲା ଓଏଏସ ସଂଘର ବୈଠକ: ନୂତନ କର୍ମକର୍ତ୍ତା ମନୋନୀତ

ଜୟପୁର,୩୦/୪(ନି. ପ୍ର): ଓଡିଶା ପ୍ରଶାସନିକ ସେବା କୋରାପୁଟ ଜିଲା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆଗାମୀ ଦିନ ପାଇଁ ନୂତନ କର୍ମ କର୍ତା ମନୋନୀତ ଜୋଇଛନ୍ତି। ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଆୟୋଜିତ ବୈଠକ ଅତିରିକ୍ତ ଜିଲାପାଳ ଦେବୀପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଓଡିଶା ପ୍ରଶାସନିକ ସେବା ବିଭାଗର ଯୁଗ୍ମ ଶଚିବ ଅନିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଘର ବିଭିର୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହାସହ ସଂଘର ବିଭିର୍ନ ସାଙ୍ଗଠନିକ କାର୍ଯ୍ୟ ନେଇ ପ୍ରତି ଦୁଇ ମାସରେ ଥରେ ଲେଖାଏଁ ବୈଠକ କରାଯିବା, ପ୍ରତି ତିନି ମାସରେ ଥରେ ଲେଖାଏଁ ସମସ୍ତ ସଭ୍ୟ ଓ ସଭ୍ୟା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ଉପରେ ଉପରେ ଆଲୋଚନା କରାଯାଇଥିଲା। ଶେଷରେ ଜିଲା ଶାଖାର କର୍ମକର୍ତା ମନୋନୀତ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଶ୍ରୀ ମହାନ୍ତି ସଭାପତି, ଉପଜିଲାପାଳ ପ୍ରେମଲାଲ ହିଆଲ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ଦେବ ମହାବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ନାୟକ, ମୁଖ୍ୟ ଉର୍ନ୍ନୟନ ଅଧିକାରୀ ତଥା ଜିଲାପରିଷଦ ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜୟପୁର ଆଇଟି ଡ଼ିଏ ପ୍ରକଳ୍ପ ପ୍ରଶାସିକା ତୃପ୍ତି ବରାହଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟି କଲେକ୍ଟର ଏବଂ ଜିଲାର ବିଭିନ୍ନ ବ୍ଲକର ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲ ଦାର ମାନେ ଉପସ୍ଥିତ ଥିଲେ।

# ଦେବୋତର ଅଧିନରେ ଥିବା ସମସ୍ତ ମନ୍ଦିରରେ ବ୍ୟବହାର ହେବନି ପଲିଥିନ

ଜୟପୁର,୩୦/୪(ନି. ପ୍ର): ଜୟପୁର ସହରର ଦେବୋତର ବିଭାଗ ଅଧିନରେ ପରିଚାଳିତ ହେଉଥିବା ମନ୍ଦିର ଗୁଡିକରେ ବିକ୍ରି କରାଯାଉଥିବା ପ୍ରସାଦ ଗୁଡିକରେ ପଲିଥିନ ବ୍ୟବହାର କରାଯିବ ନାହିଁ ବୋଲି ସେବାୟତ ମାନେ ନିଷ୍ପତି ନେଇଛନ୍ତି। ଗତକାଲି ଅୟୋଜିତ ରଥଯାତ୍ରା ପ୍ରସ୍ତୁତି ବୈଠକରେ ଉପଜିଲ୍ଲାପାଳ ଏ.ସସ୍ୟାରେଡ୍ଡୀ ଭାରାପ୍ରାପ୍ତ ତହସିଲଦାର ଚିତରଞ୍ଜନ ପଟ୍ଟନାୟକ ଓ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଉପସ୍ଥିତିରେ ସେବାୟତ ମାନେ ଏଣିକି ପଲିଥିନରେ ପ୍ରସାଦ ବିତରଣ କରିବେ ନାହିଁ ବୋଲି ନିଷ୍ପତି ନେଇଛନ୍ତି। ସେବାୟତ ମାନଙ୍କ କହିବାନୁଯାୟୀ ରନ୍ଧା ଖାଦ୍ୟ ଗୁଡିକ ପଲିଥିନରେ ବାନ୍ଧି ରଖିଲେ ଅନେକ ସମୟରେ ଦୁର୍ଗନ୍ଧ ବାହାରୁଛି ଏବମ୍ବ ଦେହକୁ ମଧ୍ୟ ବିଶାକ୍ତ ଭଳି ମନେ ହେଉଛି। ତେଣୁ ସମସ୍ତ ମନ୍ଦିର ଗୁଡିକରେ ଖଲି ପତ୍ର ବ୍ୟବହାର କରିବା ପାଇଁ ନିଷ୍ପତି ନିଆଯାଇଛି। ସେବାୟତଙ୍କ କଥାକୁ ପ୍ରଶାସନ ପକ୍ଷରୁ ମଧ୍ୟ ସ୍ୱାଗତ କରାଯାଇଛି ଏବମ୍ବ ଆଗାମୀ ଦିନରେ ପଲିଥିନ ବନ୍ଦ କରିବାକୁ ନିଷ୍ପତି ନିଆଯାଇଛି।

# ଜୟପୁର ଦେବୋତ୍ତର ବିଭାଗ ଅନ୍ନ ଭୋଗ ସହ ଦରମାରେ ୨୦ ପ୍ରତିଶତ ବୃଦ୍ଧି

ଜୟପୁର,୩୦/୪(ନି. ପ୍ର): ଜୟପୁର ଦେବୋତର ବିଭାଗ ଅଧିନରେ ଥିବା ବିଭିନ୍ନ ଦେବ ଦେବୀ ମନ୍ଦିରରେ କାର୍ଯ୍ୟ କରୁଥିବା ସେବାୟତଙ୍କ ଦରମା ବୃଦ୍ଧି ସହ ଅନ୍ନ ଭୋଗ ଓ ନୀତିକାନ୍ତିର ଖର୍ଚ୍ଚ ମଧ ବୃଦ୍ଧି କରାଯାଇଛି। ଗତ ୨୦୨୩ ମସିହାରେ ସେବାୟତ ଓ ଅନ୍ନଭୋଗ ନୀତିକାନ୍ତିରେ ବୃଦ୍ଧି କରାଯାଇଥିବା ବେଳେ ପୁଣି ୨୦୨୫ ରେ ବୃଦ୍ଧି କରାଯାଇଛି। ସେବାୟତ ମାନଙ୍କ ଦରମାର ମାସିକ ୨୦ ପ୍ରତିଶତ ବୃଦ୍ଧି କରାଯାଇଥିବା ବେଳେ ଅନ୍ନ ଭୋଗ, ନିତିକାନ୍ତିରେ ମଧ ୨୦ ପ୍ରତିଶତ ବୃଦ୍ଧି କରାଯାଇଛି। ଦରମା ଚଳିତ ମାସ ଠାରୁ ଲାଗୁ କରାଯାଇଥିବା ବେଳେ ଅନ୍ନ ଭୋଗ ଓ ନୀତିକାନ୍ତି ଖର୍ଚ୍ଚ ଆସନ୍ତା ମେ ମାସ ଠାରୁ ଲାଗୁ ହେବାକୁ ଯାଉଛି। ଦେବୋତ୍ତର ବିଭାଗ ଅଧିନରେ ପ୍ରଭୁ ଗୁପ୍ତେଶ୍ୱର ମନ୍ଦିର, ଜୟପୁର ବଲ୍ଲଭ ନାରାୟଣ ମନ୍ଦିର, ଦକ୍ଷିଣ କାଳିକା ମନ୍ଦିର, ଅଧିଷ୍ଠାତ୍ରୀ ମା ଭଗବତି ମନ୍ଦିର, ନିଳକଣ୍ଠେଶ୍ୱର ମନ୍ଦିର, ଅଷ୍ଟଶମ୍ଭୁ ପଞ୍ଚାନନ ମନ୍ଦିର, ରଞ୍ଜୁ ନାଥଙ୍କ ମନ୍ଦିର ସହ ୩୩ଟି ମନ୍ଦିର ରହିଛି। ସହରରେ ୧୯ ମନ୍ଦିର ରହିଥିବା ବେଳେ ଗ୍ରାମାଚଂଳରେ ୧୪ଟି ମନ୍ଦିର ରହିଛି। ଏହି ମନ୍ଦିରରେ ପୂଜାରୀ, ଗୌଡ, ସୁଆର, ପାଇକ, ଚଉକା ପରି ୧୦୨ ଜଣ ସେବାୟତ ନିୟୋଜିତ ଅଛନ୍ତି। ଦୀର୍ଘ ବର୍ଷ ହେବ ଏମାନଙ୍କ ଦରମା ବଢି ନଥିବା ବେଳେ ଚଳିତ ମାସରେ ଦରମା ବୃଦ୍ଧି କରାଯାଇଛି। ବର୍ତମାନ ପୂଜାରିର ଦରମା ୧୦୫୬ ଟଙ୍କା ଥିବା ବେଳେ ତାହାକୁ ୨୦ ପ୍ରତିଶତ ବୃଦ୍ଧି କରାଯାଇ ୧୨୬୭ ଟଙ୍କା କରାଯାଇଛି। ସେହିପରି ଗୌଡର ୬୭୨ ଟଙ୍କା ଥିବାବେଳେ ୮୦୬ ଟଙ୍କା ବୃଦ୍ଧି କରାଯାଇଛି। ସୁଆରର ଦରମା ୯୬୦ ଟଙ୍କା ଥିବା ବେଳେ ୧୧୫୨ ଟଙ୍କାକୁ ବୃଦ୍ଧି କରାଯାଇଛି। ପାଇକର ଦରମା ୫୨୮ ଟଙ୍କା ଥିବା ବେଳେ ୬୩୩ ଟଙ୍କାକୁ ବୃଦ୍ଧି କରାଯାଇଛି। ଚଉକାର ଦରମା ୪୦୮ ଟଙ୍କା ଥିବା ବେଳେ ୪୮୯ ଟଙ୍କାକୁ ବୃଦ୍ଧି କରାଯାଇଛି। ଧୋବାର ୧୯୨ ଟଙ୍କା ଦରମା ରହିଥିବା ବେଳେ ୨୦୩ ଟଙ୍କାକୁ ବୃଦ୍ଧି କରାଯାଇଛି। ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠର ପୁଜକର ଦରମା ୧୨୪୮ ଥିବା ବେଳେ ୨୦ ପ୍ରତିଶତ ବୃଦ୍ଧି କରାଯାଇ ୧୪୯୭ ଟଙ୍କା କରାଯାଇଛି। ସେହିପରି ଗୌଡର ୮୧୬ ଟଙ୍କା ଥିବା ବେଳେ ୯୭୯ ଟଙ୍କା କରାଯାଇଛି। ପାଇକର ୬୨୪ ଟଙ୍କା ଥିବା ବେଳେ ୭୪୯ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଗ୍ରାମ୍ୟ ମନ୍ଦିର ପୁଜକର ମାସିକ ଦରମା ୭୨୦ ଟଙ୍କା ରହିଥିବା ବେଳେ ୮୬୪ ଟଙ୍କାକୁ ବୃଦ୍ଧି କରାଯାଇଛି। ବାର୍ଷିକ ପୁଜକର ଦରମା ୩ ହଜାର ୪ ଶହ ୫୬ ଟଙ୍କା ଥିବା ବେଳେ ୨୦ ପ୍ରତିଶତ ବୃଦ୍ଧି କରାଯାଇ ୪ ହଜାର ୧ ଶହ ୪୭ ଟଙ୍କା କରାଯାଇଛି। ୱାଚରର ଦରମା ୨୮୮ ଟଙ୍କାରୁ ୩୪୫ ଟଙ୍କାକୁ ବୃଦ୍ଧି କରାଯାଇଛି। ଦେବୋତର ବିଭାଗର ପରିଛାର ଦରମା ୩ ହଜାର ୬ଶହ ଟଙ୍କାରୁ ୪ ହଜାର ୩ ଶହ ୨୦ ଟଙ୍କାକୁ ବୃଦ୍ଧି କରାଯାଇଛି। ମୁଖ୍ୟ କିରାଣିଙ୍କ ଦରମା ୭ ହଜାର ୫ ଶହ ଟଙ୍କାରୁ ୯ ହଜାର ୩୭୫ ଟଙ୍କାକୁ ବୃଦ୍ଧି କରାଯାଇଛି। କନିଷ୍ଠ କିରାଣିଙ୍କ ଦରମା ୬ ହଜାର ଟଙ୍କାରୁ ୭ ହଜାର ୨ ଶହ ଟଙ୍କାକୁ ବୃଦ୍ଧି କରାଯାଇଛି। ଦୋବୋତର ଅଧିକାରିଙ୍କ ଭତା ୭୨୦ ଟଙ୍କାରୁ ୮୬୪ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅନ୍ନଭୋଗ, ଆଳତି, ଝାଡୁ ସହ ଦୈନନ୍ଦିନ ଖର୍ଚ୍ଚ ମଧ ୨୦ ପ୍ରତିଶତ ବୃଦ୍ଧି କରାଯାଇଥିବା ବିଷୟ ଜୟପୁର ଦେବୋତର ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ଚାଷୀଙ୍କ ନାମରେ ଯୋଜନା: ମାରିପିଟି ଖାଇଗଲେ ଏନଜିଓ ସଂସ୍ଥା; ସୂଚନା ତଥ୍ୟରୁ ଫିଟିଲା ଗୁମର

ସାଲେପୁର,୩୦/୪(ନି. ପ୍ର): ସୂଚନା ତଥ୍ୟରୁ ଫିଟିଲା ଗୁମର ମାହାଙ୍ଗା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ବିଭିନ୍ନ ଗୁମର ପଦାରେ ପଡିଛି। କୃଷି ଜିଲ୍ଲାକାର୍ଯ୍ୟାଳୟ ସାଲେପୁର ଚିଠି ନଂ ୨୨୦, ତା. ୨୨.୦୩.୨୦୨୫ ରିଖ ଅନୁଯାୟୀ ତା,୦୮.୦୪.୨୦୨୫ ରିଖରେ ପ୍ରଦାନ ସୂଚନା ତଥ୍ୟରେ ରବି ଫସଲ ପାଇଁ ମାହାଙ୍ଗା ବ୍ଲକରେ ୨୦୨୪-୨୫ ଆର୍ଥିକ ବର୍ଷରେ ସିଆରଏଫ୍ ଏମ୍ ଯୋଜନାରେ ଇକ୍ରିସାଟ୍ ଏନଜିଓ ସଂସ୍ଥାକୁ ମାହାଙ୍ଗା ବ୍ଲକର ୭ ଟି ପଂଚାୟତ ଯଥା ଲଲିତଗିରି, ପାଇକରାପୁର, ଗୋପାଳପୁର, ଗୋତରା, ଚାହାପଡା, ଶ୍ରୀକୃଷ୍ଣପୁର ଓ କଇଥା ଏପରିକି ବ୍ଲକ ଗ୍ରାମ ଯୋଜନାରେ ପୋଡାମରାଇ ଓ ବରାହୀପୁର ପଂଚାୟତରେ ୧୧୦୦ ହେକ୍ଟର ଚାଷ ଜମିରେ ମୁଗଚାଷ କରିବା ପାଇଁ ୩୧୫୦ ଜଣ ଚାଷୀଙ୍କୁ ମୁଗ ଚାଷ କରିବା ପାଇଁ ୨୮୦ କୁଇଂଟାଲ ବିହନ ଯୋଗାଇ ଦିଆଯାଇଥିବା ସୂଚନା ତଥ୍ୟରୁ ଜଣାପଡିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ମୁଗ ବିହନ ମୋଟ ୧୬୦ କୁଇଂଟାଲ, ଡିଏପି ୮୦୦ ଲିଟର, ବୋରକ୍ସ ୭୨୦୦ କେ.ଜି. ଟ୍ରାଇକୋଡରମା ୧୬୦ କେ.ଜି., ପେଣ୍ଡି ମିଥାଲିନ୍ ୮୦୦ ଲିଟର, ପିଏସ୍‌ବି ଲିକ୍ୟୁଡ୍ ୨୦୦୦ ଲିଟର, ରାଇଜୋବିୟମ୍ ୧୬୦ ଲିଟର, କାରବେଡେଜାମ୍, ମାକ୍ରେଜାମ୍ ୪୦୦ କେଜି, ଇମିଡାକ୍ଲୋପ୍ରାଇଡ୍ ୮୦ ଲିଟର ସରକାରଙ୍କ ପକ୍ଷରୁ ଏନ୍‌ଜିଓ ସଂସ୍ଥା ମାଧ୍ୟମରେ ଚାଷୀମାନଙ୍କ ପାଇଁ ଆସିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ୭ଟି ପଂଚାୟତରେ ୨୨୦ କୁଇଂଟାଲ ବ୍ଲକ ଗ୍ରାମ ପାଇଁ ୨ଟି ପଂଚାୟତକୁ ୬୦ କୁଇଂଟାଲ ମୁଗ ପ୍ରଦାନ କରାଯାଇଛି। ତେବେ ୧୬୦ କୁଇଂଟାଲ ବିହନ ସିଆରଏଫ୍‌ଏମ୍ ଯୋଜନାରେ ୨୮୦ କୁଇଂଟାଲ ବିହନ ବଂଟା ହେଲା କିପରି। ଅଧିକ ବିହନ ଆସିଲା କେଉଁଠୁ। ସେହିପରି ଚାଷୀମାନଙ୍କୁ ପ୍ରକୃତରେ ସରକାରଙ୍କ ଦ୍ୱାରା ପ୍ରଦତ ସାର, ଔଷଧ ବଂଟନ କରାଯାଇଛି ତ ? ପୂର୍ବରୁ ଏ ସଂପର୍କରେ ଗଣ ମାଧ୍ୟମରେ ଯେଉଁ ତଥ୍ୟ ପ୍ରକାଶ ପାଇଥିଲା ସୂଚନା ତଥ୍ୟ ମିଳିବା ପରେ ତାହା ବଦଳିଗଲା କିପରି ? ଚାଷୀଙ୍କର ନାଁରେ ଆସୁଥିବା ମୁଗ ବିହନ, ସାର ଓ ଔଷଧକୁ ଖାଇଲା କିଏ ? ଅପରପକ୍ଷରେ ତାଲିକାରେ ପ୍ରଦାନ କରାଯାଇଥିବା ସାର ଓ ଔଷଧର ପରିମାଣ ବ୍ଲକ ଗ୍ରାମରେ ପ୍ରଦାନ ଔଷଧ ଓ ବିହନକୁ ମିଶାଇଲେ ତାହା ମୂଳ ସୂଚନା ତଥ୍ୟରୁ ଅଧିକ ହେଉଛି। ପ୍ରକୃତରେ କୃଷକମାନଙ୍କୁ କେତେ ମୁଗ ବିହନ, ସାର ଓ ଔଷଧ ବଣ୍ଟନ କରାଯାଇଛି ତାହା ତଦନ୍ତ ଯୋଗ୍ୟ। ମୁଗ ଅମଳ ସମୟରେ ଚାଷୀମାନଙ୍କ କ୍ଷେତରେ କ୍ରପ୍ କଟିଂ କରାଯାଇଛି କି ନାହିଁ, ଯଦି କରାଯାଇଛି ତାହାର ଜିପିଏସ୍ ଫଟୋ ଉଠାଯାଇଛି କି ନାହିଁ। ଅମଳ ସମୟରେ ଚାଷୀଙ୍କ ସହିତ କର୍ମଚାରୀମାନେ କ୍ରପ୍ କଟିଂ କରୁଥିବାର ଜିପିଏସ୍ ଫଟୋ ଏପରିକି ମୁଗ ଓ ସାର ବଂଟନ ସମୟରେ ଚାଷୀମାନଙ୍କ ସହିତ କର୍ମଚାରୀମାନଙ୍କର ଜିପିଏସ୍ ଫଟୋ ଉଠାଯାଇଛି କି ନାହିଁ। ବିହନ ବୁଣା ସମୟରେ ବିହନର ବିଶୋଧନ ଏବଂ ମୁଗ ଗଛ ହେବା ପରେ ଜୈବିକ ସାରର ସିଂଚନ କିଭଳି କରାଯାଏ ତାହା ଚାଷୀମାନଙ୍କୁ ପଚାରିଲେ ଏହାର ସତ୍ୟାସତ୍ୟ ଲୋକ ଲୋଚନକୁ ଆସିପାରିବ। ମାହାଙ୍ଗା ବ୍ଲକରେ ଚାଷୀମାନଙ୍କ ନାମରେ ଆସୁଥିବା ଯୋଜନା କିଭଳି ଭାବରେ ଏନ୍‌ଜିଓ ସଂସ୍ଥା, ବ୍ଲକ କୃଷି କାର୍ଯ୍ୟାଳୟ ଓ ସ୍ଥାନୀୟ ରାଜନୈତିକ ଦଳର କର୍ମୀମାନଙ୍କ ସଲାସୁତୁରାରେ ହରିଲୁଟ୍ କରାଯାଇଛି ସେ ସଂପର୍କରେ ରାଜ୍ୟ କୃଷି ବିଭାଗ ନିରପେକ୍ଷ ତଦନ୍ତ କରିବା ସହ ସଂପୃକ୍ତ ସଂସ୍ଥା ଓ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି।

# ଜିଲ୍ଲା ପରିଷଦ ସଭାଗୃହଠାରେ ସମବାୟ ବିକାଶରେ ଉତ୍କଳ ଗୌରବଙ୍କ ଭୂମିକା ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ

କନ୍ଧମାଳ,୩୦/୪(ନି. ପ୍ର): ଚଳିତ ବର୍ଷ ଡିସେମ୍ବର୨୦୨୫ପର୍ଯ୍ୟନ୍ତ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ବର୍ଷ ବ୍ୟାପି କାର୍ଯ୍ୟକ୍ରମ ଜିଲାରେ ଅନୁଷ୍ଠିତ ହେଉଛି। ସମବାୟ ମାଧ୍ୟମରେ ଓଡିଶା ବାସୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ଉତ୍କଳ ଗୌରବ ମଧୁସୂଦନ ସମବାୟ ଆନ୍ଦୋଳନର ମୂଳଦୁଆ ପକାଇଥିଲେ। ଦେଶରେ ସମବାୟ ଆନ୍ଦୋଳନ ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ ଦାସ କଟକରେ ଖାଉଟି ସମବାୟ ଭଣ୍ଡାର ଆରମ୍ଭ କରିଥିଲେ। ଉତ୍କଳ ଟ୍ୟାନେରୀ ମାଧ୍ୟମରେ ସମବାୟ ଆନ୍ଦୋଳନ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିଲେ। କନ୍ଧମାଳ ଜିଲ୍ଲାରେ କୃଷି, ମତ୍ସ୍ୟ, ପ୍ରାଣିପାଳନ, ଉଦ୍ୟାନ, ଗୋପାଳନ, ଛତୁଚାଷ, ମସଲା, ହସ୍ତଶିଳ୍ପ ଇତ୍ୟାଦି ସହିତ ହୋଟେଲ, ସ୍କୁଲ କଲେଜ, ହସପିଟାଲ ଇତ୍ୟାଦି ନୂଆ କ୍ଷେତ୍ରରେ ସମବାୟର ବିକାଶ ହୋଇପାରିବ। ସମବାୟବିତ ମାନଙ୍କ ସହଯୋଗରେ ମହିଳା ଓ ଯୁବ ସମାଜକୁ ଅଧିକ ଆର୍ଥିକ ସ୍ୱାବଲମ୍ବି କରିବା ଆବଶ୍ୟକ। କିନ୍ତୁ ଓଡିଶାରେ ସମବାୟ ସମ୍ପର୍କରେ ଇଚ୍ଛାଶକ୍ତି ଅଭାବ ସାଙ୍ଗକୁ ପ୍ରଚାର ପ୍ରସାର କମ ରହୁଛି। ସମବାୟ ଆଜି ଗରିବ ଜନସାଧାରଣଙ୍କର ହୋଇ ରହିନାହିଁ। ପରିଚାଳନା ଗତ ତୃଟି ଓ ନିଷ୍ଠାର ଅଭାବ ଯୋଗୁଁ ଏହି ସଂସ୍ଥା ଆଜି ଜନସାଧାରଣଙ୍କ ଆଶା ପୂରଣ କରିପାରୁନାହିଁ। ଏହି ଅବସରରେ ଉପନିବନ୍ଧକ ସମବାୟ ସମିତି ସମୂହ ଶ୍ରୀ ତୃପ୍ତି କଲ୍ୟାଣ ସେଠୀଙ୍କ ପୌରୋହିତ୍ୟରେ ସମବାୟ ଆନ୍ଦୋଳନରେ ମଧୁସୁଦନ ଦାସଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନା ଚକ୍ର ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ମାଧ୍ୟମରେ ଗରିବ ଜନସାଧାରଣଙ୍କ ଆର୍ଥିକ ବିକାଶ ସମ୍ଭବ ବୋଲି କହିଥିଲେ। ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡ ସଞ୍ଜିବ ପଟେଲ ଯୋଗ ଦେଇ ପ୍ରାଣୀ ପାଳନ ସମବାୟ ମାଧ୍ୟମରେ ରୋଜଗାର ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ରାମକୃଷ୍ଣ ମହାନ୍ତି ମଧୁସୁଦନଙ୍କ ଜୀବନି ଓ ସମବାୟ ଆନ୍ଦୋଳନର ଭୂମିକା ସମ୍ପର୍କରେ ବ୍ୟାପକ ଭାବେ ବକ୍ତବ୍ୟ ରଖିଥିଲେ। ଉପକୃଷି ନିର୍ଦେଶକ ତୁଷାର କାନ୍ତି ତୁଙ୍ଗ, ସହକାରୀ ଉପନିବନ୍ଧକ, ଲଳିତ ମାଝି, ଜିତେନ୍ଦ୍ର ମିଶ୍ର, ପ୍ରମୁଖ ଏହି ଦିବସରେ ବିଭାଗୀୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରବନ୍ଧକ ସୁକାନ୍ତ କୁମାର ପାଢୀ ସଂଯୋଜନା କରିଥିବାବେଳେ ଏସ ଆରସି ଗଙ୍ଗାଧର କହଁର, ଜ୍ୟୋତୀର୍ମୟୀ ପ୍ରଧାନ, ସତ୍ୟଜିତ ବେହେରାଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ଆମ ଓଡ଼ଶା ସହଯୋଗରେ ଅନୁଷ୍ଠିତ ରକ୍ତ ଦାନ ଶିବିରରେ ୫୧ୟୁନିଟ ରକ୍ତ ସଂଗ୍ରହିତ ହୋଇଥିଲା।

# ଭିନ୍ନକ୍ଷମ ପ୍ରମାଣ ପତ୍ର ଥାଇବି ମିଳିନି ଭତ୍ତା

ମୁଖୀଗୁଡା,୩୦/୪(ନି. ପ୍ର): ଭିନ୍ନକ୍ଷମ ପ୍ରମାଣ ପତ୍ର ଥାଇ ବି ମିଳିନି ସନ୍ତୋଷଙ୍କୁ ଭିନ୍ନକ୍ଷମଭତା। କଳାହାଣ୍ଡି ଜିଲ୍ଲା ଜୟପାଟଣା ପଂଚାୟତ ୯ନମ୍ବର ୱାର୍ଡ ବାସିନ୍ଦା ସନ୍ତୋଷ ଦାନି(୫୧)। ବାପା ମାଙ୍କ ମୃତ୍ୟୁ ପରେ ମାଟି ଘର ଟିଏ ଥିଲା ସେଠାରେ ରହୁଥିଲେ ଅବିବାହିତ ସଂନ୍ତୋଷ ହେଲେ ଗତ ବର୍ଷ ସମ୍ପୂର୍ଣ୍ଣ ଭାଙ୍ଗି ଯିବା ପରେ ନିଜ କାକା ପୁଅ ଭାଇ ଶରତ ଦାନି ଘରେ ରହୁଛନ୍ତି। ରାସନ କାର୍ଡ ଏବଂ ଭିନ୍ନକ୍ଷମ ପ୍ରମାଣ ପତ୍ର ଅଛି। ହେଲେ ନା ଅଛି ରହିବାକୁ ଘର ନା ମିଳିଛି ଭତା। ଭତା ପାଇଁ ଆବେଦନ କରିଥିବା କହିଛନ୍ତି ସନ୍ତୋଷ ହେଲେ ମଞ୍ଜୁର ହୋଇନାହିଁ। ଭଲ ଭାବରେ ଶୁଣି ପାରୁ ନଥିଲେ ହେଁ ଏକ ସାଇକେଲ ମେକାନିକ ପାଖରେ କାମ କରି ଯାହା କିଛି ମିଳୁ ଥିଲା କଷ୍ଟେ ମଷ୍ଟେ ଚଳୁ ଥିଲେ ଏବେ ଟିକେ ଦୃଷ୍ଟି ଶକ୍ତି କମି ଯିବା ପରେ ଆଉ କିଛିକାମ କରୁ ନାହାନ୍ତି। ସମ୍ପୂର୍ଣ୍ଣ ଭାଇଙ୍କ ଭରଷାରେ ରହୁଛନ୍ତି ତାଙ୍କୁ ମଧ୍ୟ ଏହି ମହଙ୍ଗା ଜମାନାରେ ଚଳିବା କଷ୍ଟକର ହୋଇ ପଡୁଥିବାବେଳେ ସରକାରଙ୍କ ତରଫରୁ ଭତା ମିଳିଲେ ଦୈନିକ ଆବଶ୍ୟକତା ପୁରଣ ହୋଇ ପାରନ୍ତା ବୋଲି କହିଛନ୍ତି ସନ୍ତୋଷ।

# ମୂର୍ଚ୍ଛନା ଓ ଓକା ତରଫରୁ ମା' ଝାଙ୍କଡ଼ ମହୋତ୍ସବ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୩୦/୪(ନି. ପ୍ର): ଓଡ଼ିଶା ତଥା କେନ୍ଦ୍ରାପଡାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ତରଫରୁ ରଜ୍ୟସ୍ତରୀୟ ମା ଝଙ୍କଡ଼ ମହୋତ୍ସବ ଜିଲ୍ଲା ସଂସ୍କୃତି ଭବନ ଜଗତସିଂହପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ଝଙ୍କଡ଼ ମହୋତ୍ସବର ଲକ୍ଷ ଉପରେ ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ ଉତ୍ସବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଓ ଶିକ୍ଷାବିତ୍ ଶଶଧର ପଣ୍ଡା ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସଭାପତି ଓଡ଼ିଆ ସାହିତ୍ୟ ସମାଜ ତାପସ ରାଜ ମହାରଣା, ସମ୍ମାନୀତ ଅତିଥି ଭାବେ ନବ କିଶୋର ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଖିଲେଶ ମହାନ୍ତି, ଆଲବମ୍ ଓ ଚଳଚ୍ଚିତ୍ର ଏଞ୍ଜୋଲା ମିଶ୍ର, ଚଳଚ୍ଚିତ୍ର ଅଭିନେତା ସମ୍ପିତ କୁମାର ସାହୁ, ସମାଜସେବୀ ନଗେନ୍ଦ୍ର ନାଥ ସ୍ୱାଇଁ, କେଶବ ଚନ୍ଦ୍ର ରାଉତ, ଗୀତିକାର ସୁବାସ ପାତ୍ର, ବ୍ୟଙ୍ଗକବି ସମ୍ପଦ ରଥ ସଭାପତି ଭାଗବତ ଟୁଙ୍ଗି ପ୍ରଚାର ସମିତି ଶ୍ରୀ ନଙ୍ଗୁଳି ବାବା, ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଥିବା କଳାକାର, କବି, ସମାଜସେବୀମାନଙ୍କୁ ମା ଶାରଳା ସମ୍ମାନ ଓ ବାଣୀ କ୍ଷେତ୍ର ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ମଂଚ ଉପସ୍ଥାପନାରେ ପ୍ରଦୀପ କୁମାର ବିହାରୀ, ସୁଧାଶ୍ରୀ ପଣ୍ଡା କରିଥିବା ବେଳେ ସୁଶାନ୍ତ ପରିଡ଼ା, ମୋନାଲିସା ମୁଦୁଲି, କଳ୍ପନା ବିଶ୍ୱାଳ ,ବିଜୟ କେତନ ସାହୁ ଓ କ୍ରିଷ୍ଣା ଦତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବ୍ୟକ୍ତିଙ୍କ ମୃତ୍ୟୁ ଘଟଣା: ୬ଲକ୍ଷ ଟଙ୍କ କ୍ଷତିପୂରଣ ଦେବାକୁ ବିଦ୍ୟୁତ୍ ବିଭାଗକୁ କୋର୍ଟଙ୍କ ନିର୍ଦ୍ଦେଶ

ଭଦ୍ରକ,୩୦/୪(ନି. ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ସୟା ପଂଚାୟତ ଅଧୀନ ସୟା ପଲେଇସାହି ଗ୍ରାମର ଗୌରାଙ୍ଗ ପଲେଇ (୫୫)ଙ୍କର ଗତ ୧.୧୦.୧୬ ତାରିଖରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମୃତକଙ୍କ ପତ୍ନୀ ଶାନ୍ତିଲତା ପଲେଇ କ୍ଷତିପୂରଣ ଦାବିରେ ଭଦ୍ରକ ସିଭିଲ ଜଜ ସିନିୟର ଡିଭିଜନ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଆବେଦନକୁ ଗ୍ରହଣ କରି କେଶ ନଂ ଏମ.ଏସ୍. ୭/୨୦୧୮ରେ ମକଦ୍ଦମା ରୁଜୁ କରି ବିଚାର କରିଥିଲେ। କୋର୍ଟ ସମସ୍ତ ସାକ୍ଷୀମାନଙ୍କ ଠାରୁ ପ୍ରମାଣ ନେଇ ସାରିବା ପରେ ବିଦ୍ୟୁତ୍ ବିଭାଗକୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କୋର୍ଟଙ୍କ ନିର୍ଦ୍ଦେଶର ୨ମାସ ମଧ୍ୟରେ ବିଦ୍ୟୁତ୍ ବିଭାଗ କ୍ଷତିପୂରଣ ନଦେଲେ ୬ଲକ୍ଷ ଟଙ୍କାର ୯ ପ୍ରତିଶତ ବାର୍ଷିକ ସୁଧ ଦେଇ କ୍ଷତିପୂରଣ ଦେବାକୁ ମଧ୍ୟ କୋର୍ଟର ନିର୍ଦ୍ଦେଶ ରହଇଛି। ମାତ୍ର କୋର୍ଟଙ୍କ ନିର୍ଦ୍ଦେଶର ୧ମାସ ବିତି ଯାଇଥିଲେ ମଧ୍ୟ ମୃତକଙ୍କ ପରିବାର କ୍ଷତିପୂରଣ ପାଇ ପାରିନାହାନ୍ତି। ବିଦ୍ୟୁତ୍ ବିଭାଗ କ୍ଷତିପୂରଣ ଦେବାରେ ଅବହେଳା କରିଥିବାରୁ ମୃତକଙ୍କ ପରିବାର ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଯୋଗ୍ୟ ଯେ ୨୦୧୬ ମସିହା ଅକ୍ଟୋବର ୧ ତାରିକ ସକାଳ ୯ଟା ବେଳେ ଗୌରାଙ୍ଗ ପଲେଇ ନିଜ ଘରୁ ନିକଟସ୍ଥ ତାଙ୍କ ଚାଷ ଜମିକୁ ଯାଉଥିଲେ। ତାଙ୍କ ବିଲ ପାଖରେ ଯାଇଥିବା ୧୧କେଭି. ବିଦ୍ୟୁତ ତାର ଝୁଲି ରହିଥିଲା। ଯାହାଫଳରେ ଗୌରାଙ୍ଗ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଏ ନେଇ ସେତେବେଳେ ତିହିଡ଼ି ଥାନାରେ ୩୯୭/୧୬ରେ ଏକ ମକଦ୍ଦମା ରୁଜୁ ହୋଇଥିଲା। ବିଦ୍ୟୁତ୍ ବିଭାଗ କୌଣସି କ୍ଷତିପୂରଣ ନଦେବାରୁ ମୃତକଙ୍କ ପତ୍ନୀ ଶାନ୍ତିଲତା କୋର୍ଟର ଦ୍ୱାରସ୍ତ ହୋଇଥିଲେ। ଏହି ମକଦ୍ଦମା ଆଇନଜୀବୀ ଜଗତବନ୍ଧୁ ଅଗସ୍ତୀ ପରିଚାଳନା କରୁଥିବା ବେଳେ ଆଇନଜୀବୀ ଶୁଭଲକ୍ଷ୍ମୀ ପୋଥାଳ ଓ ପୂଜା ଦାସ ତାଙ୍କୁ ସହଯୋଗ କରୁଥିଲେ।

# ଗୋରୁ ବୋଝେଇ ପିକଅପ ଗାଡି ଦୁର୍ଘଟଣା: ୧୦ ଗୋରୁ ଉଦ୍ଧାର

ଭଦ୍ରକ,୩୦/୪(ନି. ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ଅଂଚଳ ରେ ଏବେ ଗୋରୁ ବେପାରୀ ଙ୍କ ମନ ଇଛା ଚୋରା ବେପାର କରୁଛନ୍ତି। ଦୁଇ ଦିନ ତଳେ ଧାମନଗର ରୁ ଦୁଇ ଟି ପିକପ ରେ ଗୋରୁ ଚାଲାଣ ହେଉଥିବା ବେଳେ ପୋଲିସ ପିଛା କରିଥିଲେ। ହେଲେ ଅସୁରାଳୀ ନିକଟ ରେ ଦୁଇଟି ପିକପ ଦୃଘଟଣାରେ ତିନି ଗୋରୁ ମୃତ ସହ ଜଣେ ଡ୍ରାଇଭର ର ମୃତ୍ୟୁ ହୋଇ ଥିଲା ବେଳେ ସୋମବାର ବିଳମ୍ବିତ ରାତି ରେ ସେଣ୍ଡପୁର ରାସ୍ତାରେ ଗୋରୁ ବୋଝେଇ ପିକପ ଦୃଘଟଣା ରେ ୧୦ ଗୋରୁ ଉଦ୍ଧାର ହୋଇଛନ୍ତି। ସୁଚନା ଥାଉ କି ସୋମବାର ବିଳମ୍ବିତ ରାତିରେ ଯାଜପୁର ଜିଲ୍ଲା ବିଂଝାରପୁର ଅଂଚଳ ରୁ ଓଡି ୨୯ ଏ ୬୬୮୬ ପିକପ ରେ ବେଆଇନି ଭାବେ ୧୦ ଟି ଗୋରୁ ଧାମନଗର ଆଡ଼କୁ ନେଉଥିବା ବେଳେ ସେଣ୍ଡପୁର ରାସ୍ତା ରେ ଡ୍ରାଇଭର ଭାରଶ୍ୟାମ ହରାଇ ଏକ ଗଛକୁ ଧକ୍କା ଦେଇଥିଲା। ଏହି ସମୟରେ ସ୍ଥାନୀୟ ଲୋକ ମାନେ ପହଂଚି ଗାଡିରେ ଥିବା ଗୋରୁ ଙ୍କ ଆହତ ଅବସ୍ଥା ରେ ଉଦ୍ଧାର କରିଥିଲେ। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇ ଯାଇଥିଲା। ଖବର ପାଇ ଧାମନଗର ପୋଲିସ ସକାଳେ ପହଂଚି ପିକପ ଟିକୁ ଥାନା କୁ ନେଇଥିବା ବେଳେ କେସ ନମ୍ବର ୧୪୮/୨୪ ରେ ଏକ ମାମଲା ରୁଜୁ କରି ଘଟଣା ର ତଦନ୍ତ କରୁଛନ୍ତି।

# କାନୁପୁର ନଦୀବନ୍ଧ ପ୍ରକଳ୍ପର ସ୍ଲୁଇସ ଗେଟ ବନ୍ଦ ଯୋଗୁଁ ମିରିଗିଣିଙ୍ଗା ମେଗା ପାନୀୟ ଜଳ ପ୍ରକଳ୍ପ ଅଚଳ

ଚମ୍ପୁଆ,୩୦/୪(ନି. ପ୍ର): ଚମ୍ପୁଆ ଉପଖଣ୍ଡ ବାସୁଦେବପୁରରେ ନିର୍ମାଣାଧୀନ କାନୁପୁର ବୃହତ୍ ନଦୀବନ୍ଧ ପ୍ରକଳ୍ପର ମୁଖ୍ୟ ଗେଟ୍ ନିର୍ମାଣ ପାଇଁ ସ୍ଲୁଇସ ଗେଟ୍ ଗତ ୨୩ ତାରିଖରୁ ବନ୍ଦ୍ କରାଯିବା ଯୋଗୁ ବୈତରଣୀ ନଦୀ ତଳମୁଣ୍ଡରେ ଶୁଖିଲା ପଡିଛି। ଯାହା ଫଳରେ ମିରିଗିଣିଙ୍ଗା ସ୍ଥିତ ମେଗା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡିବାରୁ ଚମ୍ପୁଆ ବ୍ଲକରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇ ଯାଇଛି। ଗେଟ୍ ବନ୍ଦ କରାଯିବା ପରେ ନଦୀର ତଳ ମୁଣ୍ଡରେ ଜଳସଙ୍କଟ ଦେଖା ଦେଇଛି। ଫଳରେ ଖରାଟିଆ ଧାନ ଚାଷ ପ୍ରଭାବିତ ହେବା ସହ ଚମ୍ପୁଆ ବ୍ଲକ୍ ସମେତ ଝୁମ୍ପୁରା ବ୍ଲକରେ ପାନୀୟ ଜଳ ଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି। ଜଳସ୍ତର କମି ଯାଇଥିବାରୁ ଚମ୍ପୁଆ ବ୍ଲକର ମିରିଗିଣିଙ୍ଗା ଠାରେ ନିର୍ମିତ ବୃହତ ପାନୀୟ ଜଳ ପ୍ରକଳ୍ପରୁ ଜଳ ଯୋଗାଣ ବ୍ୟାହତ ହୋଇଛି। ଗତ ସାତ ଦିନ ଧରି ପାନୀୟ ଜଳ ଯୋଗାଣ ଏକ ପ୍ରକାର ବନ୍ଦ ହୋଇଯାଇଛି। ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ଓ ବାଂଶପାଳ ବ୍ଲକକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ମିରିଗିଣିଙ୍ଗାରେ ନିର୍ମାଣ କରା ଯାଇଥିବା ବୃହତ ମେଗା ପାନୀୟ ଜଳ ପ୍ରକଳ୍ପରେ ଜଳ ଅଭାବରୁ ଜଳ ବିଶୋଧନ ବନ୍ଦ ହୋଇ ଯାଇଛି। ଦୈନିକ ପଚାଶ କୋଟି ଲିଟର ନଦୀ ଜଳକୁ ବିଶୋଧନ କରୁଥିବା ଏହି ପ୍ରକଳ୍ପ ପାଇଁ ଗତ ସାତ ଦିନ ହେବ ଜଳ ଉପଲବ୍ଧ ହୋଇପାରୁ ନାହିଁ। ବୈତରଣୀ ଏକ ପ୍ରକାର ଶୁଖିଲା ପଡିଥିବା ଯୋଗୁ ଜଳ ଯୋଗାଇ ଦେବାକୁ ଲାଗିଥିବା ମୋଟର ଗୁଡିକ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ପାଣି ଯୋଗାଇ ପାରୁ ନାହାଁନ୍ତି। ରାଜ୍ୟରେ ଗ୍ରୀଷ୍ମ ପ୍ରକୋପ ବଢୁଥିବା ବେଳେ ପାନୀୟ ଜଳ ଯୋଗାଣ ବନ୍ଦ ଯୋଗୁଁ ଲୋକେ ପୂର୍ବପରି ନଳକୂପ ଓ ପୋଖରୀ ଉପରେ ନିର୍ଭର କରିବା ଆରମ୍ଭ କରିଛନ୍ତି। ଏ ନେଇ ଚମ୍ପୁଆ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ କରନ ସୋରେନଙ୍କୁ ଯୋଗାଯୋଗ କରିବାରୁ ସେ ନଦୀରେ ଜଳସ୍ତର କମି ଥିବାରୁ ପାନୀୟ ଜଳ ଯୋଗାଣ ଉପରେ ପ୍ରଭାବ ପଡିଛି ବୋଲି କହିଥିଲେ। ଏଥି ସହିତ ନଦୀରେ ଜଳସ୍ତର ପୂର୍ବପରି ସ୍ୱାଭାବିକ ହେଲେ ପ୍ରକଳ୍ପ ପୂର୍ବ ପରି କାର୍ଯ୍ୟ କରିବା ସହ ଜଳ ଯୋଗାଣ ସମ୍ଭବ ହେବ ବୋଲି ସୂଚନା ଦେଇଛନ୍ତି।

# ସମ୍ବଲପୁରରେ ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ ମେ' ୧୪ରୁ ପୂର୍ବାହ୍ନ ୭ରୁ ୧୦ଟା ପର୍ଯ୍ୟନ୍ତ ଧାନ କିଣା

ସମ୍ବଲପୁର,୩୦/୪(ନି. ପ୍ର): ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ରବି ଋତୁ ପାଇଁ ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଜିଲ୍ଲାସ୍ତରୀୟ କ୍ରୟ ସମିତି ଦ୍ୱାରା ଅନୁମୋଦିତ କ୍ରୟ ଆରମ୍ଭ କରିବାର ପ୍ରସ୍ତାବିତ ତାରିଖ ହେଉଛି ୧୪ ମେ ୨୦୨୫। ଏଥିରେ ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ୩୨ଟି ପ୍ରାଥମିକ କୃଷି ସମବାୟ ସମିତି/ ବୃହତ ଅଂଚଳ ବହୁମୁଖୀ ସମିତି ଅଂଶଗ୍ରହଣ କରିବେ। ମୋଟ ୫୮ଟି ଧାନ କ୍ରୟ କେନ୍ଦ୍ର ଖୋଲାଯିବ। ଏଥିରେ ୪୬ ଜଣ କଷ୍ଟମ ମିଲର ଅଂଶଗ୍ରହଣ କରିବେ। ଏଥର ୧୬,୫୦୪ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ସମୁଦାୟ ଯାଂଚ ହୋଇଥିବା ଚାଷୀ ଙ୍କ ସଂଖ୍ୟା ୧୬,୪୯୦ ରହିଛି। ପି-ପାସ୍ (ଅନଲାଇନ୍ ମୋଡ୍ ରେ ରିଅଲ୍ ଟାଇମ୍ କ୍ରୟ) ମାଧ୍ୟମରେ କ୍ରୟ କରାଯିବ ଯେଉଁଠାରେ କେନ୍ଦ୍ରୀୟ ଟୋକନ୍ ଜାରି କରାଯିବ ଏବଂ କୃଷକଙ୍କ ପଞ୍ଜୀକୃତ ମୋବାଇଲକୁ ଏସଏମଏସ ପଠାଯିବ। ୨୪ରୁ ୪୮ ଘଂଟା ମଧ୍ୟରେ ଅନ୍ ଲାଇନ୍ ମୋଡ୍ ରେ ଚାଷୀଙ୍କ ବ୍ୟାଙ୍କ ଆକାଉଂଟରେ ଧାନର ମୂଲ୍ୟ (ସର୍ବନିମ୍ନ ସହାୟକ ମୂଲ୍ୟ ) ଜମା କରାଯିବ ଏବଂ ପ୍ରତି ୭ ଦିନରେ ରିମାଇଣ୍ଡର ମେସେଜ୍ ମଧ୍ୟ ପଠାଯିବ। କେ.ଏମ.ଏସ ୨୦୨୪-୨୫ ରେ ସାଧାରଣ ଧାନ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୨୩୦୦ ଟଙ୍କା ଏବଂ ଗ୍ରେଡ୍ 'ଏ' ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୨୦ ଟଙ୍କା ରହିଛି। ଗ୍ରୀଷ୍ମ ପ୍ରବାହ ଓ ପ୍ରାକ ମୌସୁମୀ କୁ ଦୃଷ୍ଟି ରେ ରଖି ସମସ୍ତ ଧାନ କ୍ରୟ ଗୁଡିକରେ ଯେକୌଣସି ପ୍ରକାର ଅସୁବିଧାକୁ ସମ୍ମୁଖୀନ ଓ ପ୍ରତିହତ କରିବା ନିମନ୍ତେ ଧାନ ସଂଗ୍ରହ କେନ୍ଦ୍ର ରେ ଡିଜିଟାଲ ଆଦ୍ରତା ମିଟର, ୱେଟ ବ୍ରିଜ, ବିଶ୍ଳେଷଣ କିଟ, ପଲିତାରପୋଲିନ ଆଦି ଯୋଗାଇବା ସହ ପ୍ରତିକ୍ଷା କକ୍ଷ ,ପାନୀୟ ଜଳ, ଲାଇଟ, ସୌଚାଳୟ, ସିସିଟିଭି ଆଦି ର ବ୍ୟବସ୍ଥା କରାଯିବ। ଅନୁଷ୍ଠିତ ଏହି ବୈଠକରେ ବିଧାୟକ-ରେଢାଖୋଲ, ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ,ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ କୁମୁଦିନି ନାୟକ, ବିଧାୟକ-ସମ୍ବଲପୁର ଜୟନାରାୟଣ ମିଶ୍ରଙ୍କ ଲୋକପ୍ରତିନିଧି, ବିଧାୟକ-କୁଚିଣ୍ଡା ରବିନାରାୟଣ ନାୟକ ଙ୍କ ଲୋକପ୍ରତିନିଧି, ବିଧାୟକ-ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ଲୋକପ୍ରତିନିଧି, , ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେଙ୍ଗ ଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ, ମିଲର୍ସ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ



ବାଲିଆପାଳ ୩୦.୪( (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ):) ବାଲେଶ୍ୱର ଜିଲ୍ଲା ବାଲିଆପାଳ ସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ଜଗାଇରେ ନୂତନ ଭାବେ ଯୋଗ ଦେଇଥିବା ଅଧ୍ୟକ୍ଷା ଡ଼ ମାନସୀ ସାହୁଙ୍କ ସଭାପତିତ୍ୱରେ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ଅଧ୍ୟାପକ ଦୟାନିଧି ସାହୁ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ । ଗଣିତ ବିଭାଗ ଅଧ୍ୟାପକ କମଳାକାନ୍ତ ପ୍ରଧାନ ଓ ଅଣଶିକ୍ଷକ କର୍ମଚାରୀ ଅଚିନ୍ତ୍ୟ କୁମାର ମଣ୍ଡଳ ଦୀର୍ଘ ୩୫ରୁ ୩୯ବର୍ଷ ଜୀବିକା ନିର୍ବାହ କରି ତା ଆଜି ଜୀବିକାରୁ ଅବସର ଗ୍ରହଣ କରିଛନ୍ତି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ ବିଜୟ କୁମାର ଜେନା ବିଦାୟୀ ଅଧ୍ୟାପକ ଓ କର୍ମଚାରୀମାନଙ୍କ ବିବିଧ ଗୁଣ ବର୍ଣ୍ଣନା କରିବା ସହିତ ସଭାପତି ଅଧ୍ୟକ୍ଷା ମହୋଦୟା ବିଦାୟୀଙ୍କ କର୍ମମୟ ଜୀବିକାର ସ୍ୱଚ୍ଛତା କଥା ଶୁଣି ବିହ୍ୱଳ ହୋଇ ଉଠିଥିଲେ । ଅଧ୍ୟାପକ ପ୍ରଭାତ କୁମାର ଜେନା, ପ୍ରଭାଂଶୁ କୁମାର ସି, ବିଦ୍ୟାଧର କୁଲ୍‌ହାରୀ, ସଂଜୟ ଦାସ, ସନ୍ତୋଷ କୁମାର ମାହାନା, ଦୟାନିଧି ସାହୁ, ସରୋଜ କୁମାର ତ୍ରିପାଠୀ, ରାଧାକାନ୍ତ ମହାନ୍ତି, ବିକାଶ ପ୍ରଧାନ, ବାମଦେବ ଆଚାର୍ଯ୍ୟ, ସୁଶାନ୍ତ ରାଜ, ଅଧ୍ୟାପିକା ଶାନ୍ତିଲତା ଦାସ, ସୁପ୍ରସିନୀ ବେହେରା, ସସ୍ମିତା ସିଂ, ଅନିତା ପାତ୍ର,ମନସ୍ୱିନୀ ଆଚାର୍ଯ୍ୟ, ଅନ୍ତକର୍ମୀ ଶାନ୍ତନୁ ସାମଲ, ପ୍ରକାଶ ସାହୁ, ଜୟନ୍ତୀ ଦାସ,ଅଣଶିକ୍ଷକ କର୍ମଚାରୀ, ହରିବନ୍ଧୁ ସାହୁ, କାହ୍ନୁ ଚରଣ ଅଦକ, ପ୍ରମୁଖ ବିଦାୟୀଙ୍କ ଗୁଣରେ ଭାବ ବିହ୍ୱଳ ହୋଇଉଠିଥିଲେ ।

# ବିବାହ ବାର୍ଷିକୀରେ ରକ୍ତଦାନ ଶିବିର



ଲଙ୍ଗଳେଶ୍ୱର, ୩୦/୪ (ନି.ପ୍ର): ଜିଲ୍ଲା ରକ୍ତଦାତା ସଂଘର ଉପ ସଭାପତି ତଥା ପରିବେଶ ବିତ ସୁମନ୍ତ କୁମାର ଜେନା ଓ ସହ ଧର୍ମିଣୀ ସୁଲୋଚନା ଜେନାଙ୍କ ୨୦ ତମ ବିବାହ ବାର୍ଷିକୀ ଅବସରରେ ବୁଧବାର ତାଙ୍କ ମାଥାନୀ ବାସ ଭବନ ପରିସରରେ ଦିନିକିଆ ରକ୍ତଦାନ ଶିବିର, ବୃକ୍ଷ ରୋପଣ, ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ରକ୍ତଦାନ ଶିବିର କୁ ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ ଲୋଚନ ଚକ୍ରବର୍ତ୍ତୀ, କବି ଲେଖକ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି, ବରିଷ୍ଠ ବିଜେପି ନେତା ଶ୍ୟାମା ପ୍ରସାଦ ବେହେରା, ବସ୍ତା ଆଇ ଆଇ ସି ରଣଜିତ କୁମାର ସାହୁ , ସମୟର ଚକ୍ର ସମ୍ପାଦକ ସର୍ବେଶ୍ୱର ଜେନା ପ୍ରମୁଖ ମିଳିତ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ପକ୍ଷରୁ କେତେକ ଅନୁଷ୍ଠାନ କୁ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କରାଯାଇ ଥିଲା । ଅତିଥି ମାନଙ୍କୁ ଉପାୟନ ଓ ବଉଳ ଗଛ ଚାରା ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା ।

# ପବିତ୍ର ଅକ୍ଷୟ ତୃତୀୟା ପାଳନ ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ୨୦୨୫ ପାଳିତ

ବାଲେଶ୍ୱର , ୩୦/୪ (ନି.ପ୍ର): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଆନୁକୂଲ୍ୟରେ ଶେରଗଡ଼ ସ୍ଥିତ ସରକାରୀ ବିହନ ଫାର୍ମ ଠାରେ ପୂର୍ବାହ୍ନ ୯ ଘଟିକା ସମୟରେ ପବିତ୍ର ଅକ୍ଷୟ ତୃତୀୟା ପାଳନ ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ୨୦୨୫ ପାଳିତ ହୋଇଯାଇଛି। ଏହି ପବିତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବରେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏହି ପବିତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ପୌରହିତ୍ୟରେ ଭୂମି ପୂଜନ ହେବା ସଙ୍ଗେ ସଙ୍ଗେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମେତ ବାଲେଶ୍ୱର ମାନ୍ୟବର ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସହଯୋଗରେ ଅଖିମୁଠି ଶୁଭାରମ୍ଭ କରିଥିଲେ। ଏଥିରେ ମାନ୍ୟବର ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ଜମିରେ ହଳ ପ୍ରକ୍ରିୟା କରିଥିବା ବେଳେ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ରେମୁଣା ବ୍ଲକର ମାନ୍ୟବର ଅଧ୍ୟକ୍ଷ ଶ୍ରୀଯୁକ୍ତ ରାଜେନ୍ଦ୍ର ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ମହାନ ଦିବସରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ଅତିଥି ମାନଙ୍କ ଉପସ୍ଥିତିରେ ପିଏମ କିସାନ ଯୋଜନାରେ ରାଜ୍ୟର ୫୦ ଲକ୍ଷରୁ ଉର୍ଦ୍ଧ ଚାଷୀଭାଇ ମାନଙ୍କୁ ସହାୟତା ରାଶି ଯୋଗାଇ ଦିଆଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ସୁମନ୍ତ କୁମାର ନାୟକ ସଂଯୋଜନା ଓ ପରିଚାଳନା କରିଥିଲେ।


**OFFICE OF THE REGULATED MARKET COMMITTEE, JALESWAR.**

AT-NANDIKA, PO-JALESWAR, DIST-BALASORE, ODISHA, PIN-756032
eMail-rmcjaLettleswar@gmail.com

**Short Tender Call Notice-251 Date-30-04-2025**

Sealed percentage rate bids are invited from the contractors registered with the State Government for execution of the 2 Nos. works as mentioned bellow.

| SI NO | Name of the Work | Tender Cost (in Rs.) | EMD @1 % (in Rs.) | Cost of Tender Paper | Class of Contractor | Period of Completion |
|---|---|---|---|---|---|---|
| 1 | Const. of retaining wall at existing Double cover shed side & Drain Cover Slab with site Development in front of Toilet Block at Basudevpur Market Yard under RMC Jaleswar | Rs. 499610/- | Rs. 4996/- | Rs. 2000/- | D&C | 1 (One Month) |
| 2 | Const. of retaining wall with C.C. Flooring at existing single cover shed side & replacement of top ventilator of existing Godown at Basudevpur Market Yard under under RMC Jaleswar | Rs. 493478/- | Rs. 4935/- | Rs. 2000/- | D & C | 1 (One Month) |

The Tender will be received by this office up to 11 AM on date-13-05-2025. The tenderers are requested to submit valid & up to date photo copy of license, GST Certificate & up to date Income Tax Clearance Certificate, Copy of PAN Card along with tender documents. The tenderers must submit their tenders complete in all respect through registered post/Speed Post in the address of the Chairman, R.M.C. Jaleswar, At- Nandika, Po- Jaleswar, Dist- Balasore or they may drop their tenders in the tender box kept at the Office of the Regulated Market Committee, Jaleswar on or before 11 AM of date13-05-2025 and will be opened on same date 13-05-2025 at 12.00 AM in presence of the tenderers or their representatives willing to be present. The tenderer is to submit EMD in shape of D.D/Fix deposit certificate pledged in the name of Secretary, R.M.C. Jaleswar to be drawn in favour of the Secretary, R.M.C Jaleswar on any Nationalized Bank payable at Jaleswar. The tender document will be sold from 01-05-2025 to 09-05-2025 up to 5 PM. except Govt. holiday on payment of tender paper cost as noted above to be deposited in the office of the R.M.C. Jaleswar.

The Authority will not be held responsible for any delay in respect of receipt of tender documents and reserves the right to accept or reject any or all tenders without assigning any reason thereof.

Sd/-
Chairman,
R.M.C. Jaleswar.


# ଛାତ୍ର କଂଗ୍ରେସ ପକ୍ଷରୁ ହ୍ୱାଇଟ୍ ଟି-ସାର୍ଟ ମୁଭ୍‌ମେଂଟ ଆୟୋଜିତ

ଭୁବନେଶ୍ୱର, ୩୦/୪ (ନି.ପ୍ର): ଲୋକସଭାର ବିରୋଧଦଳ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନକ୍ରମେ ସାରା ଦେଶରେ ଛାତ୍ର ଓ ଯୁବକ ମାନଙ୍କର "ହ୍ୱାଇଟ୍ ଟି-ସାର୍ଟ ମୁଭମେଂଟ" ନାମରେ ଏକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସେହି କ୍ରମରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବୁଧବାର ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ଭୁବନେଶ୍ୱର ଜନପଥରେ "ହ୍ୱାଇଟ୍ ଟି-ସାର୍ଟ ମୁଭମେଂଟ" ଅନୁଷ୍ଠିତ ହୋଇଛି। ଛାତ୍ର କଂଗ୍ରେସର କର୍ମୀମାନେ ଧଳାସାର୍ଟ ପିନ୍ଧି ସମ୍ବିଧାନ ବଂଚାଅ ନାରା ଦେଇ ଜନ ପଥରେ ପଦଯାତ୍ରା କରିଥିଲେ। ଗରୀବ ଓ ଶ୍ରମିକ ଶ୍ରେଣୀଙ୍କୁ ନ୍ୟାୟ ଓ ଅଧିକାର ଦେବା ପାଇଁ ଏହି ଯାତ୍ରା ଅଭିପ୍ରେତ। ଏହି ଯାତ୍ରାରେ କିଛି ପୁଞ୍ଜିପତିଙ୍କ ପାଇଁ ମୋଦୀ ସରକାରଙ୍କର ଦୁର୍ବଳତାର ସମାଲୋଚନା କରାଯାଇଥିଲା। ଏହି ପୁଞ୍ଜିପତି ମାନଙ୍କର ସମ୍ପତ୍ତି ବୃଦ୍ଧି ଚିନ୍ତା ମୋଦି ସରକାରଙ୍କୁ ଘାରିଛି। ଯାହାଫଳରେ ଅସମାନତା ବୃଦ୍ଧି ପାଇଛି ଏବଂ ଯେଉଁ ଶ୍ରମିକମାନେ ଦେଶ ଗଠନ ପାଇଁ କାର୍ଯ୍ୟ କରୁଛନ୍ତି ସେମାନଙ୍କ ଅବସ୍ଥା ଶୋଚନୀୟ ହୋଇଯାଉଛି।

# ଅଖି ମୁଠି ଅନୁକୂଳ କଲେ ରାଜ୍ୟପାଳ

ଭୁବନେଶ୍ୱର, ୩୦/୪ (ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅଖି ମୁଠି ଅନୁକୂଳ କରିଛନ୍ତି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି। ବୁଧବାର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ କୃଷି ବିଜ୍ଞାନ କେନ୍ଦ୍ର (ଗଞ୍ଜାମ-୨), ଗୋଳନ୍ଥରା ଠାରେ ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଅଖି ମୁଠି ଅନୁକୂଳ କରିଛନ୍ତି ଏବଂ ରାଜ୍ୟବାସୀ ତଥା ଚାଷୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ସୁଖ ସମୃଦ୍ଧି କାମନା କରିଛନ୍ତି। ଏହି ଅବସରରେ ଜ୍ଞାନ, ନବସୃଜନ ଓ ତାଲିମ ମାଧ୍ୟମରେ କୃଷକମାନଙ୍କୁ ସଶକ୍ତ କରିବା ଦିଗରେ କୃଷି ବିଜ୍ଞାନ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ଆହ୍ୱାନ ଜଣାଇଛନ୍ତି। ଉପସ୍ଥିତ କୃଷକମାନଙ୍କ ସହ ରାଜ୍ୟପାଳ ଆଲୋଚନା କରି ସେମାନଙ୍କର ଅନୁଭବ ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଏବଂ କୃଷି କ୍ଷେତ୍ରରେ ଲାଭାନ୍ୱିତ ହେବା ପାଇଁ କୃଷକମାନେ ଆଧୁନିକ ପ୍ରଣାଳୀ ଓ ଜଳବାୟୁ ଅନୁକୂଳ ପଦ୍ଧତି ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ସମେତ ଜିଲ୍ଲା ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ ।

# ଆର୍ଯ୍ୟସମାଜ ପ୍ରତି ସମର୍ପିତ ପ୍ରାଣ ଥିଲେ ସ୍ୱାମୀ ବ୍ରହ୍ମାନନ୍ଦ

ଭୁବନେଶ୍ୱର, ୩୦/୪ (ନି.ପ୍ର): ଓଡ଼ିଶାରେ ଗୁରୁକୂଳ ଓ ଆର୍ଯ୍ୟସମାଜ ଆନ୍ଦୋଳନର ଅଗ୍ରଦୂତ ତଥା ବୈଦିକ ଗୁରୁକୂଳ ଆଶ୍ରମ ବେଦବ୍ୟାସର ପ୍ରତିଷ୍ଠାତା ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ୧୦୮ତମ ଜୟନ୍ତୀ ଉତ୍ସବ, ଆର୍ଯ୍ୟସମାଜ ଓଡ଼ିଶା ଓ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ମିଳିତ ଭାବେ ଚନ୍ଦ୍ରଶେଖରପୁର ଶ୍ରୀ ଅରବିନ୍ଦନଗରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନ ସଭାଗୃହରେ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। ପଣ୍ଡିତ ବିନୋଦ ବିହାରୀ ଦାଶଙ୍କ ବ୍ରହ୍ମାତ୍ୱରେ ବୈଦିକ ଶାନ୍ତି ଯଜ୍ଞ ପରେ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର କହିଲେ ଯେ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଅକ୍ଷୟ ତୃତୀୟାରେ ଚାଷୀଙ୍କୁ ...

କହିଛନ୍ତି, ପୂର୍ବ ସରକାର ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୫୦ ଟଙ୍କା ଦିଆଯିବା ନେଇ ସଂକଳ୍ପ କରି ପଠାଇଥିଲେ । ସେତେବେଳେ ଚାହିଁଥିଲେ ନିଜେ ରାଜ୍ୟ ସରକାର ଏହା କରିପାରିଥାନ୍ତେ । ଗତ ସରକାର ସମୟରେ ଇଚ୍ଛାଶକ୍ତିର ଅଭାବ ରହିଥିଲା । ଆଳୁ ମିଶନ ଫେଲ, ପଣସ ମିଶନ ପିଆଜ ମିଶନ କୁଆଡେ ଗଲା ଜଣାନାହିଁ । ୨୪ ବର୍ଷରେ ୨୪ଟି ଶୀତଳଭଣ୍ଡାର ହୋଇପାରିଲା ନାହିଁ । ସେପଟେ ମୁଖ୍ୟମନ୍ତ୍ରୀଙ୍କ ଟାର୍ଗେଟକୁ ନେଇ ସରକାରଙ୍କ ଉପରେ ବର୍ଷିଛି ବିଜେଡି । ନିର୍ବାଚନ ପରେ କିଭଳି ପ୍ରତିଶ୍ରୁତିକୁ ପାଳନ କରାଯାଇଛି ତାକୁ ରାଜ୍ୟବାସୀ ଦେଖୁଛନ୍ତି ବୋଲି କହିଛି ବିଜେଡି । ନାମମାତ୍ର ଚାଷୀଙ୍କଠୁ ନେଇ କ୍ଷୁଦ୍ର ଏବଂ ଭୂମିହୀନ ଚାଷୀଙ୍କୁ ସିଏମ କିଷାନ ଟଙ୍କା ମିଳିଛି । ସିଏମ କିଷାନ ଯୋଜନାରେ ଚାଷୀମାନଙ୍କୁ ବର୍ଷକୁ ୨ଟି କିସ୍ତିରେ ୪ ହଜାର ଟଙ୍କା ମିଳିବ । ନୂଆଖାଇ ଓ ଅକ୍ଷୟ ତୃତୀୟାରେ ୪ ହଜାର ଟଙ୍କା ଦେଉଛନ୍ତି ସରକାର ।

### ଓସିଏସ୍-୨୦୨୩...

ଏନେଇ ଓପିଏସ୍ସି କର୍ତ୍ତୃପକ୍ଷ ନୋଟିସ୍ ଜାରିଆରେ ତ୍ରୁଟି ସ୍ୱୀକାର କରିଥିଲେ। ଗତ ୨୭ ତାରିଖ ଦିନ ରାଜ୍ୟ ଲୋକସେବା ଆୟୋଗ (ଓପିଏସସି) ଏବଂ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍ଏସ୍ସି) ୨ଟି ବଡ଼ ପରୀକ୍ଷାରେ ତ୍ରୁଟି ସାମ୍ନାକୁ ଆସିଥିଲା। ସେହିପରି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ ପରୀକ୍ଷାରେ ମଧ୍ୟ ଗତ ୨୭ ତାରିଖ ଦିନ ବଡ଼ ତ୍ରୁଟି ଦେଖାଯାଇଥିଲା। ଏକ୍ସାଇଜ୍ ଓ ଟ୍ରାଫିକ୍ ଏସ୍ଆଇ ପରୀକ୍ଷା ଥିଲା। ମାତ୍ର ସିଜିଏଲ୍ରୁ ପ୍ରଶ୍ନ ଆସିଥିବା ପରୀକ୍ଷାର୍ଥୀଙ୍କ ଅଭିଯୋଗ କରିଥିଲେ। ଏତେବଡ଼ ପରୀକ୍ଷାରେ ତ୍ରୁଟିକୁ ନେଇ ପରୀକ୍ଷାର୍ଥୀ ହତାଶ ଦେଖାଯାଇଥିଲେ। ଏନେଇ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ କର୍ତ୍ତୃପକ୍ଷ ତ୍ରୁଟି ସ୍ୱୀକାର କରିଥିଲେ। ଆୟୋଗ ତ୍ରୁଟିକୁ ସ୍ୱୀକାର କରି ଦୁଃଖ ପ୍ରକାଶ କରିଥିଲେ। ଆଉ ଏକ ପରୀକ୍ଷାର ବିକଳ୍ପ ଉପରେ ବିଚାର କରୁଥିବା ଜଣାଇଥିଲେ। ସୂଚନାଯୋଗ୍ୟ, ଗତ ମାସ ୩୦ ତାରିଖ ଦିନ ଓପିଏସ୍ସି ଦ୍ୱାରା ପରିଚାଳିତ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ (ଏସ୍‌ଡିଆଇପିଆରଓ) ପରୀକ୍ଷା ଥିଲା। ସାମ୍ବାଦିକତା ଓ ଜନସଂଚାର ପରୀକ୍ଷା ଅପରାହ୍ଣ ୧ଟା ୩୦ରୁ ୩ଟା ୩୦ ଭିତରେ ଥିଲେ। ସେହି ପରୀକ୍ଷାରେ ୧୦୦ ନମ୍ବର ପ୍ରଶ୍ନ ବଦଳରେ ୯୪ ନମ୍ବର ଥିଲା।

### ପ୍ରକାଶ ପାଇଲା ଆଇସିଏସଇ...

୯୯.୪୫ ପ୍ରତିଶତ ଥିବା ବେଳେ ପୁଅଙ୍କ ପାସ ହାର ୯୮ . ୬୪ ପ୍ରତିଶତ ରହିଛି । ଆଇସିଏସଇରେ ଛାତ୍ରଛାତ୍ରୀମାନେ ୬୭ ବିଷୟରେ ଲିଖିତ ପରୀକ୍ଷା ଦେଇଥିବା ବେଳେ ଆଇଏସସିରେ ପିଲାମାନେ ୪୭ ବିଷୟରେ ଲିଖିତ ପରୀକ୍ଷା ଦେଇଛନ୍ତି । ମୋଟ ଉପରେ ଅଢେଇ ଲକ୍ଷରୁ ଅଧିକ ଛାତ୍ରୀଛାତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

### ସୁରକ୍ଷା ବାହିନୀଙ୍କୁ ...

ସୁରକ୍ଷା ବାହିନୀଙ୍କ ଅପରେସନକୁ ଭୟ କରି ମାଓବାଦୀ ସେଠାରୁ ଫେରାର ହୋଇଯାଇଛନ୍ତି। ଏହା ନକ୍ସଲ ବିରୋଧୀ ଲଢ଼େଇରେ ଏକ ବଡ଼ ବିଜୟ ବୋଲି କୁହାଯାଉଛି। ଏହି ଅପରେସନ ଏପ୍ରିଲ ୨୧ରୁ ଆରମ୍ଭ ହୋଇଥିଲା ଏବଂ ଏଥିରେ ଛତିଶଗଡ଼, ତେଲଙ୍ଗାନା ଓ ମହାରାଷ୍ଟ୍ରର ସୁରକ୍ଷା ବାହିନୀ ଅଂଶଗ୍ରହଣ କରିଥିଲେ। ଏହା ଦେଶର ସବୁଠାରୁ ବଡ଼ ନକ୍ସଲ ବିରୋଧୀ ଅଭିଯାନ ମଧ୍ୟରୁ ଗୋଟିଏ ବୋଲି କୁହାଯାଉଛି। ଛତିଶଗଡ଼ ଗୃହମନ୍ତ୍ରୀ ବିଜୟ ଶର୍ମା ମାଓବାଦୀଙ୍କୁ ଆତ୍ମସମର୍ପଣ ପାଇଁ ଦେଇଥିଲେ ଶେଷ ସୁଯୋଗ। ତେବେ ମାଓବାଦୀ ମାନେ କର୍ଣ୍ଣପାତ ନ କରିବାରୁ ଏନକାଉଣ୍ଟରର ନିଷ୍ପତ୍ତି। ୧୦ ହଜାରରୁ ଅଧିକ ସୁରକ୍ଷା କର୍ମୀ ମାଓ ଗ୍ରୁପର ମୁଖ୍ୟ ହିଡ଼ମାକୁ ଧରିବାକୁ ପ୍ରୟାସ ଜାରି ରଖିଛନ୍ତି। ହଜାରେରୁ ଅଧିକ ମାଓବାଦୀଙ୍କୁ ପାଖରେ ରଖି ମାଓ ଦମନ ଅପରେସନ୍ ବିରୋଧରେ ଗୋଟି ଚାଳନା କରୁଛି ହିଡମା। ଦାମୋଦର, ଆଜାଦ, ପାପ୍ପା ରାଓ, ଚନ୍ଦ୍ରାନ୍ନା, ସୁଜାତା, ମଙ୍ଗୁଡୁ ଭଳି କ୍ୟାଡର୍ ମାଓବାଦୀ ବି ଅଛନ୍ତି ଏହି ମେଳିରେ। ତେଣୁ ଏମାନଙ୍କୁ ନିଶାନା କରି ୩ ରାଜ୍ୟର ୧୦ ହଜାର ଯବାନ ଘେରି ରହିଛନ୍ତି। ଅପରେସନରେ ସାମିଲ୍ ଯବାନଙ୍କୁ ଆକାଶମାର୍ଗରୁ ହେଲିକପଟରରେ ଖାଦ୍ୟ ପାନୀୟ ଯୋଗାଉଛି। ହିଂସାରେ ବିଶ୍ୱାସ କରୁଥିବା ମାଓବାଦୀ ଏବେ ଶାନ୍ତିର କଥା କହୁଛି। ମାଓବାଦୀ ସଂଗଠନର ଉତ୍ତର-ପଶ୍ଚିମ ସବ୍ ଜୋନାଲ୍ ବ୍ୟୁରୋ ପ୍ରଭାରୀ ମାଓବାଦୀ ରୂପେଶ ଚିଠିରେ ଶାନ୍ତି କଥାବାର୍ତ୍ତା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବା ସହ ଅପରେସନକୁ ତୁରନ୍ତ ବନ୍ଦ ପାଇଁ ନିବେଦନ କରିଛି। ଗୋଟିଏ ପଟେ ୨୦୨୬, ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ମାଓବାଦୀଙ୍କୁ ମୂଳପୋଛ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଆହ୍ୱାନ, ଅନ୍ୟପଟେ ଶାନ୍ତିପାଇଁ ମାଓବାଦୀଙ୍କ ଅପିଲ୍। ଏଥିରୁ ସ୍ପଷ୍ଟ ହେଉଛି ଶେଷ ନିଶ୍ୱାସ ଅପେକ୍ଷାରେ ଲାଲ୍ ବାହିନୀ।

# ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି: ଅଖରେ ଲାଗିଲା ଚକ



ନୀଳଗିରି , ୩୦/୪ (ନି.ପ୍ର): ପବିତ୍ର ଅକ୍ଷୟତୃତୀୟା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିରରେ ଆଗାମୀ ଶ୍ରୀଗୁଣ୍ଡିଚା ତଥା ବିଶ୍ୱବିଖ୍ୟାତ ରଥଯାତ୍ରାର ପ୍ରାଥମିକ ପର୍ଯ୍ୟାୟ ରଥପ୍ରସ୍ତୁତି ଉପଲକ୍ଷେ ଅଖରେ ଲାଗିଛି ଚକ। ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅନୁସାରେ ବୈଶାଖ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟତୃତୀୟା ଦିନ ମାହେନ୍ଦ୍ର ବନଯାଗ ବିଧି ଅନୁଯାୟୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥ ତିଆରି କାର୍ଯ୍ୟ ଆରମ୍ଭ ହୋଇଥାଏ। ଏହି ଅବସରରେ ନୀଳଗିରି ଜଗନ୍ନାଥ ମନ୍ଦିରରେ ପ୍ରଭାତରୁ ମଙ୍ଗଳଆରତୀ ପରେ ସମସ୍ତ ନିତିକାନ୍ତୀ ପରେ ମନ୍ଦିର ସମ୍ମୁଖସ୍ଥ ଅସ୍ଥାୟୀ ପୂଜାମଣ୍ଡପକୁ ଆଜ୍ଞାମାଳ ଆସିଥିଲା ।ପରେ ଶ୍ରୀଦେବୀ, ଭୂଦେବୀ, ମଦନମୋହନ ଏବଂ ରାମକୃଷ୍ଣଙ୍କୁ ପୁରୋହିତ, ବ୍ରହ୍ମା, ପ୍ରହରାଜ ଏବଂ ଅନ୍ୟ ସେବାୟତଙ୍କ ଦ୍ୱାରା ବିଜେ କରାଯାଇ ସମସ୍ତ ନିତିକାନ୍ତି ସମାପନ ପରେ ମହାରଣା ସେବାୟତଙ୍କ ଦ୍ୱାରା ରଥଚକରେ ଅଖ ସଂଯୋଗ ନୀତି ଅନୁଷ୍ଠିତ ହୋଇଥିଲା। ଶଙ୍ଖ,ଭେରି, ତୂରୀ, ସଂକୀର୍ତ୍ତନ ଏବଂ ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ଭକ୍ତିମୟ ହୋଇ ଉଠିଥିଲା। ଏହି ଅବସରରେ ନୀଳଗିରି ଠାକୁରମହାଲ ମେନେଜିଂଟ୍ରଷ୍ଟି ତଥା ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ତହସିଲଦାର ସୋନମ୍ ଦାସ, ମନ୍ଦିରର ମୁଖ୍ୟପୂଜକ ହରିବନ୍ଧୁ କର, ପୁଣ୍ୟଶ୍ଳୋକ ନନ୍ଦ, ବ୍ରହ୍ମା ସରୋଜ ନନ୍ଦଙ୍କ ସମେତ ମୁଖ୍ୟ ମହାରଣା, ସେବାୟତ, ଶହଶହ ଶ୍ରଦ୍ଧାଳୁ, ଭକ୍ତବୃନ୍ଦ ଉପସ୍ଥିତ ଥିଲେ।

# ଜିଲ୍ଲା କଂଗ୍ରେସ ଓ କିଶାନ କଂଗ୍ରେସ ପକ୍ଷରୁ ଅଖି ମୁଠି ଶୁଭାରମ୍ଭ

ବସ୍ତା, ୩୦/୪ (ନି.ପ୍ର):) ବାଲେଶ୍ୱର ଜିଲ୍ଲା କଂଗ୍ରେସ ଓ କିଶାନ କଂଗ୍ରେସ ପକ୍ଷରୁ କୃଷି ଓ କୃଷକର ପର୍ବ ପବିତ୍ର ଅକ୍ଷୟ ତୃତୀୟାରେ ଅଖି ମୁଠି ଶୁଭାରମ୍ଭ ବସ୍ତା ବ୍ଲକ ଅନ୍ତର୍ଗତ କୁଡିଆ ପଂଚାୟତ ଗାନ୍ଧୀ ଛକ -ବାଲିଆପାଳ ରାସ୍ତା ପେଜଗାଳା କିଆରୀରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା କଂଗ୍ରେସ କମିଟି ର ସଭାପତି ସଂଜୀବ ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ଜିଲ୍ଲା ର ବିଭିନ୍ନ ଅଞ୍ଚଳ ରୁ କଂଗ୍ରେସ ନେତୃତ୍ୱ ଉପସ୍ଥିତ ହୋଇ ପୂଜା କରିବା ସହିତ ଲଙ୍ଗଳ କରି ବିହନ ବୁଣି ଅଖି ମୁଠି ଶୁଭାରମ୍ଭ କରିଥଲେ ଏବଂ ଚଳିତ ବର୍ଷ ଯେମିତି ବସ୍ତା ସମେତ ସାରା ଜିଲ୍ଲାର କୃଷକ ମାନଙ୍କ ର ଅବସ୍ଥା ଉନ୍ନତି ହେବା ସହିତ ହସ ଖୁସି ରେ ଦିନ କଟୁ ଏବଂ ଶଷ୍ୟ ରେ ସେମାନଙ୍କ ଭରି ଉଠୁ କାମନା କରିଥିଲେ ଜିଲ୍ଲା କଂଗ୍ରେସ ମୁଖ ପାତ୍ର ସୁଧାଂଶୁ ଶେଖର ଜେନା ଓ ଜିଲ୍ଲା କିଶାନ କଂଗ୍ରେସ ସଭାପତି ଜୟନ୍ତ ମହାପାତ୍ର ଙ୍କ ସଂଯୋଜନା ରେ ଆୟୋଜିତ ଉତ୍ସବ ରେ ଅନ୍ୟମାନଙ୍କ ମଧ୍ୟରେ ପୁର୍ବତନ ବିଧାୟକ ଦେବୀ ପ୍ରଶନ ଚଣ୍ଡ ସୁଦର୍ଶନ ଜେନା ବସ୍ତା କଂଗ୍ରେସ ନେତା ବିଜନ ନାୟକ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ପୁର୍ବତନ ସରପଞ୍ଚ ଅନୀଲ କୁମାର ମହାପାତ୍ର ପୁର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାସ ନିଳଗିରି ନଗର କଂଗ୍ରେସ ସଭାପତି ଉପେନ୍ଦ୍ର ବେହେରା କିଶାନ କଂଗ୍ରେସ ନେତା ଯଶୋଦା ନନ୍ଦନ ସିଂ ପୁର୍ବତନ ଜିଲ୍ଲା କିଶାନ କଂଗ୍ରେସ ସଭାପତି ନିରଞ୍ଜନ ବେହେରା ମହିଳା କଂଗ୍ରେସ ନେତ୍ରୀ ଅଞ୍ଜଳି ପ୍ରଧାନ ରାଜୀବ ପରିଡା ନରେନ୍ଦ୍ର ଦାସ ମଦନ ଭକ୍ତା ଯତୀନ୍ଦ୍ର ଜେନା ଜଗନ୍ନାଥ ଜେନା ପ୍ରତାପ ବେହେରା ଯୁବ କଂଗ୍ରେସ ନେତା ହରିଶଙ୍କର ଜେନା ଉପସଭାପତି ସେକ କବିରୁଦ୍ଦିନ ମଥାନି ଯୁବ କଂଗ୍ରେସ ସଭାପତି ରଞ୍ଜନ ସିଂ ବ୍ରାହ୍ମଣଦା ସଭାପତି ବ୍ରଜେନ୍ଦ୍ର ଗିରି ଅରୁଣ ମଣ୍ଡଳ ଚକ୍ରଧର ମହାନ୍ତି ପ୍ରଦୀପ ଦେ ହରେକୃଷ୍ଣ ଦାସ ସୁଦର୍ଶନ ଜେନା ମାନସ ପରିଡା ନିତ୍ୟାନନ୍ଦ ସିଂ ଜୁବୁଲି ପଣ୍ଡା ଛାତ୍ର ନେତା ଜଗନ୍ନାଥ ମହାପାତ୍ର ଦାମୋଦର ଜେନା କାର୍ତ୍ତିକ ସାହୁ ପ୍ରଦୀପ ବେହେରା ଗୋବିନ୍ଦ ମାଝୀ ରାଜେଶ ମୁଦୁଲି ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ଗୁରୁବାର, ମଇ ୦୧, ୨୦୨୫

ଧ୍ୱନି ପ୍ରତିଧ୍ୱନି

# ପଟିଦିଅଁ ଅଙ୍କନ ପାଇଁ ୬ ଜଣ ନେଲେ ଜଗନ୍ନାଥ ମନ୍ଦିରରୁ ସ୍ୱୀକୃତି



ବାଲେଶ୍ୱର, ୩୦/୪ (ନି.ପ୍ର): ଆଜି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଗତ ବର୍ଷ ଚଳିତ ବର୍ଷ ୧୧ତମ ପଟିଦିଅଁ ଅଙ୍କନ ଉତ୍ସବ ପାଇଁ ବାଲେଶ୍ୱର ଜିଲ୍ଲାର ୬ଟି ଜଗନ୍ନାଥ ମନ୍ଦିରରୁ ସ୍ୱୀକୃତି ଗ୍ରହଣ କଲେ। ନୋସି କଲଚ୍ୟୁରାଲ ଏକାଡେମି ତଥା ବାଲେଶ୍ୱରୀ କଳା କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ପଟିଦିଅଁ ଅଙ୍କନ ଓ ପୂଜନ ଉତ୍ସବ ପାଇଁ ଗଣେଶ୍ୱରପୁରର ତ୍ରାହି ଅଚ୍ୟୁତ ଜଗନ୍ନାଥ ମନ୍ଦିର, ରେମୁଣାର ମାଧିପୁର ଜଗନ୍ନାଥ ମନ୍ଦିର, ନୀଳଗିରି ଜଗନ୍ନାଥ ମନ୍ଦିର, ଶାସଙ୍ଗ ଜଗନ୍ନାଥ ମନ୍ଦିର, ଜୟଦେବ କସବା ଜଗନ୍ନାଥ ମନ୍ଦିର ଓ ଦୁବଲାଗଡି ପତିତପାବନ ବୁଢ଼ା ଜଗନ୍ନାଥ ପାଖରୁ ଅନନ୍ତ ନାରାୟଣ (ଜଗନ୍ନାଥ) ପାଇଁ ଶିଳ୍ପୀ କେଶୁଦାସ ଓ ଅରୁଣ କୁମାର ବାରିକ, ଅନନ୍ତ ବାସୁଦେବ (ବଳଭଦ୍ର) ପାଇଁ ଗଦାଧର ମହାନ୍ତି ଓ ଶୁଭମ୍ କୁମାର ରାଉତ ତଥା ମାଆ ଭୁବନେଶ୍ୱର (ସୁଭଦ୍ରା) ପାଇଁ ଭବାନୀ ଶଙ୍କର ନାୟକ ଓ ଭବଶଙ୍କର ସାହୁ ବାସ ସ୍ୱୀକୃତି ଗ୍ରହଣ କଲେ । ପ୍ରକାଶ ଥାଉ କି ନୋସି ଉତ୍କଳାରେ ଜୁନ ୬ ରୁ ୧୧ ମଧ୍ୟରେ ପାରମ୍ପରିକ ରୀତିରେ ପଟିଦିଅଁ ଅଙ୍କନ ସହ ପଟ୍ଟଚିତ୍ର ପ୍ରଶିକ୍ଷଣ, ପଟ୍ଟଚିତ୍ର କର୍ମଶାଳା, ପଟ୍ଟଚିତ୍ର ପ୍ରଦର୍ଶନୀ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହି ଉତ୍ସବରେ ପୁରୀ, ନିମାପଡ଼ା, ପିପିଲି ଓ ଭୁବନେଶ୍ୱରର ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ଓ ଆଲୋଚକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ନୋସି କଲଚ୍ୟୁରାଲ ଏକାଡେମିର ମୁଖ୍ୟ ଉପଦେଷ୍ଟା ଶିଳ୍ପୀ କେଶୁଦାସ ଜଣାଇଛନ୍ତି।

# ପହଲଗାମ ଆତଙ୍କୀ ଆକ୍ରମଣରେ ମୃତ ପ୍ରଶାନ୍ତ ଶତପଥୀଙ୍କ ପାଇଁ ଶୋକାଞ୍ଜଳି




ବାଲେଶ୍ୱର, ୩୦/୪ (ନି.ପ୍ର): ଇଶାଣୀ ଗ୍ରାମସ୍ଥ ବୈଶାଖୀ ମହୋତ୍ସବ କମିଟି ତରଫରୁ ୨୨ ତାରିଖ ଅପରାହ୍ଣ ୩ଟା ବେଳେ କାଶ୍ମୀରର ପହଲଗାମ ଆତଙ୍କବାଦୀଙ୍କ ମର୍ମନ୍ତୁଦ ଆକ୍ରମଣରେ ମୃତ୍ୟୁବରଣ କରିଥିବା ୪୧ବର୍ଷ ବୟସର ଯୁବକ ପ୍ରଶାନ୍ତ ଶତପଥୀଙ୍କ ପାଇଁ ଏକ ହୃଦୟ ବିଦାରକ ଶୋକସଭା ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଆଇନଜୀବୀ ଅଶୋକ ସେନାପତିଙ୍କ ପୌରୋହିତ୍ୟରେ "ମଣିଷ ମଣିଷ ଭିତରେ ବର୍ଷବର୍ଷର ଅମାନୁଷିକ ଅତ୍ୟାଚାର କ୍ରମଶଃ ପାଶବିକତାର ରୂପ ନେଉଛି" ବୋଲି ସ୍ମୃତିସଭାରେ ଉପସ୍ଥିତ ସମସ୍ତ ଶୋକାକୁଳ ଗ୍ରାମବାସୀ ସଦସ୍ୟମାନେ ମନସ୍ତାପ କରିଥିଲେ। ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବ, ସାଧାରଣ ସଂପାଦକ ଭାଗବତ ସାହୁ, ଉପସଭାପତି ନରେନ୍ଦ୍ର ଦାସ, ଉପସଭାନେତ୍ରୀ ସାରିକା କର, ଉପଦେଷ୍ଟା ଆଇନଜୀବୀ ରବୀନ୍ଦ୍ର ନାୟକ, ବରିଷ୍ଠ ସଭ୍ୟ ରବୀନ୍ଦ୍ର ମାଝୀ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଚଞ୍ଚଳ ବର୍ଦ୍ଧନ, ସଭ୍ୟ ରମେଶ ବେହେରା, ଡମ୍ବରୁଧର ଦାସ, ମିନିକ ସିଂ, ମନ୍ମଥ ମାଝୀ, ମହେନ୍ଦ୍ର ମହାଳିକ, ଦୀନବନ୍ଧୁ ଦାସ, ମନୋରଞ୍ଜନ ସେଠୀ, ରବୀନ୍ଦ୍ର ମଲ୍ଲୁଆଳ, ଅଜୟ କୁମାର ବେହେରା, ଦୀନବନ୍ଧୁ ବେହେରା ପ୍ରମୁଖ ସ୍ୱର୍ଗୀୟ ପ୍ରଶାନ୍ତ (ମୁନା)ଙ୍କ ପାଇଁ ନିଜନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜୟଦେବ ସ୍ମୃତି କମିଟି ପକ୍ଷରୁ ଜୟଦେବ ଜୟନ୍ତୀ ପାଳିତ



ବାଲେଶ୍ୱର, ୩୦/୪ (ନି.ପ୍ର): ଜୟଦେବ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ବୁଧବାର ଜୟଦେବ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଷ୍ଣୁପ୍ରସାଦ ମହାନ୍ତି, ଇଂ. ହୃଷିକେଶ ସାହୁ, ଶଶିରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ କବି ଜୟଦେବଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଗୁରୁ ସତ୍ୟରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଗଣ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦଯାପନୀ ସଭାକୁ ରେମୁଣା ଇସ୍??କନ ମନ୍ଦିରର ମୁଖ୍ୟ ପ୍ରଭୁ ମୁକୁନ୍ଦ ଚୈତନ୍ୟ ମହାରାଜ ଉଦ୍‌ଘାଟନ କରି କବି ଜୟଦେବ ଯେପରି ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତିରେ ବିଲୀନ ହୋଇ ଯାଇଥିଲେ ସେହିଭଳି ଭକ୍ତିର ମହାଭାବ ଆମଭଳି ସାଧାରଣ ବ୍ୟକ୍ତିଙ୍କ ମନରେ ଉଦ୍ରେକ ହେଲେ ଆମ ଜୀବନ ସାର୍ଥକ ହେବ ବୋଲି କହିଥିଲେ। ମୁଖ୍ୟଅତିଥି କବି ପ୍ରଶାନ୍ତ ଦାସ କହିଲେ ସଙ୍ଗୀତ ହିଁ ମାନବ ଜୀବନ ପାଇଁ ମହୌଷଧି। ମାନବୀୟ ଲୀଳା ପାଇଁ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ପ୍ରତ୍ୟେକ ଦିନ ଜୟଦେବକୃତ ଗୀତଗୋବିନ୍ଦ ଶ୍ରବଣ କରି ପ୍ରସନ୍ନ ହୁଅନ୍ତି। ଭକ୍ତ ଜୟଦେବଙ୍କ ଅସମ୍ପୂର୍ଣ୍ଣ ଗୀତଗୋବିନ୍ଦକୁ ସେ ନିଜେ ହିଁ ସଂପୂର୍ଣ୍ଣ କରିଛନ୍ତି। ସେଇଥିପାଇଁ ଜୟଦେବ ହେଉଛନ୍ତି ଓଡ଼ିଆ ପ୍ରାଣର କବି। ଅନ୍ୟତମ ଅତିଥି ଡାକ୍ତର ଜୟନ୍ତ କୁମାର ଦାସ ଜୟଦେବଙ୍କ ସଂପର୍କରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଂପାଦକ ଗୁରୁ ସତ୍ୟରଂଜନ ମହାନ୍ତି ଉତ୍ସବ ସଂପର୍କରେ ସୂଚନା ପ୍ରଦାନ କରିଥିବା ବେଳେ କବି ଦୀପକ ବୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବାଦ୍ୟଶିଳ୍ପୀ ବଂଶୀଧର ସାହୁ, ଜୟନ୍ତ ବେହେରା, ସୁବାସ ସିଂହ, ସତ୍ୟନାରାୟଣ ଦାଶ, ବଂଶୀଧର ରଣା, ସଞ୍ଜୀବ ବେହେରା ଓ ସୁଶାନ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଜିତାନନ୍ଦ ଗୋସ୍ୱାମୀ ଅତିଥିଙ୍କୁ ମଞ୍ଚ ଆବାହନ କରିଥିବାବେଳେ ବଂଶୀଧର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଗୁରୁ ସତ୍ୟରଂଜନ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ମୃତିସ୍ୱରୂପା, ଶ୍ୱେତାଲିସା, ପ୍ରୟାସୀ, ଶ୍ରେୟାସର୍ବାଣୀ, ସୁଭଦ୍ରା, ହରପ୍ରିୟା, ଏସ୍‌କେ ଦିବ୍ୟାଂଶୀ, ଶୁଭାଙ୍ଗୀ, ଦୀପ୍ତରାଗ, ଦିଗ୍‌ବିଜୟ, ସ୍ଥିତପ୍ରଜ୍ଞ, ରଜତ, ଆରୟାନ, ଆର.ତନିଶ କୁମାର, ଦିବ୍ୟଜ୍ୟୋତି, କମଳାକ୍ଷ୍ୟ, ସାଇ ଶୁଭମ୍, ରିସବରାଜ, ଦିଶା ଅପନା, ଝାନସୀ, ଏଲିସା, ସାଇଦିବ୍ୟାଂଶୀ, ହର୍ଷିତା, ଜାଗୃତି ପ୍ରମୁଖ ଜୟଦେବ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ସଙ୍ଗୀତପ୍ରେମୀ ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ ଅକ୍ଷୟ ତୃତୀୟା ପାଳନ



ବାଲିଆପାଳ , ୩୦/୪ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ବେତଗଡ଼ିଆ ପଞ୍ଚାୟତ ଅଧିନସ୍ଥ ନାରାୟଣପୁର ଗ୍ରାମରେ ଟାଟା ଷ୍ଟିଲ ଫାଉଣ୍ଡେସନ ଏବଂ ସୁବର୍ଣ୍ଣରେଖା ବନ୍ଦର ତରଫରୁ ପବିତ୍ର ଅକ୍ଷୟତୃତୀୟା ଅବସରରେ ରୀତିନୀତିରେ ପୂଜାର୍ଚ୍ଚନା କରିବା ପରେ ହଳ ବୁଲାଇ ଅଖିମୁଠି ଅନୁକୂଳ କରାଯାଇଛି । ଆଜି ହେଉଛି ଓଡ଼ିଆଙ୍କ ପାଇଁ ଏକ ବହୁତ ବଡପର୍ବ । ଏହି ପର୍ବରେ ସମଗ୍ର କୃଷକ ସମାଜ ନିଜର କୃଷି କାର୍ଯ୍ୟ ଆରମ୍ଭ କରିବା ସହ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥକାଠ ଅନୁକୂଳ ହୁଏ । ଆଜିର ଏହି କାର୍ଯ୍ୟକ୍ରମରେ ସ୍ୱେଶାଲ ଏଲଓ ଧର୍ମେନ୍ଦ୍ର ଶତପଥି,ଏସପିପିଏଲ ଆଡ଼ମିନ ହେଡ୍ ବିରଜା ଶଙ୍କର ଦାସ ଯୋଗ ଦେଇ ଅଖିମୁଠି କାର୍ଯ୍ୟକ୍ରମକୁ ଅନୁକୂଳ କରିଥିଲେ। ଏହି ପର୍ବରେ ଗ୍ରାମର ଅନେକ ଚାଷୀ ଭାଇ ଓ ମା' ମାନେ ଉପସ୍ଥିତ ଥିଲେ । ଟାଟା ଷ୍ଟିଲ ଫାଉଣ୍ଡେସନ ର ସମସ୍ତ କର୍ମକର୍ତ୍ତାମାନେ ଏହାକୁ ପରିଚାଳନା କରିଥିଲେ।

# ୨୦ତମ ବିବାହ ବାର୍ଷିକୀ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ



ବାଲେଶ୍ୱର, ୩୦/୪ (ନି.ପ୍ର): ପରିବେଶ ବିତ ସୁମନ୍ତ ଜେନା ଓ ସୁଲୋଚନା ଜେନାଙ୍କ ୨୦ତମ ବିବାହ ବାର୍ଷିକୀ ଉପଲକ୍ଷେ ବୁଧବାର ଦିନ ଏକ ରକ୍ତଦାନ ଶିବିର ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ଆନୁକୂଲ୍ୟରେ ମାଥାନୀ ସ୍ଥିତ ନିଜ ବାସଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମୁଖ୍ୟଅତିଥିଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମଣିଷର ଜୀବନ ରକ୍ଷାରେ ରକ୍ତର ଆବଶ୍ୟକତା ସମ୍ପର୍କରେ ସୂଚନା ଦେବା ସହ ଏଭଳି ମହତ କାର୍ଯ୍ୟ ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି ସେ କହିଥିଲେ । ଅନ୍ୟତମ ଅତିଥିଭାବେ ଜିଲ୍ଲା ରକ୍ତଦାତା ସଂଘର କମଳ ଚକ୍ରବର୍ତ୍ତୀ,ଏସଡିପିଓ ମାନସ ଦେବ, ବସ୍ତା ଥାନା ଅଧିକାରୀ ରଞ୍ଜିତ କୁମାର ସାହୁ, ଶ୍ୟାମା ପ୍ରସାଦ ବେହେରା, ଅଧ୍ୟାପକ ସୁମନ୍ତ ଗିରୀ, ଡ଼. ଅଜିତ ମହାନ୍ତି, ମନୋରଞ୍ଜନ ଦାସ, ସ୍ଥାନୀୟ ସରପଞ୍ଚ ଗୌରାଙ୍ଗ ବେହେରା, ସମିତି ସଭ୍ୟ ପ୍ରକାଶ ବେହେରା, ସୁବ୍ରତ ଘୋଷ, ସର୍ବେଶ୍ୱର ଜେନା, କୁମୁଦ ରଞ୍ଜନ ଗିରୀ, ରବୀନ୍ଦ୍ର ଦାସ ପ୍ରମୁଖ ଯୋଗଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ସ୍ୱେଚ୍ଛାସେବୀ ସଂଗଠନ ମେ ଆଇ ହେଲ୍ପ ୟୁ ପରିବାର, ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ଓ କେନ୍ଦୁଝରର ଯୁବ ରକ୍ତଦାତା ମୀନକେତନ ଙ୍କୁ ସ୍ମୃତି କମିଟି ପକ୍ଷରୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢ଼ୌକନ ଓ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବହୁ ବିଶିଷ୍ଟ ବ୍ୟକ୍ତି, ଶୁଭେଚ୍ଛୁ, ସାମାଜିକ ସଂଗଠନର କର୍ମକର୍ତ୍ତା ମାନେ ଯୋଗଦେଇ ଜେନା ଦମ୍ପତିଙ୍କୁ ବିବାହ ବାର୍ଷିକୀର ଶୁଭେଚ୍ଛା ଜ୍ଞାପନ କରିଥିଲେ ।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆର୍ଥିକ ସଚେତନତା ଶିବିର



ଖଇରା, ୩୦/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ଖଇରା ମହାବିଦ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଆର୍ଥୀକ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶରତ କୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଶିବିରରେ ଖଇରା ୟୁକୋ ବ୍ୟାଙ୍କ ଶାଖାର ପରିଚାଳକ ଆନନ୍ଦ କୁମାର ପାଣ୍ଡେ ଓ ୟୁନିଅନ ବ୍ୟାଙ୍କ ଶାଖାର ପରିଚାଳକ ଏୟାନିଟସ ତିର୍କୀ ଯୋଗ ଦେଇ ବ୍ୟାଙ୍କ ତରଫରୁ ବରିଷ୍ଠ ନାଗରିକ ମାନଙ୍କୁ ଦିଆଯାଉଥିବା ବିଶେଷ ସୁବିଧା ଉପରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ପାଦକ ମୁକ୍ତିକାନ୍ତ ଶତପଥି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନାମ ଚରଣ ପଣ୍ଡା, ନାରାୟଣ ପେଡା, ଅରୁଣ କୁମାର ସ୍ୱାଇଁ, ବୁଦ୍ଧିରାମ ପାଣିଗ୍ରାହୀ, ବିନୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବାସୁଦେବପୁର ସୌରଭ ସମ୍ମାନର ପଞ୍ଚମ ଦିବସ



ବାସୁଦେବପୁର, ୩୦/୪ (ନି.ପ୍ର): ବାସୁଦେବପୁର ବାଲି ନଗର ଯାଦବ ପଡିଆ ଠାରେ ନବ ନିର୍ମାଣ ସେନା ପକ୍ଷରୁ ସପ୍ତମ ବାସୁଦେବପୁର ସୌରଭ ସମ୍ମାନର ପଞ୍ଚମ ଦିବସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଅମୃତ ଦର୍ଶନ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମାଜ ସେବୀ ମାନସ ସାହୁ, ଆଡଭୋକେଟ ପ୍ରଦୀପ କୁମାର ମହାନ୍ତି, ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାକୁଡ଼ ପ୍ରମୁଖ ଅତିଥି ଓ ବକ୍ତା ଭାବେ ଯୋଗ ଦେଇ କଳା, ସାହିତ୍ୟ, ସଂସ୍କୃତି, ଦେଶପ୍ରେମ ଓ ଜାତୀୟତା ବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ନବ ନିର୍ମାଣ ସେନାର ସଭାପତି ଜୟ ପ୍ରକାଶ ମଲ୍ଲିକ ସମସ୍ତ ଅତିଥି ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ସମାଜ ସେବୀ ଗଗନ ବିହାରୀ ସେଠି ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ସାଇ ଶିବ ଦନ୍ତ ଚିକିତ୍ସାଳୟ ର ନିର୍ଦ୍ଦେଶକ ରବୀନ୍ଦ୍ର ରାଉଳ ଓ ଅନ୍ୟାନ୍ୟ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। କୁନି କୁନି କଳାକାର ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସମାଜ ସେବୀ ଗଗନ ବିହାରୀ ସେଠୀ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ଅଲେଖ ମନୋରଞ୍ଜନ ଏକାଡେମୀର କଳାକାର ଓ ଅନ୍ୟ ମାନେ ଅଂଶ ଗ୍ରହଣ କରିଥିଲେ। ସଙ୍ଗୀତ, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଖୁବ୍ ଆକର୍ଷଣୀୟ ହୋଇଥିଲା। ଏହି ଉତ୍ସବରେ ନବ ନିର୍ମାଣ ସେନାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।ଏହି ବାଲି ନଗର ପଡ଼ିଆରେ ଆକର୍ଷଣୀୟ ମେଳାରେ ପୁସ୍ତକ ପ୍ରକାଶକ ଓ ବିକ୍ରେତା କାହାଣୀ, ସାଇନାଥ ଓ ବିବେକାନନ୍ଦ ଯୁବ ସଂଗଠନ ଯୋଗ ଦେଇଛନ୍ତି । ବିଭିନ୍ନ ପ୍ରକାରର ପୁସ୍ତକ ଯଥା କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ଧର୍ମ ପୁସ୍ତକ, ବିଜ୍ଞାନ ପୁସ୍ତକ, ମହା ପୁରୁଷଙ୍କ ଜୀବନୀ , ପିଲା ମାନଙ୍କ ପାଇଁ ବିଭିନ୍ନ ଶିଶୁ ସାହିତ୍ୟ ପୁସ୍ତକ ପ୍ରଭୃତି ବିକ୍ରି ଚାଲିଛି ଓ ପାଠକ ବନ୍ଧୁ ମାନେ ବହି କିଣି ଆନନ୍ଦ ପାଉଛନ୍ତି। ପୁସ୍ତକ ବ୍ୟତୀତ ବିଭିନ୍ନ ଜିଲ୍ଲାରୁ ମନୋହରୀ ଦୋକାନ, ମିନା ବଜାର, ଗୃହ ଉପକରଣ, ବିଭିନ୍ନ ଲୁଗା ଦୋକାନ ଏହି ମେଳାରେ ଅଂଶ ଗ୍ରହଣ କରିଛନ୍ତି। ଏହି ଉତ୍ସବ ଏପ୍ରିଲ୍ ମାସ ଚାରି ତାରିଖରେ ଉଦଯାପନ ହେବ।

# ଶାଳିକୋଠା ବାବା କିଶୋରେଶ୍ୱର ମହାଦେବଙ୍କ ନିଶାର୍ଦ୍ଧରେ ଘଟୋତ୍ତଳନ ସହିତ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ



ଜଳେଶ୍ୱର, ୩୦/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶାଳିକୋଠା ବାବା ଶ୍ରୀ ଶ୍ରୀ କିଶୋରେଶ୍ୱର ମହାଦେବଙ୍କ ଚଡ଼କ ଯାତ୍ରା ଉପଲକ୍ଷେ କାଲି ନିଶାର୍ଦ୍ଧ ରାତ୍ରୀରେ ଘଟୋତ୍ତଳନ ସହିତ ଆତସ ବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ସୂଚନାରୁ ପ୍ରକାଶ ଯେ ଆଜକୁ ୨୩ ବର୍ଷ ପରେ ଶ୍ରୀ ଶ୍ରୀ କିଶୋରେଶ୍ୱର ମହାଦେବଙ୍କ ଚଡ଼କ ଯାତ୍ରା ଉପଲକ୍ଷେ ଚଳିତ ମାସ ୧୩ ତାରିଖ ରବିବାର ଦିନ ପ୍ରଥମେ କିଶୋରେଶ୍ୱର ମହାଦେବଙ୍କ କୁମାର ପାଟଭକ୍ତା ବିଜୟ କୁମାର ପ୍ରଧାନ ଉପବିତ ଧାରଣ କରିଥିଲେ ।୧୪ ତାରିଖ ସୋମବାର ଦିନ ଦୋଳପଡିଶା ସୁବୁଧ କୁମାର ମହାନ୍ତି,ଭଣ୍ଡାରଘରିଆ ଶକ୍ତିଦତ୍ତ ଭୂୟାଁ,ପଡ଼ିହାରି କାଳିକୃଷ୍ଣ ହୋଇ,କଟୁଆଳ ଶ୍ରୀହରି ପ୍ରାମାଣିକ,ଭୋଗସ୍ୱାମୀ ବିଜୟ କୁମାର ଗିରି,ଚନ୍ଦନୀୟାପାତ୍ର ଭୋବାନ ମୋହନ ଜେନା,ଚେମାମାଳି ସତ୍ୟନାରାୟଣ ଜେନା,ଦଣ୍ଡସ୍ୱାମୀ ଜୟନାରାୟଣ ଜେନା,ବେତବାରିକ ହରି ବାରିକ,ଦାଣ୍ଡୁଣୀୟାପାତ୍ର ରମାକାନ୍ତ ଜେନା,ମନ୍ମଥଷଣ୍ଢ ସପନ ଭୂୟାଁ,କପିଳାଗାଈ ତ୍ରିବିକ୍ରମ ଦେ,ଘଟୁଆଳ ଶାଗର ଭୂୟାଁ ଓ ନିଶାହାଡ଼ି ମିଟିକା ବଡୁ ଏହିପରି ଭାବେ ଆଉ ୧୨ ଜଣ ବକ୍ତା ଉପବିତ ଧାରଣ କରି ମୋଟ ୧୩ ବକ୍ତା ପୂରଣ ହୋଇଥିଲା ।କାଲି ନିଶାର୍ଦ୍ଧ ରାତ୍ରୀରେ ଘଟୋତ୍ତଳନ କାର୍ଯ୍ୟକ୍ରମ ମହା ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଘଟୋତ୍ତଳନ କାର୍ଯ୍ୟକ୍ରମ ସାଙ୍ଗକୁ ୱେଷ୍ଟ ବେଙ୍ଗଲର ଖାକୁର୍ଦ୍ଦା,ୱେଷ୍ଟ ବେଙ୍ଗଲର ଏଗରା ଏବଂ ଶାଳିକୋଠା ଗ୍ରାମର ସଞ୍ଜୟ ଖଟୁଆ ଏବଂ ବରୁଣ ଜେନାଙ୍କ ଦ୍ୱାରା ପରିଚାଳିତ ଅହୋ ରାତ୍ର ବ୍ୟାପୀ ଆତସ ବାଜିର କାର୍ଯ୍ୟକ୍ରମ ସହିତ ତା ସାଙ୍ଗକୁ ବିଭିନ୍ନ ଗ୍ରୁପର ୧୦୦ ଜଣ ବାଦ୍ୟ କାରଙ୍କୁ ନେଇ ଏକ ଖୁସିର ମାହୋଲ ସୃଷ୍ଟି କରାଯାଇ ଥିଲା । ମେ ମାସ ୧୬ ତାରିଖ ଦିନ ନୀଳ ଉତ୍ସବ ଆହୋଜିତ ହେବା ସହିତ ୧୭ ତାରିଖ ଦିନ ପାଟ ଉତ୍ସବ ସହିତ ତିନି ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅର୍କେଷ୍ଟ୍ରା ଓ ନାଟ୍ୟାଭିନୟ ଅନୁଷ୍ଠିତ ହେବ ବୋଲି କୁମାର ପାଟଭକ୍ତା ବିଜୟ କୁମାର ପ୍ରଧାନ ଓ ଗ୍ରାମର ପରିଚାଳନା କମିଟିର ସଭାପତି ଗଣେଶ ଚନ୍ଦ୍ର ପରିଡ଼ା ପ୍ରକାଶ କରିଛନ୍ତି ।ଏହିସବୁ କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଯୋବ ଗୋଷ୍ଠି ମାନେ ଶାନ୍ତି ଓ ଶୃଙ୍ଖଳାର ସହିତ ପରିଚାଳନା କରିଥିଲେ।

# ନିୟନ୍ତ୍ରଣ ରେଖାରେ ପାକିସ୍ତାନର ପୁଣି ଅସ୍ତ୍ର ବିରତି ଉଲ୍ଲଂଘନ

ଶ୍ରୀନଗର, ୩୦/୪: ଜମ୍ମୁ କଶ୍ମୀରର ପହଲଗାମରେ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ନିୟନ୍ତ୍ରଣ ରେଖା ନିକଟରେ ଲଗାତର ଅସ୍ତ୍ର ବିରତିର ଉଲ୍ଲଂଘନ କରୁଛି । ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିବା ମଧ୍ୟରେ ପାକିସ୍ତାନର ସେନା ଏପ୍ରିଏ ୨୨ ରାତିରୁ ଗୁଳିକାଣ୍ଡ କରୁଛନ୍ତି । ଭାରତୀୟ ସେନା କହିଛି ଯେ, ଏପ୍ରିଲ ୨୯-୩୦ ରାତିରେ ପାକିସ୍ତାନ ସେନାର ଚୌକରୁ ଜମ୍ମୁ କଶ୍ମୀରର ନୌଶେରା, ସୁନ୍ଦରବନି ଓ ଅଖନୁର ସେକ୍ଟର ନିକଟରେ ନିୟନ୍ତ୍ରଣ ରେଖା ସେପଟୁ ଗୁଳି ଚଳାଉଛି । ଭାରତୀୟ ସେନାର ଯବାନ ଏହାର ଜବାବ୍ ଦେଉଛନ୍ତି ।

# ଟ୍ରେନ ଦୁର୍ଘଟଣାରେ ଯୁବକ ଗୁରୁତର: କଟିଲା ହାତର ତିନି ଆଙ୍ଗୁଠି

ନୀଳଗିରି, ୩୦/୪ (ନି.ପ୍ର): ଟ୍ରେନ ଦୁର୍ଘଟଣାରେ ଜଣେ ଅଜଣା ଯୁବକ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ନୀଳଗିରି ଗୋପୀନାଥପୁରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ସମୟରେ ପୁହୁଣି ନିକଟରେ ଉକ୍ତ ମେମୁଟ୍ରେନ ଧକ୍କାରେ ଏଭଳି ଦୁର୍ଘଟଣା ଘଟିଥିବା ଜଣାଯାଇଛି। ଯୁବକ ଜଣଙ୍କ ରେଳଲାଇନ ପାର ହେଉଥିବାବେଳେ ଟ୍ରେନଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ବାମହାତର ତିନୋଟି ଆଙ୍ଗୁଳି କଟିଯାଇ ସେଠାରେ ପଡ଼ିଥିବା ବେଳେ ଯୁବକଙ୍କ ଗୋଡ଼ରେ ଗଭୀର ଆଘାତ ହୋଇଥିବା ସୂଚନା ମିଳିଛି। ଯୁବକ ଜଣକ ବାହାର ରାଜ୍ୟର ବୋଲି ଜଣାଯାଇଛି। ତେବେ ଗୁରୁତର ଯୁବକ ଜଣକୁ ସ୍ଥାନୀୟ ଯୁବକଙ୍କ ସହାୟତାରେ ଲୋକ ପାଇଲଟ ଟ୍ରେନରେ ବାଲେଶ୍ୱର ହସ୍ପିଟାଲ ନେଇଯାଇଥିଲେ ।ପ୍ରଥମେ ବାଲେଶ୍ୱର ମେଡିକାଲରେ ଚିକିତ୍ସାପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida